R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୫୬
ତିଥି : ଦଶମୀ
୩୦ ନଭେମ୍ବର ୨୦୨୫, ରବିବାର
ସମ୍ବଲପୁର ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 56
30 November 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଶ୍ରୀଲଙ୍କାରେ ତାଣ୍ଡବ ପରେ 'ଦିତ୍‌ୱାହ' ଭାରତ ମୁହାଁ

**■ ଆଜି ଭାରତରେ କରିପାରେ ଲ୍ୟାଣ୍ଡଫଲ୍**

**■ ବାତ୍ୟା ଯୋଗୁଁ ୧୫୩ ମୃତ, ୧୯୧ ନିଖୋଜ**

ନୂଆଦିଲ୍ଲୀ, ୨୯ ।୧୧ : ସାମୁଦ୍ରିକ ବାତ୍ୟା ଦିତ୍-ୱାହ ପ୍ରଭାବରେ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ୧୫୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୯୧ ଏବେ ନିଖୋଜ ଅଛନ୍ତି । ତେବେ ଏହି ବାତ୍ୟା ଏବେ ଭାରତ ମୁହାଁ ହୋଇଛି । ଶ୍ରୀଲଙ୍କାରେ ବାତ୍ୟା ଓ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନ ହୋଇଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇ ଦିଆଯାଇଛି ଯେ ଏହି ସାମୁଦ୍ରିକ ବାତ୍ୟାଟି ଉତ୍ତର ଓ ଉତ୍ତର-ପଶ୍ଚିମ ଆଡକୁ ଅଗ୍ରସର ହେଉଛି । ଆସନ୍ତାକାଲି ଭାରତରେ ଲ୍ୟାଣ୍ଡଫଲ୍ ବା ଭୂପୃଷ୍ଠକୁ ଛୁଇଁବ ବୋଲି ଆକଳନ କରାଯାଉଛି । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ନିକଟସ୍ଥ ଉତ୍ତର-ତାମିଲନାଡୁ, ପୁଡୁଚେରୀ ଏବଂ ଆନ୍ଧ୍ରର ଦକ୍ଷିଣ ଉପକୂଳରେ ରବିବାର ସକାଳ ସୁଦ୍ଧା ପହଞ୍ଚିବ । ଏହାର ପ୍ରଭାବରେ ଦକ୍ଷିଣ ଭାରତରେ ବ୍ୟାପକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

(୯ ପୃଷ୍ଠାରେ)

## ୧୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୯ ।୧୧ (ସବ୍ୟୁ): ଦେଶର ୫ ରାଜ୍ୟରେ ମାଓବାଦୀଙ୍କୁ ତ୍ରାହି ନାହିଁ । ଯବାନଙ୍କ ଘନଘନ ଅପରେସନ ଏବଂ ଏନକାଉଣ୍ଟରରେ ମାଓବାଦୀ ସଂଗଠନରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି । ମାଓବାଦୀ ଜୀବନ ବଞ୍ଚାଇବା ପାଇଁ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ମହାରାଷ୍ଟ୍ରରେ ଦୁର୍ଦାନ୍ତ ମାଓ ନେତା ଅନନ୍ତ ସହ ୧୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।

ଅନନ୍ତ ହେଉଛି ମହାରାଷ୍ଟ୍ର, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ମାଓ ସଂଗଠନର ମୁଖ୍ୟ ସଚିବ । ଶୁକ୍ରବାର ଅନନ୍ତ ଏକ ଅଡିଓ ଟେପ୍ ଜାରି କରିବା ସହ ପ୍ରେସ ନୋଟ୍ ଜାରି କରିଥିଲା । ଯେଉଁଥିରେ ସେ ଅନ୍ୟ ମାଓବାଦୀମାନଙ୍କୁ ଯେତେ ଶୀଘ୍ର ସରକାରଙ୍କ ନିକଟରେ ହତିଆର ଛାଡ଼ିବା ପାଇଁ ଅନୁରୋଧ କରିଥିଲା । ଶନିବାର ଆତ୍ମସମର୍ପଣ କରିଥିବା ମାଓବାଦୀମାନେ

(୯ ପୃଷ୍ଠାରେ)

## ରାସନ କାର୍ଡ କଟିବା ପ୍ରସଙ୍ଗରେ ଗୃହ ସରଗରମ

**ଲୋକଙ୍କ ଉପରେ ବି ଡବଲ ଇଞ୍ଜିନ ମାଡ ହୋଇଛି : ବିଜେଡି**

**ଏବେ ବି ଅନେକ ଜାଗାରେ ଇଣ୍ଟରନେଟ ନାହିଁ : କଂଗ୍ରେସ**

**ଯୋଗ୍ୟ କାର୍ଡ଼ ପାଉଛି, ଅଯୋଗ୍ୟ ହଟୁଛି, ପୀଡ଼ା କାହିଁକି : ବିଜେପି**

ଭୁବନେଶ୍ୱର, ୨୯ ।୧୧ (ସବ୍ୟୁ) : ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର । ଲୋକଙ୍କ ଉପରେ ବି ଡବଲ ଇଞ୍ଜିନ ମାଡ ହୋଇଛି । ଗୋଟିଏ ମହଙ୍ଗା ମାଡ ଓ ଅନ୍ୟଟି ବେକାରୀ । ଏବର ସରକାର ଖାଦ୍ୟ ନିରାପତ୍ତାରେ ଯେତେ ସମ୍ଭବ ଅଧିକ ଲୋକଙ୍କ ରାସନ କାର୍ଡ କାଟିବାରେ ଲାଗିଛନ୍ତି । ବ୍ଲକରେ ରାସନ କାର୍ଡ ପାଇଁ ଲମ୍ବା ଲାଇନ୍ ହେଉଥିବା ଦେଖିବାକୁ ମିଳୁଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ବିରୋଧୀଙ୍କ ଅଭିଯୋଗକୁ କଡ଼ା ଜବାବ ଦେଇଛନ୍ତି ଶାସକ ସଭ୍ୟ । ପୂର୍ବ

(୯ ପୃଷ୍ଠାରେ)

### ୮.୧୬ ଲକ୍ଷ କଟିଛି, ଆଗକୁ ଆହୁରି କଟିବ : ମନ୍ତ୍ରୀ

ଭୁବନେଶ୍ୱର, ୨୯ ।୧୧ (ସବ୍ୟୁ): କେ-ୱାଇସି ଓ ଅନ୍ୟ ସର୍ଭେ ଆଳରେ ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ଼ କଟାଯାଉ ନାହିଁ । ଏବର ସରକାର ଇ-କେୱାଇସି କରିବା ଦ୍ୱାରା ୬ଲକ୍ଷ ୯୫ହଜାର ୫୩୦ ଜଣ ମୃତ ହିତାଧିକାରୀ ଥିବା ଜଣାପଡ଼ିଛି । ସେହିପରି ୭୫ହଜାର ୩୦ ଜଣ ସରକାରୀ

(୯ ପୃଷ୍ଠାରେ)

## ଅଡୁଆରେ ୟୁଟ୍ୟୁବର ଶୁଭଙ୍କର

ପୁରୀ, ୨୯ ।୧୧ (ସବ୍ୟୁ) : ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ ଦେଇ ଏବେ ବିବାଦ ଘେରରରେ ଫସିଛନ୍ତି ଜଣାଶୁଣା ୟୁଟ୍ୟୁବର୍ ଶୁଭଙ୍କର ମିଶ୍ର । ଶୁଭଙ୍କର ମନ୍ତବ୍ୟକୁ ନେଇ ଏବେ ଏକ ସାରା ରାଜ୍ୟରେ ଜଗନ୍ନାଥ ପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଦେଖା ଦେଇଛି ଅସନ୍ତୋଷ । ଶୁଭଂକରଙ୍କ ମନ୍ତବ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ

(୯ ପୃଷ୍ଠାରେ)

## ସଶସ୍ତ୍ର ଡକାୟତି : ଦୁଇ ନାବାଳଙ୍କ ସହ ୮ ଗିରଫ

ଝାରସୁଗୁଡ଼ା, ୨୯ ।୧୧ (ସବ୍ୟୁ) : ଗତ ୧୯ ତାରିଖ ଝାରସୁଗୁଡ଼ା ସହର ବିନାୟକପୁରମ ଗଳି ପାନମସଲା ବ୍ୟବସାୟୀ ମୁକେଶ ବୁଚୱାନୀଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣାର ଶନିବାର ପର୍ଦ୍ଦାଫାଶ କରିଛି ପୁଲିସ । ଏହି ଡକାୟତି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଝାରସୁଗୁଡ଼ା କନ୍ସ କଲୋନୀ ବାବୁଆ ବଗିଚା ଅଞ୍ଚଳର ଅଶୋକ କୁମାର ପଣ୍ଡା (୫୮), ବିହାରର ଭୋଜପୁରର ସଂଜୟ ସିଂହ (୫୩), ଝାରସୁଗୁଡ଼ାରେ ରହୁଥିବା ବୌଦ୍ଧ ଅଞ୍ଚଳର ରାଧାକାନ୍ତ କହଁର (୩୮), କଟକ ଜିଲ୍ଲା ନେମାଳର ଜଗବନ୍ଧୁ ବେହେରା (୫୬), ଜଗତସିଂହପୁର ଜିଲ୍ଲା ପାରାଦୀପ ଅଞ୍ଚଳର କାହାଚରଣ ସ୍ୱାଇଁ (୨୫), ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଅଞ୍ଚଳର


(୯ ପୃଷ୍ଠାରେ)

## ରାଜ୍ୟବାସୀଙ୍କ ଆଶା ଧୂଳିସାତ୍ କରିଛି ଅତିରିକ୍ତ ବଜେଟ୍ : ନବୀନ

ଭୁବନେଶ୍ୱର, ୨୯ ।୧୧ (ସବ୍ୟୁ) : ରାଜ୍ୟ ସରକାରଙ୍କ ଅତିରିକ୍ତ ବଜେଟ୍ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି । ସୋସିଆଲ ମିଡିଆରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ

(୯ ପୃଷ୍ଠାରେ)






# ତିଆରି କରିଥିଲେ ନିଜର ସେନା

ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ଭାଇରାଲ ହୋଇଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଆମେରିକାର ସେହିଭଳି ଏକ ଘଟଣା



ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ସୂଚନା ଅନୁସାରେ ଆମେରିକା ଟେକସାସ୍‌ର ଦୁଇଜଣ ଯୁବକ ଯେଉଁମାନେ ହଲିଉଡ ଫିଲ୍ମ ଭଳି ନିଜର ଏକ ସେନା ନିର୍ମାଣ କରିଛନ୍ତି । ଏହି ସେନା ସାହାଯ୍ୟରେ ସେମାନେ ଏକ ଆଇଲାଣ୍ଡ ଉପରେ କବଜା କରିବେ ବୋଲି ମଧ୍ୟ ସୂଚନା ରହିଛି । ଜଣେ ଯୁବକଙ୍କର ବୟସ ୨୧ ବର୍ଷ ହୋଇଥିବାବେଳେ ଜଣଙ୍କର ୨୦ ବର୍ଷ । ସେହିଭଳି ଏମାନଙ୍କ ଟାର୍ଗେଟରେ ଗୌନାବ ଆଇଲାଣ୍ଡ ରହିଥିଲା, ଯାହାର ଜନସଂଖ୍ୟା ପାଖାପାଖି ୮୭ ହଜାର । ପୋଲିସର ସୂଚନା ହିସାବରେ ୱାଶିଂଟନ ଡିସିର ଯେଉଁ ଲୋକଙ୍କ ପାଖରେ ଘର ନାହିଁ ସେମାନଙ୍କୁ ପଇସାର ଲୋଭ ଦେଖାଇ ନିଜ ଆର୍ମି ଗଠନ କରିଥିଲେ । ତେବେ ବର୍ତ୍ତମାନ ଏହି ଯୁବକଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି ।

୧୭୩୧– ବେଜିଂରେ ଭୂମିକମ୍ପ କାରଣରୁ ପ୍ରାୟ ଏକଲକ୍ଷ ଲୋକଙ୍କ ମୃତ୍ୟୁ ।

୧୮୫୮– ପ୍ରସିଦ୍ଧ ବୈଜ୍ଞାନିକ ଜଗଦିଶ ଚନ୍ଦ୍ର ବୋଷଙ୍କ ଜନ୍ମ ।

୧୯୩୯– ତତ୍କାଳୀନ ସୋଭିଏତ୍‌ରଷ ସୀମା ବିବାଦକୁ ନେଇ ଫିନ୍‌ଲାଣ୍ଡ ଉପରେ ଆକ୍ରମଣ କଲା ।

୧୯୬୫– ଲୋକପ୍ରିୟ କାର୍ଟୁନିଷ୍ଟ କେ.ଶଙ୍କର ପିଲ୍ଲାଇଙ୍କ ଦ୍ୱାରା ଦିଲ୍ଲୀରେ କଣ୍ଢେଇ ସଂଗ୍ରହାଳୟର ସ୍ଥାପନା ।

୧୯୯୭– ଭାରତ–ବାଂଲାଦେଶ ବିବାଦିତ ସୀମା କ୍ଷେତ୍ରକୁ ଯଥାସ୍ଥିତି ରଖିବା ଲାଗି ସହମତି ।

୨୦୦୦– ପ୍ରିୟଙ୍କା ଚୋପ୍ରାଙ୍କୁ ମିସ୍ ୱାର୍ଲ୍ଡ ଟାଇଟଲ ।

୨୦୦୧– ବିଶ୍ୱପ୍ରସିଦ୍ଧ ପପ୍ ଗାୟକ ଜର୍ଜ ହ୍ୟାରିସନ୍‌ଙ୍କ ଦେହାନ୍ତ ।

୨୦୦୪– ବାଂଲାଦେଶ ସଂସଦରେ ମହିଳାମାନଙ୍କ ପାଇଁ ୪୫ ପ୍ରତିଶତ ସିଟ୍ ସଂରକ୍ଷଣ ବିଲ୍ ପାରିତ ।

୨୦୦୮– ମୁମ୍ବାଇ ତାଜ୍ ହୋଟେଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ସରକାର ଫେଡ଼େରାଲ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି ଗଠନ କରିବା ଲାଗି ଘୋଷଣା କରିଥିଲେ ।

# ଲିଚୁ ପାୟସ



**ସାମଗ୍ରୀ–** ଲିଚୁ କୋଳି, ଖୀର, ଅଳ୍ପ ବାସୁମତି ଚାଉଳ, ଖୁଆ, ଚିନି, ଗୁଜୁରାତି ଗୁଣ୍ଡ, ଡ୍ରାଏ ଫ୍ରୁଟ୍ସ ।

**ପ୍ରଣାଳୀ–** ଲିଚୁ କୋଳିକୁ ଚୋପା ଛଡାଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ । ଚାଉଳକୁ ୩୦ ମିନିଟ ପାଇଁ ଭିଜାଇ ରଖନ୍ତୁ । ଏହାପରେ ଗୋଟିଏ ମୋଟା ପାତ୍ରରେ ଖୀର ନେଇ ଗରମ କରନ୍ତୁ । ଏହା ୧୦ ମିନିଟ ଫୁଟିବା ପରେ ଏଥିର ବସୁମତି ଚାଉଳ ପକାଇ ଫୁଟାନ୍ତୁ, ଏହାକୁ ଚାଉଳ ନରମ ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ଚାଉଳ ନରନ ହେବା ପରେ ଏଥିରେ ଲିଚି, ଚିନି ଓ ଖୁଆ ପକାଇ ଫୁଟାନ୍ତୁ । ଅଳ୍ପ ଫୁଟିବା ପରେ ଏଥିରେ ଗୁଜୁରାତି ଗୁଣ୍ଡ ପକାନ୍ତୁ । ଅଳ୍ପ ସମୟରେ ପରେ ଆଞ୍ଚ ବନ୍ଦ କରି ନିଅନ୍ତୁ ଏବଂ ଡ୍ରାଏ ଫ୍ରୁଟ୍ସ ପକାଇ ନିଅନ୍ତୁ ।

# ପଥର ପାଇଁ କୋଟିକୋଟି ଖର୍ଚ୍ଚ



ଜାପାନରେ ଗୋଟିଏ ଛୋଟ ପଥର ପାଇଁ ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଥିବା ଜଣାପଡିଛି । ଏହି ପଥରର ନାଁ ରହିଛି ଓକିନୋଟୋରିଶିମା, ଯାହା ପ୍ରଶାନ୍ତ ମହାସାଗରେ ଜାପାନ ଠାରୁ ୧୭୪୦ କିମି ଦୂରରେ ରହୁଛି । ଏହି ଚଟାଣକୁ ବଞ୍ଚାଇବା ପାଇଁ ଜାପାନ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛି । ସୂଚନା ଅନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ୪.୩ କୋଟି ଟଙ୍କା ଖର୍ଚ୍ଚ ସରିଲାଣି । ଏହାର ଆକାର ଖୁବ ଛୋଟ ହେଲେ ଏହାର ମହତ୍ତ୍ୱ ଖୁବ ଅଧିକ । ଏହାକୁ ବୁଡିବାରୁ ବଞ୍ଚାଇବା ପାଇଁ ଏହାର ଚାରିପଟେ ପଥରର କିଲ୍ଲା ପ୍ରସ୍ତୁତ କରାଯାଇଛି । ସେହିଭଳି ଏହାର ନେଣ୍ଟେନାନ୍ସ ପାଇଁ ପୁରାପୁରି ଏକ ସେନା ରହିଛନ୍ତି । ତେବେ ଏହାପଛରେ ଅନ୍ତରାଷ୍ଟ୍ରୀୟ ସମୁଦ୍ର ନିୟମ ରହିଛି । ଯାହା ଅନୁସାରେ ଜାପାନ ଏହି ଚଟାଣକୁ ସୁରକ୍ଷିତ ରଖିବା ପାଇଁ ଏତେ କାର୍ଯ୍ୟ କରୁଛି ।

## ସୋସିଆଲ କୋଟ୍ସ



"ରଙ୍ଗୀଲା ଫିଲ୍ମରେ ଉର୍ମିଲା ମାତୋଣ୍ଡକର ଡ୍ୟାନ୍ସ ନିଜେନିଜେ କୋରିଓଗ୍ରାଫ କରିଥିଲେ । ସେଦିନ କୋରିଓଗ୍ରାଫର ଆସି ନଥିଲେ ତେଣୁ ସେ ଏହାକୁ ନିଜେ କରିଥିଲେ ।

ରାମ ଗୋପାଲ ବର୍ମା, ଫିଲ୍ମମେକର



"ବଲିଉଡ ହିରୋଙ୍କୁ ସାଉଥରେ ଭିଲିଆନ ଚରିତ୍ର ମିଳିଥାଏ । ଯାହା ମୋତେ ପସନ୍ଦ ଆସେ ନାହିଁ । ତେଣୁ ମୁଁ ସାଉଥ ଠାରୁ ଦୂରରେ ରହେ ।

ସୁନିଲ ସେଟ୍ଟି, ଅଭିନେତା



"ଭାବି ଜୀ ଘର ପର ହେ ସବୁବେଳେ ମୋ ହୃଦୟର ନିକଟତର ରହିବ । ଏହି ସେଟରୁ ମୁଁ ଅନେକ କିଛି ଶିଖିଛି । ଶୋ କୁ ମିସ କରିବି ।

ଶୁଭାଙ୍ଗି, ଅଭିନେତ୍ରୀ

# ଫୁଲରୁ ମିଳେ ଖୁସି

**ଫୁଲ ଆମ ସମସ୍ତଙ୍କ ଜୀବନ ପାଇଁ ଏକ ଆନନ୍ଦପୂର୍ଣ୍ଣ ସୃଷ୍ଟି ନିଶ୍ଚୟ । ଫୁଲଭରା ବଗିଚାରେ କିଛି ସମୟ କାମ କଲେ ଶାରୀରିକ ଶ୍ରମ ସହ ଖୁସି ବି ମିଳେ । ସେହିଭଳି କିଛି ଫୁଲଗଛ ଘରର ବାସ୍ତୁଦୋଷ ଦୂର କରି ସୁଖସମୃଦ୍ଧି ଆଣିଥାଏ ବୋଲି ବିଶ୍ୱାସ ରହିଛି।**

- ବାସ୍ତୁଶାସ୍ତ୍ର ଅନୁସାରେ, ଘର ଅଗଣାରେ ମନ୍ଦାର ଗଛ ରହିବା ଅତ୍ୟନ୍ତ ଶୁଭ । ମନ୍ଦାର ଫୁଲ ଘରକୁ ସକାରାତ୍ମକ ଉର୍ଜ୍ଜା ଆଣିଥାଏ ।
- ପଦ୍ମଫୁଲକୁ ଆଧ୍ୟାତ୍ମିକତାର ପ୍ରତୀକ ବୋଲି ଧରାଯାଏ, ଘର ଅଗଣାରେ ହେଉ ଅବା ବାଡ଼ିପଟେ ପାଣିକୁଣ୍ଡ କରି ସେଥିରେ ଏହି ଫୁଲ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି । ମାତା ଲକ୍ଷ୍ମୀଙ୍କୁ ପଦ୍ମଫୁଲରେ ସଜେଇ ପୂଜା କରାଯାଏ।
- ଘରେ ଗେଣ୍ଡୁ ଗଛ ଲଗାଇବା ଦ୍ୱାରା ମଧ୍ୟ ସୁଖସମୃଦ୍ଧି ବଢ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।
- ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଉଥିବା ଗୋଲାପ ଫୁଲକୁ ବି ଭାଗ୍ୟଶାଳୀ ଫୁଲ ବୋଲି ଅନେକେ କହିଥାନ୍ତି । ବିବିଧ ରଙ୍ଗ ଓ ବାସ୍ନାର ଗୋଲାପ ସଭିଙ୍କର ପ୍ରିୟ।
- ସୌଭାଗ୍ୟର ପ୍ରତୀକ କୁହାଯାଉଥିବା ଚମ୍ପା ଗଛକୁ ବି ଲଗାଇବା ଶୁଭ ହୋଇଥାଏ । ଶିବଙ୍କ ମଥାରେ ମାନସିକ କରି ଚମ୍ପାଫୁଲ ଅର୍ପଣ କରାଯାଇଥାଏ ।
- ଟଗର ଗଛ ବି ଘରେ ସୁଖଶାନ୍ତି ବୃଦ୍ଧି କରିଥାଏ । ଯାହାଙ୍କ ଅଗଣାରେ ଏହି ଗଛ ରହିଥାଏ ସେଠାରେ ପ୍ରଭୁଙ୍କର ବାସ ହୋଇଥାଏ ବୋଲି ବିଶ୍ୱାସ ରହିଛି ।
- ରାତି ଶେଷରେ ଝରିଯାଉଥିବା ଗଙ୍ଗଶିଉଳି ଫୁଲର ଭୁରୁଭୁରୁ ବାସ୍ନା ମନରେ ଶାନ୍ତି ଭରିଦିଏ । ଏହାର ପତ୍ର ଓ ଫୁଲରେ ଅନେକଗୁଡ଼ିଏ ଔଷଧୀୟ ଉପକାରିତା ରହିଛି ।

ଉତ୍କଳାନନ୍ଦ ଅଜୟ କୁମାର ବେହେରା
ମୋ – ୯୪୩୭୦୩୧୨୫୩





## ବଲିଉଡରେ ବି ସମାନ ସ୍ଥିତି


ଅନେକ ସମୟରେ ଅଭିନେତ୍ରୀଙ୍କୁ ଗୋଟିଏ ଗୋଟିଏ ବସ୍ତୁ ଭଳି ପ୍ରଦର୍ଶନ କରିବାର ଅଭିଯୋଗ ସାଉଥ୍ ଇଣ୍ଡଷ୍ଟ୍ରୀ ଉପରେ ଲାଗିଥାଏ । ହେଲେ ଏହି ସଂକ୍ରାନ୍ତରେ ସାଉଥ ଅଭିନେତ୍ରୀ ରାଶି ଖନ୍ନା ନିଜର ମତ ଦେଇଛନ୍ତି, ଯାହା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ରାଶି ବଲିଉଡ ଓ ସାଉଥ ଉଭୟ ସ୍ଥାନରେ କାର୍ଯ୍ୟ କରିଛନ୍ତି । ତାଙ୍କ ମତରେ କେବଳ ସାଉଥରେ ଅଭିନେତ୍ରୀଙ୍କ ସହିତ ଏଭଳି ନୁହେଁ ଏପରି ନୁହେଁ ବଲିଉଡରେ ମଧ୍ୟ ସମାନ ଘଟଣା ଘଟିଥାଏ । ସବୁସ୍ଥାନରେ ଅଭିନେତ୍ରୀଙ୍କୁ ଏଭଳି ପରିସ୍ଥିତିର ସାମନା କରିବାକୁ ପଡିଥାଏ । ସେହିଭଳି ତାଙ୍କ ଅନୁସାରେ କିଛି ଆକ୍ଟର ଏଭଳି ପରିସ୍ଥିତିକୁ ସହଜରେ ଗ୍ରହଣ କରନ୍ତି ହେଲେ କିଛି କରିପାରନ୍ତି ନାହିଁ । କିନ୍ତୁ ବଲିଉଡରେ ମଧ୍ୟ ଏଭଳି ହୋଇଥାଏ । ସେହିଭଳି ସେ ସବୁବେଳେ ନିଜ କାମ କରିବା ପୂର୍ବରୁ କିଭଳି ନିଜେ ସେହି ଚରିତ୍ର ପାଇଁ କମ୍ଫଟେବଲ ହୋଇପାରିବେ ସେନେଇ ଦେଖନ୍ତି । ରାଶିଙ୍କୁ ଖୁବଶୀଘ୍ର ଉସ୍ତାଦ ଭଗତ ସିଂରେ ଦେଖିବାକୁ ମିଳିବ । ପବନ କଲ୍ୟାଣ ଓ ଶ୍ରୀଲିଲାଙ୍କର ଏହି ଫିଲ୍ମଟି ଆସନ୍ତା ବର୍ଷ ରିଲିଜ ହେବା ନେଇ ଯୋଜନା ରହିଛି । ଏହାସହିତ ତାଙ୍କୁ ସାହିଦ କପୁରଙ୍କ ସହିତ ୱେବ ସିରିଜ୍ ଫର୍ଜି ସିଜନ ୨ରେ ଦେଖିବାକୁ ମିଳିବ, ଯାହାର ସୁଟିଂ ଖୁବ ଜଲଦି ଆରମ୍ଭ ହେବ ।

# କପେ କଫିର ଦାମ୍ ଏକଲକ୍ଷ

ଦୁନିଆରେ ଖାଦ୍ୟକୁ ଭଲ ପାଉଥିବା ଅନେକ ଲୋକ ଅଛନ୍ତି । ଏମାନେ ମନ ପସନ୍ଦର ଖାଦ୍ୟ ଖାଇବା ପାଇଁ ଅନେକ ସ୍ଥାନ ବୁଲିବା ସହ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି । ତେବେ ସେହିଭଳି ଲୋକଙ୍କ ପାଇଁ ଅଷ୍ଟ୍ରେଲିଆରେ ଏକ କଫି ସପ୍ ଖୋଲିଛି । ଯେଉଁମାନଙ୍କର କଫି ପସନ୍ଦ ସେମାନଙ୍କ ଏହା ଏକ ଭଲ ଅପସନ୍ । ତେବେ ଏଠାରେ ମିଳୁଥିବା କଫି ନିଜର ଦାମ ପାଇଁ ଭାଇରାଲ ହେବାରେ ଲାଗିଛି । ଏହି କଫି କପର ଦାମ ରହିଛି ୧୫୦୦ ଡଲାର ଅର୍ଥାତ ୧.୨୮ ଲକ୍ଷ । କେବଳ ଯେ ଏହାର ଦାମ ଅଧିକ ତାହା ନୁହେଁ, ଏହାକୁ ପିଇ ବାକୁ ହେଲେ ଆପଣଙ୍କୁ ୨ ସପ୍ତାହ ପୂର୍ବରୁ ଅର୍ଡର ଦେବାକୁ ହୋଇଥାଏ । ତେବେ ଏଥିରେ ବ୍ୟବହାର ହେଉଥିବା କଫିକୁ ଏକ ଜ୍ୱାଳାମୁଖୀ ପାଖରେ ଚାଷ କରାଯାଇଥାଏ । ଏଠାରୁ କଫିକୁ ଆଣିବା ପରେ ଏହାକୁ ଭଜା ଯାଇଥାଏ । ଏପରି ସ୍ୱତନ୍ତ୍ର କଫିରୁ ଏହାକୁ ପ୍ରସ୍ତୁତ କରାଯାଉଥିବାରୁ ଏହାର ଦାମ ଏତେ ଅଧିକ ବୋଲି ରେସ୍ତୋରାଁ ପକ୍ଷରୁ କୁହାଯାଇଛି ।



# ଟ୍ରାଭେଲ୍ ଡାଏଟ୍



**ଟ୍ରାଭେଲ୍ ସମସ୍ତଙ୍କର ପସନ୍ଦ । ତେବେ ଏହି ସମୟରେ ଖାଦ୍ୟପେୟକୁ ନେଇ ସମସ୍ତେ ଚିନ୍ତାରେ ଥାଆନ୍ତି । କାରଣର କୌଣସି ସ୍ଥାନକୁ ଯିବା ସମୟରେ ଖାଦ୍ୟରେ ଏପଟ ସେପଟ ହେଲେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଭୟ ରହିଥାଏ । ତେଣୁ ଏହି ସମୟରେ ଖାଦ୍ୟପେୟର ଉପଯୁକ୍ତ ଧ୍ୟାନ ରଖିବାକୁ ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରିକ ବିଷୟରେ ।**

**ରୋଷ୍ଟେଡ ଫକ୍ସ ନଟ୍ସ–** ଏହା ଏକ ପ୍ରକାରର ପପକନ୍ ଯାହା ବେଶ ସ୍ୱାଦିଷ୍ଟ ହୋଇଥାଏ । ଏହା କେବଳ ସ୍ୱାଦିଷ୍ଟ ନୁହେଁ ଦେହ ପାଇଁ ମଧ୍ୟ ଭଲ । ଏଥିରେ ପ୍ରୋଟିନର ପରିମାଣ ମଧ୍ୟ ଅଧିକ ରହିଥାଏ । ଏହାକୁ ଆପଣ ଟ୍ରାଭେଲ ସମୟରେ କ୍ରେଭିଂକୁ କମାଇବାକୁ ବ୍ୟବହାର କରିପାରିବେ ।

**ଭଜା କାବୁଲିଚଣା –** ଏହା ବୁଲିବା ସମୟରେ ଏକ ହେଲ୍ଦି ସ୍ନାକ୍ସଭାବେ ବ୍ୟବହାର ହୋଇଥାଏ । ଏଥିରେ ପ୍ରୋଟିନ, ଫାଇବର, ମ୍ୟାଗନେସିୟମ,ଜିଙ୍କ୍ ଆଦି ଭରପୂର ମାତ୍ରାରେ ରହିଥାଏ । ଏହାକୁ ଟ୍ରାଭେଲ ସମୟରେ ସ୍ନାକ୍ସରେ ଖାଆନ୍ତୁ ପାଟିକୁ ସୁଆଦିଆ ଲାଗିବାସହ ଶରୀର ପାଇଁ ଭଲ ।

**ଫଳ–** ଏହା ସବୁଠାରୁ ସ୍ୱାସ୍ଥ୍ୟକର ସ୍ନାକ୍ସ ହୋଇଥାଏ । ଏହାକୁ ଯେ କୌଣସି ସମୟରେ ସାଙ୍ଗରେ ନେଇ ଯାଇପାରିବେ । ଏହି ତାଲିକାରେ ନିଜ ପସନ୍ଦର ଫଳ ସାମିଲ କରିପାରିବେ ।

**ବଟର ମିଲ୍କ–** ପାନୀୟରେ ବଟର ମିଲ୍କ ସବୁଠାରୁ ଭଲ ଅପସନ । ଏହା ସୁଆଦିଆ ସହ ସ୍ୱାସ୍ଥ୍ୟକର ମଧ୍ୟ ହୋଇଥାଏ । ଏହାକୁ ନିଜେ ଘରେ ପ୍ରସ୍ତୁତ କରି ସାଙ୍ଗରେ ନେଇପାରିବେ ।

## ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ଗୃହରେ ଉଦବେଗ

# ୨୦ ହଜାର ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଏବେ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ସେଥିମଧ୍ୟରୁ ୨୦୧୫୦ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ୭୩୮୯ଟି କେନ୍ଦ୍ରର ଘର ନିର୍ମାଣାଧୀନ ଅଛି । ୪୫୭୪ ଟି ଅଙ୍ଗନବାଡି କେନ୍ଦ୍ର ସ୍କୁଲ ଘରେ ଚାଲିଛି । ସେହିପରି ୧୦୪୬୯ଟି ଅଙ୍ଗନବାଡି କେନ୍ଦ୍ର କମ୍ୟୁନିଟି ସେଣ୍ଟରରେ ଚାଲିଥିବା ବେଳେ ୩୮୯୦ଟି ଅଙ୍ଗନବାଡି ଭଡା ଘରେ ଚାଲିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଶନିବାର ବିଧାନସଭାରେ ପ୍ରଶ୍ନକାଳରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ଖୁବଶୀଘ୍ର ସାରା ରାଜ୍ୟରେ ନିଜସ୍ୱ ଗୃହରେ ଚାଲିବ ସବୁ ଅଙ୍ଗନବାଡି କେନ୍ଦ୍ର । ଜାଗା ନମିଳିଲେ ପଞ୍ଚାୟତିରାଜ ବିଭାଗ ସହଯୋଗରେ ଜାଗା କିଣି ଚଲାଯିବ ଅଙ୍ଗନବାଡି କେନ୍ଦ୍ର । ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ବିଳମ୍ବ ହେଉଥିବାରୁ ବିଧାୟକମାନେ ଉଦବେଗ ପ୍ରକାଶ କରିଥିଲେ । କେଉଁଠି ଟେଣ୍ଡର୍ ହୋଇ ତିନି ବର୍ଷ ହେଲା ନିର୍ମାଣ ହେଉନି ତ କେଉଁଠି ନିର୍ମାଣ ସରିଥିଲେ ବି କାର୍ଯ୍ୟକ୍ଷମ ହେଉନି । କିଛି ଅଞ୍ଚଳରେ ସରକାରୀ ଜାଗା ନଥିବାରୁ ଅଙ୍ଗନାବଡ଼ି କେନ୍ଦ୍ର ନିର୍ମାଣ ପ୍ରତି ଧ୍ୟାନ ଦିଆଯାଉନ । ପୁଣି ମହାତ୍ମା ଗାନ୍ଧୀ ନରେଗାରେ ବୈଷୟିକ ତ୍ରୁଟି ଯୋଗୁ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପ୍ରଭାବିତ ହେଉଛି । କିଛି ବିଧାୟକ ଏହା ମଧ୍ୟ ଅଭିଯୋଗ କରିଥିଲେ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ବଜେଟ୍ ଥିଲା ବେଳେ କିଛି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅଧପନ୍ତରିଆ ରହିଛି । ସେହି ବଜେଟରେ ତାହାକୁ ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ । ଏ ଦିଗ ପ୍ରତି ସରକାର ଚିନ୍ତା କରନ୍ତୁ । ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଗୃହ ନିର୍ମାଣ କରନ୍ତୁ । ଭଡ଼ା ଘରେ ଚାଲିଥିବା କିଛି କେନ୍ଦ୍ରରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପିଲା ପୁଛନ୍ତି ବୋଲି ଅଭିଯୋଗ ହୋଇଥିଲା ।

ଉପମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ନିଜ ପାଣ୍ଠିରୁ ସବୁ ଅଙ୍ଗନବାଡ଼ି କେନ୍ଦ୍ରର ଘର ନିର୍ମାଣ କରିବେ । ଏବେ ଘର ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ କରାଯାଉଛି । ଯେଉଁଠାରେ ଟେଣ୍ଡର୍ ହୋଇ କାମ ହୋଇନି, ତାହାକୁ ତ୍ୱରାନ୍ୱିତ କରିବାକୁ ପଞ୍ଚାୟତିରାଜ ବିଭାଗ ସହ ଆଲୋଚନା କରାଯିବ । ଯେଉଁଠାରେ ଜାଗା ନାହିଁ, ସେଠାରେ ଜାଗା କିଣି ଘର କରିବା ପାଇଁ ବିଭାଗ ପଦକ୍ଷେପ ନେବ । ସିଡିପିଓମାନେ ଏ ସଂକ୍ରାନ୍ତରେ ପ୍ରସ୍ତାବ ପଠାଇବାକୁ ବିଧାୟକମାନେ ପଦକ୍ଷେପ ନିଅନ୍ତୁ । ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଧାୟକ ପ୍ରତାପ କେଶରୀ ଦେବ, ସନାତନ ବିଜୁଳି, ଶାରଦା ପ୍ରଧାନ, ସିଏସ୍ ରାଜନ ଏକ୍କା, ଦୁଷ୍ମନ୍ତ ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା ଓ ପବିତ୍ର ସାଉଁନ୍ତା ପ୍ରମୁଖ ଭାଗ ଦେଇ ଉଦବେଗ ପ୍ରକାଶ କରିଥିଲେ ।

### ଜମି କିଣାବିକା ଜାଲିଆତି ଅଭିଯୋଗରେ ତତ୍କାଳୀନ ସବରେଜିଷ୍ଟ୍ରାର

## ମୋହରିର ଓ କ୍ରେତାଙ୍କ ବିରୋଧରେ ଟାଉନ ଥାନାରେ ଏତଲା

ପୁରୀ, (ସବ୍ୟୁ): ଜମି କିଣା ବିକାରେ ଜାଲିଆତି ଓ ଚଞ୍ଚକତା ଅଭିଯୋଗରେ ପୁରୀ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଜାଲିଆତି ହୋଇଛି ପୁରୀ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ। ୧୯୮୪ ମସିହା ଅକ୍ଟୋବର ୭ ତାରିଖରୁ ମୃତ୍ୟୁ ବରଣ କରି ଥିବା ଜଣେ ବ୍ୟକ୍ତିଙ୍କ ନାମରେ ଜମି କ୍ରୟ କରି ଥିବା ମହିଳା ଓ ତାଙ୍କ ସ୍ୱାମୀ ଜଣେ ନକଲି ଲୋକକୁ ଛିଡା କରାଇ ଜମି କିଣା ବିକା ଦଲିଲ ସଂପାଦନ କରିଛନ୍ତି। ଫକିର ଉପାଧ୍ୟାୟ ନାମକ ଜଣେ ବ୍ୟକ୍ତି ୧୯୮୪ ମସିହାରେ ମୃତ୍ୟୁ ବରଣ କରିଥିଲେ ମଧ୍ୟ ପୁର୍ନବାର ୨୦୨୪ ମସିହାରେ ଏକ ବହୁ ମୂଲ୍ୟବାନ ଭୂସମ୍ପତ୍ତିକୁ ପୁରୀ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିକ୍ରୟ ପତ୍ର ସଂପାଦନ କରି ଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ପୁରୀ ଦୋଳମଣ୍ଡପ ସାହିର ବିଜୟ ଲକ୍ଷ୍ମୀ ମିଶ୍ର ନାମ୍ନୀ ଜଣେ ମହିଳା। ବିଜୟ ଲକ୍ଷ୍ମୀଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ କେଶ ନମ୍ବର ୬୬୮/୨୫ ଆଧାରରେ ବିଏନ୍ସ ଆକ୍ଟ ଦଫା ୩୧୮,(୪), ୩୩୬(୩), ୩୧୯(୨), ୬୧(୨) ଓ ୩(୫) ଅନୁଯାୟୀ ପୁରୀ ଟାଉନ ଥାନା କଳିକା ଦେବୀ ସାହିର ସବିତା ସାହୁ, ସୂର୍ଯ୍ୟକାନ୍ତ ସାହୁ, ମୋହରିର ପ୍ରଦୀପ ବେହେରା, ସହଯୋଗୀ ଗୋପୀନାଥ ପରିଡା ଓ ତତ୍କାଳିନ ସବ ରେଜିଷ୍ଟ୍ରାର ଅଂଶୁମାନ ସାହୁ ଓ କାର୍ଯ୍ୟାଳୟଙ୍କ

ମାମଲା ରୁଜୁ କରିଛି। ଯାହା ସହରରେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ଜାଲିଆତି ଓ ବେଆଇନ କାର୍ଯ୍ୟରେ ଜମି କିଣି ଥିବା ମହିଳା ତାଙ୍କ ସ୍ୱାମୀ, ମୋହରିର, କନିଷ୍ଠ ମୋହରିର ତଥା ସହଯୋଗୀ ଓ ତତ୍କାଳୀନ ସବ ରେଜିଷ୍ଟ୍ରାର ସଂଶ୍ଳିଷ୍ଟ ଥିବା ଅଭିଯୋଗ ହୋଇଛି। ବିଜୟ ଲକ୍ଷ୍ମୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସମ୍ପର୍କୀୟ କକେଇ ଫକିର ଉପାଧ୍ୟାୟ ଅବିବାହିତ ଥିଲେ। ଫକିରଙ୍କ ନାମରେ ପୁରୀ ସଦର ତହସିଲ ଅଧିନ କାଶୀଜଗନ୍ନାଥପୂର୍ ମୌଜାରେ ଏକ ବହୁ ମୂଲ୍ୟବାନ ଭୂସମ୍ପତ୍ତି ରହିଛି। ତାଙ୍କର କକେଇ ଫକିର ୧୯୮୪ ମସିହାରୁ ମୃତ୍ୟୁ ବରଣ କରିଛନ୍ତି।

### ଅବକାରୀ ଗୁଇନ୍ଦା ବିଭାଗର ଚଢ଼ାଉ

## ୩ ମହିଳା ସମେତ ୫ ଗିରଫ

କଟକ,(ସବ୍ୟୁ):ପଶ୍ଚିମବଙ୍ଗକୁ ନିଶାଦ୍ରବ୍ୟ ଚାଲାଣ ଉଦ୍ୟମ ବେଳେ ୫ ଜଣ ଗଞ୍ଜା ଚାଲାଣକାରୀଙ୍କୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ଧରିବାରେ ସକ୍ଷମ ହୋଇଛି । ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନର ଶିଶିର ଗହୀର(୨୬), ଶଶଦେବ ସାହୁ(୩୧), ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ସରସ୍ୱତୀ ରୟ(୩୯), ସାଧନା ମଣ୍ଡଳ(୩୯), ଟୁକଟୁକି ମଣ୍ଡଳ(୩୫) । ଏମାନଙ୍କ ପାଖରୁ ମୋଟ ୩୭ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି । ଶନିବାର ସକାଳ ପ୍ରାୟ ୬ଟାରେ ସୂଚନା ମିଳିଲାକି, ମଙ୍ଗୁଳି ଛକରେ ବଡ ଧରଣର ନିଶାଦ୍ରବ୍ୟ କାରବାର ହେଉଛି । ଏହାପରେ ଅବକାରୀ ଗୁଇନ୍ଦା ବିଭାଗ ଟିମ ତୁରନ୍ତ ସେଠାରେ ଚଢଉ କରିଥିଲା । ଏହି ସମୟରେ ମଙ୍ଗୁଳି ଛକରେ ଛିଡା ହୋଇଥିବା ତିନି ଜଣ ମହିଳା ସରସ୍ୱତୀ, ସାଧନା ଓ ଟୁକଟୁକି ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ତଲାସି ନେବାରୁ ତିନି ଜଣଙ୍କ ବ୍ୟାଗରୁ ମୋଟ ୨୭ କିଲୋ ଓଜନର ଗଞ୍ଜେଇ ମିଳିଥିଲା । ଏହାର ମାତ୍ର ଦୁଇ ଘଣ୍ଟା ପରେ ଅବକାରୀ ଟିମ ଟାଙ୍ଗୀ ଟୋଲ ଗେଟ ନିକଟରେ ଚଢଉ କରି ଅଭିଯୁକ୍ତ ଶଶଦେବ ଓ ଶିଶିରକୁ ଧରିଥିଲା । ଉଭୟଙ୍କ ପାଖରୁ ୧୦ କିଲୋ ଗଞ୍ଜେଇ ମିଳିଛି । ଜବତ ହୋଇଥିବା ମୋଟ ୩୭ କିଲୋ ଓଜନ ଗେଞ୍ଜଇର ମୂଲ୍ୟ ପ୍ରାୟ ୩ ଲକ୍ଷ ୭୦ ହଜାର ଟଙ୍କା ହେବ । ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଏକତ୍ର ହୋଇ କଳାହାଣ୍ଡିରୁ ଗଞ୍ଜେଇ ଧରି ବସ ଯୋଗେ ମଙ୍ଗୁଳି ଛକରେ ପହଞ୍ଚି ଥିଲେ।

## ମଦ ଜବତ : ୩ ଗିରଫ

ସୋର,(ସବ୍ୟୁ):ସୋର ଅବକାରୀ ବିଭାଗ ତରଫରୁ କୁରୁଣିଆ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମରେ ଚଢ଼ାଉ କରିଥିଲେ।









# ବେଦାନ୍ତ ଆଲୁମିନିୟମ ପକ୍ଷରୁ ସୁନ୍ଦରଗଡ, ଝାରସୁଗୁଡ଼ାରେ ଶୀତକାଳୀନ ସହାୟତା

ଭୁବନେଶ୍ୱର (ସବ୍ୟୁ): : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଏକ ଶୀତକାଳୀନ ପ୍ରସ୍ତୁତି ଅଭିଯାନର ଆୟୋଜନ କରି ଶୀତ ପ୍ରକୋପରୁ ରକ୍ଷା ପାଇବାପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରିଛି। ଏହି ପଦକ୍ଷେପ ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା, ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢାଇବାପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର ଲାଗି ଯୋଜନା କରିଛି। ଏହି କାର୍ଯ୍ୟକ୍ରମକୁ କୁରାଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମଲ ପଞ୍ଚାୟତ ସରପଞ୍ଚ ଶ୍ରୀ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ୍ ଉଦଘାଟନ କରିଥିଲେ।



ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଛୋଟ ଛୋଟ ପିଲା, ପରିବାର ଏବଂ ସମ୍ପ୍ରଦାୟ ଆମର ସାମାଜିକ ପ୍ରଭାବ ଦୃଷ୍ଟିକୋଣର କେନ୍ଦ୍ରରେ ଅଛନ୍ତି। ଆମର ସାମାଜିକ ହସ୍ତକ୍ଷେପ ଆମେ ସେବା କରୁଥିବା ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ । ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କୁରାଲୋଇ ପଞ୍ଚାୟତର ସରପଞ୍ଚ ସନାତନ ନାୟକ କହିଛନ୍ତି, "ଶୀତଋତୁ ଅନେକଙ୍କ ପାଇଁ ବିଶେଷ କରି ସୀମିତ ସମ୍ବଳ ଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ । ଏହି ସମୟରେ ବେଦାନ୍ତ ଆଲୁମିନିୟମର ସମର୍ଥନ ପ୍ରକୃତରେ ଅର୍ଥପୂର୍ଣ୍ଣ ଏବଂ ଆମ ସମ୍ପ୍ରଦାୟର କଲ୍ୟାଣ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ । ଘୋଘରପାଲି ପଞ୍ଚାୟତର ସମିତି ସଦସ୍ୟ ମାଧବ ବାରିକ୍ କହିଛନ୍ତି, "ଶୀତକାଳୀନ ପ୍ରସ୍ତୁତି ଅଭିଯାନ ଆମ ସମ୍ପ୍ରଦାୟକୁ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରିଥାଏ। ମୁଁ ବେଦାନ୍ତ ଆଲୁମିନିୟମକୁ ଏହି ସମୟରେ ଆଗକୁ ଆସି ସାହାଯ୍ୟ କରିବା ଏବଂ ଏହି ଅଞ୍ଚଳର ଲୋକଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ପ୍ରଶଂସା କରୁଛି । ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ଏହାର ପରିଚାଳନା କ୍ଷେତ୍ରରେ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଦିଗରେ ଆଗେଇ ନେବ।

# କୋଣାର୍କ ନୃତ୍ୟ ଉତ୍ସବ, ବାଲୁକା କଳା ଉତ୍ସବ ଓ ସୁଭଦ୍ରା ଶକ୍ତି ମେଳା ସମୀକ୍ଷା ବୈଠକ



ପୁରୀ, (ସବ୍ୟୁ): କୋଣାର୍କ ଠାରେ ଡିସେମ୍ବର ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ୩୬ ତମ କୋଣାର୍କ ନୃତ୍ୟ ଉତ୍ସବ ଓ ଚନ୍ଦ୍ରଭାଗା ଠାରେ ଆୟୋଜିତ ହେବ ୧୫ ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ସେହିପରି ଡିସେମ୍ବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ହେବ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା। ଏହି ଉତ୍ସବ ଓ ମେଳା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପୂର୍ଣ୍ଣ କରିବା ନିମିତ୍ତ ଏକ ସମୀକ୍ଷା ବୈଠକ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କୋଣାର୍କ ନୃତ୍ୟ ମହୋତ୍ସବ,ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଆୟୋଜନ ହେଉଛି।ଏକ ସମୟରେ ଏହି ଉତ୍ସବ ଆୟୋଜିତ ହେଉଥିବାରୁ ବିପୁଳ ଜନ ଗହଳି ର ଆଶା କରାଯାଉଛି।ଏହାକୁ ସମସ୍ତ ବିଭାଗ ଗୁରୁତ୍ୱର ସହ ନେଇ କାର୍ଯ୍ୟ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୂର୍ବ ପ୍ରସ୍ତୁତି ବୈଠକରେ ଗମନାଗମନ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦି କୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ପ୍ରତ୍ୟହ୍ୟ ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ,କଳାକାର ମାନଙ୍କୁ ସମସ୍ତ ସହଯୋଗ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଡିଏଫଓ ମଗର ଧନଜ ରାଓସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

## କ୍ରୁଟ୍‌କୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର

# ଅକ୍ଟୋବର ୨୦୨୬ରେ ୧୯ ତମ ୟୁ ଏମ୍ ଆଇ ସମ୍ମିଳନୀ

ଭୁବନେଶ୍ୱର: (ସବ୍ୟୁ): ଆଧୁନିକ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନରେ ଏହାର ପାଦଚିହ୍ନକୁ ସୁଦୃଢ଼ କରି, ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ୍) କୁ ୧୮ ତମ ସହରାଞ୍ଚଳ ଗତିଶୀଳତା ଭାରତ (ୟୁଏମ୍ଆଇ) ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗଣମାଧ୍ୟମ ସହିତ ଏହି ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ ଓଡ଼ିଶା ୨୦୨୬ ଅକ୍ଟୋବର ଶେଷ ସପ୍ତାହରେ ୧୯ ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀ ଆୟୋଜନ କରିବ। ଗଣମାଧ୍ୟମ ସହିତ କଥାବାର୍ତ୍ତା ଅବସରରେ ଡକ୍ଟର ମହାପାତ୍ର ଆଲୋକପାତ କରିଥିଲେ ଯେ ଆମ ବସ୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି। "ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ ଟି ଇଗଇ ବସ୍ ଚାଲୁଛି, ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ବହୁତ ଶୀଘ୍ର, ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ," ବୋଲି ସେ କହିଛନ୍ତି।

ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ଯେ ଇଗଇ ବସ୍ ବର୍ତ୍ତମାନ ୧୩୯୯ କିଲୋମିଟର ପରିବ୍ୟାପ୍ତ ୧୧୩ ଟି ରୁଟରେ ଚାଲୁଛି, ଯାହା ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କୁ ସେବା ଯୋଗାଇଥାଏ। ଶେଷ ମାଇଲ୍ ସଂଯୋଗୀକରଣ ଏବଂ ସାଧାରଣ ପରିବହନର ସହଜତା ସୁନିଶ୍ଚିତ କରିବା ପାଇଁ ବର୍ଦ୍ଧିତ ଚାହିଦା ଥିବା ସହରଗୁଡ଼ିକ ଉପରେ ଧ୍ୟାନ ଦେଇ ପର୍ଯ୍ୟାୟକ୍ରମେ ବସ୍ ରୁଟ୍ ସମ୍ପ୍ରସାରଣ ଜାରି ରହିବ। ଯାତ୍ରୀମାନଙ୍କୁ ଉତ୍ସାହିତ କରିବା ଏବଂ ଡିଜିଟାଲ୍ ଟିକେଟିଂକୁ ପ୍ରୋତ୍ସାହିତ କରିବା ପାଇଁ, ସରକାର ଅନଲାଇନ୍ ଟିକେଟ୍ ବୁକିଂରେ ୧୦% ରିହାତି ପ୍ରଦାନ କରିଛନ୍ତି, ଯେତେବେଳେ ମହିଳା ଯାତ୍ରୀମାନେ ୧୫% ରିହାତି ପାଉଛନ୍ତି, ଯାହା ସାଧାରଣ ପରିବହନକୁ ଅଧିକ ସୁଲଭ ଏବଂ ସୁଲଭ କରିଥାଏ। ଫଳସ୍ୱରୂପ, ଟିକେଟିଂରୁ ରାଜସ୍ୱରେ ଉଲ୍ଲେଖନୀୟ ୩୫% ବୃଦ୍ଧି ଘଟିଛି, ଯାହା ଯାତ୍ରୀଙ୍କ ଆତ୍ମବିଶ୍ୱାସ ଏବଂ ବ୍ୟବହାରକୁ ପ୍ରତିଫଳିତ କରେ। ୟୁଏମ୍ଆଇ ୨୦୨୬ ଆୟୋଜନ କରିବାର ଓଡିଶାର ସୁଯୋଗ ଏକ ପ୍ରମୁଖ ମାଇଲଖୁଣ୍ଟ ଯାହା ରାଜ୍ୟକୁ ଜାତୀୟ ଗତିଶୀଳତା ମାନଚିତ୍ରରେ ଦୃଢ଼ ଭାବରେ ସ୍ଥାନିତ କରୁଛି। ମନ୍ତ୍ରୀ କହିଛନ୍ତି ଯେ ଇ-ବସର ବର୍ଦ୍ଧିତ ଗ୍ରହଣ, ଯାତ୍ରୀ-ଅନୁକୂଳ ସେବା ଏବଂ ଏକ ବିସ୍ତାରିତ ରୁଟ୍ ନେଟୱାର୍କ ସହିତ, ରାଜ୍ୟ ଏକ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଅନ୍ତର୍ଭୁକ୍ତ ଗତିଶୀଳତା ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛି।

## ବିଆର୍‌ଆଇସି-ଆଇଏଲ୍‌ଏସ୍ ପକ୍ଷରୁ ଖୋଲା ଦିବସ

# ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକଙ୍କୁ ଜୀବନ ବିଜ୍ଞାନ ଗବେଷଣା ଉପରେ ପ୍ରେରଣା

ଭୁବନେଶ୍ୱରର, (ସବ୍ୟୁ): ବିଆରଆଇସି-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍‌ରେ ଶନିବାର ଏହାର ଖୋଲା ଦିବସ ଏବଂ ହୋଇଥିଲା । ଏଥିରେ ସାରା ଓଡ଼ିଶାରୁ ୮୦୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କୁ ଜୀବନ ବିଜ୍ଞାନରେ ଆଗଧାଡ଼ିର ଗବେଷଣା ଏବଂ ନବସୃଜନର ଏକ ପ୍ରେରଣାଦାୟକ ପରିଚୟ ପ୍ରଦାନ ପାଇଁ ସ୍ୱାଗତ କରାଯାଇଥିଲା । ଏହି ଇଭେଣ୍ଟ ଜିଜ୍ଞାସୁକୁ ଜାଗ୍ରତ କରିବା, ଅନୁସନ୍ଧାନକୁ ଉତ୍ସାହିତ କରିବା ଏବଂ ଯୁବ ଶିକ୍ଷାର୍ଥୀ ଏବଂ ଭାରତର ବୈଜ୍ଞାନିକ ଇକୋସିଷ୍ଟମ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା । ଆଇଆଇଏସଏଫ ୨୦୨୫ ମିଶନ ବିଜ୍ଞାନ ସେ ସମୃଦ୍ଧି: ଆତ୍ମନିର୍ଭର ଭାରତ ସମନ୍ୱିତ, ଏହି କାର୍ଯ୍ୟକ୍ରମ ଏକ ଆତ୍ମନିର୍ଭରଶୀଳ ଏବଂ ବିଶ୍ୱ ସ୍ତରରେ ପ୍ରଭାବଶାଳୀ ଭାରତ ଗଠନରେ ବିଜ୍ଞାନ-ନେତୃତ୍ୱାଧୀନ ଅଭିବୃଦ୍ଧିର ଭୂମିକା ଉପରେ ଆଲୋକପାତ କରିଥିଲା । ଛାତ୍ରଛାତ୍ରୀମାନେ ଶିଖିଥିଲେ ଓ ଜାଣିଥିଲେ ଯେ କିପରି ନବସୃଜନ, ବୈଜ୍ଞାନିକ ଅନୁସନ୍ଧାନ ଏବଂ ଜ୍ଞାନ ବଣ୍ଟନ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ ଗଠନ କରେ ।



ଖୋଲା ଦିବସରେ, ଅଂଶଗ୍ରହଣକାରୀମାନେ ପ୍ରଦର୍ଶନ ପ୍ରୟୋଗଶାଳା ଅନୁସନ୍ଧାନ କରିଥିଲେ ଏବଂ କର୍କଟ ଜୀବବିଜ୍ଞାନ, ସଂକ୍ରାମକ ରୋଗ, ଉଦ୍ଭିଦ ଜୈବ ପ୍ରଯୁକ୍ତିବିଦ୍ୟା, ଜେନେଟିକ୍ ବ୍ୟାଧି, ନାନୋଟେକ୍ନୋଲୋଜି ଏବଂ ଅନୁବାଦାତ୍ମକ ନବସୃଜନରେ ଚାଲିଥିବା ଗବେଷଣାକୁ ପର୍ଯ୍ୟବେକ୍ଷଣ କରିଥିଲେ । ଲାଇଭ୍ ପ୍ରଦର୍ଶନ, ହାତକୁ ନେଇ କାର୍ଯ୍ୟକଳାପ ଏବଂ ବୈଜ୍ଞାନିକମାନଙ୍କ ସହିତ ଖୋଲା ଆଲୋଚନା ମାଧ୍ୟମରେ, ଛାତ୍ରଛାତ୍ରୀମାନେ ଗବେଷଣା କିପରି କରାଯାଏ ଏବଂ ଆବିଷ୍କାରଗୁଡ଼ିକୁ କିପରି ଅର୍ଥପୂର୍ଣ୍ଣ ସମାଧାନରେ ପରିଣତ କରାଯାଏ ସେ ବିଷୟରେ ସ୍ପଷ୍ଟ ବୁଝାମଣା ହାସଲ କରିଥିଲେ ।

କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ବ୍ରିକ୍ସ ଏବଂ ଆଇଏଲଏସ ପକ୍ଷରୁ ସମର୍ଥିତ ଗବେଷଣା-ଚାଳିତ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହିତ ପରିଚିତ କରାଯାଇଥିଲା । ଯାହା ଦର୍ଶାଉଥିଲା ଯେ କିପରି ବୈଜ୍ଞାନିକ ସଫଳତା ଲ୍ୟାବ ବେଞ୍ଚରୁ ବାସ୍ତବ-ବିଶ୍ୱ ପ୍ରୟୋଗକୁ ଗତି କରେ । ଫ୍ୟାକଲଟି ସଦସ୍ୟମାନେ ପରବର୍ତ୍ତୀ ପିଢ଼ିର ବୈଜ୍ଞାନିକ, ନବସୃଜନକାରୀ ଏବଂ ବିଜ୍ଞାନ ଯୋଗାଯୋଗକାରୀଙ୍କୁ ସଶକ୍ତ କରିବା ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମଟି ଛାତ୍ର, ଗବେଷକ ଏବଂ ପରାମର୍ଶଦାତାଙ୍କ ମଧ୍ୟରେ ଉତ୍ସାହୀ ଆଦାନପ୍ରଦାନ ସହିତ ଶେଷ ହୋଇଥିଲା ଯାହା ଜ୍ଞାନକୁ ଆଗକୁ ବଢାଇବା, ପ୍ରତିଭାକୁ ପୋଷଣ କରିବା ଏବଂ ଏକ ଭବିଷ୍ୟତ ନିର୍ମାଣ କରିବାର ଏକ ସମାନ ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥାଏ ଯେଉଁଠାରେ ବିଜ୍ଞାନ ଜାତୀୟ ପ୍ରଗତିରେ କେନ୍ଦ୍ରୀୟ ଭୂମିକା ଗ୍ରହଣ କରେ । ବିଜ୍ଞାନ, ନବସୃଜନ ଏବଂ ସୁଯୋଗର ଏକ ସ୍ପନ୍ଦନଶୀଳ ଉତ୍ସବ ପାଇଁ ବ୍ରିକ୍ସ-ଆଇଏଲଏସ ସମସ୍ତ ଅଂଶଗ୍ରହଣକାରୀ ଅନୁଷ୍ଠାନ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ କୃତଜ୍ଞତା ପ୍ରକାଶ କରିଥିଲା ।

## ବିପଦଜନକ ଭାବେ ବୁହା ହେଉଛନ୍ତି ଶ୍ରମିକ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ର ବିଭିନ୍ନ ସ୍ଥାନରୁ ଶ୍ରମିକ ମାନଙ୍କୁ ବିପଦ ଜନକ ଭାବେ ଟ୍ରାକଟର ଡାଲା, ଟାଟା ଏସି, ପିକଅପ ଭ୍ୟାନ, ଅଟୋ ଆଦି ଗୁଡିକ ଦ୍ୱାରା ବିପଦ ଜନକ ଭାବେ ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଘଟି ଜୀବନ ହାନୀ ହେବାର ଆଶଙ୍କା ଦେଖାଯାଉଛି। ସହର ଓ ଆଖପାଖ ଅଂଚଳରୁ ଶ୍ରମିକ ମାନଙ୍କୁ ନେବାପାଇଁ କର୍ମଯୋଗାଣ ସଂସ୍ଥା ଓ ଠିକାଦାର ମାନେ ଏହି ସବୁ ଯାନ ଗୁଡିକ ବ୍ୟବହାର କରି ବିପଦ ଶଙ୍କୁଳ ଅବସ୍ଥାରେ ନେଉଥିବାରୁ ଏହି ଶ୍ରମିକ ମାନଙ୍କ ପ୍ରତି ବିପଦ ଦେଖା ଦେଇଛି। ଏପରିକି କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବସାଇବାକୁ ଥିବା ଖୁଣ୍ଟ ଗୁଡିକୁ ଗାଡିରେ ନେବାବେଳେ ତା ଉପରେ ଶ୍ରମିକ ମାନଙ୍କୁ ବସାଇ ବିପଦ ଜନକ ଭାବେ ବୁହା ଯାଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ଶ୍ରମିକ ପରିବହନ କରିବା ବେଆଇନ ହୋଇଥିବା ବେଳେ ଏହାକୁ ଅଣଦେଖା କରାଯାଇ ଶ୍ରମିକ ପରିବହନ କରାଯାଉଥିବା ଘଟଣାକୁ ପ୍ରଶାସନ ଓ ପରିବହନ ବିଭାଗ ଅଣଦେଖା କରି ଦେଉଥିବା ଅଭିଯୋଗ ହେଉଛି।

## ଦିନ ଦ୍ୱିପ୍ରହରରେ ଘରେ ବୁଲାଇଲେ କଳାକନା

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ବଡଖୁରୀ ଗ୍ରାମରେ ଦିନ ଦ୍ୱିପ୍ରହରରେ ଜଣଙ୍କ ଘରୁ ଚୋରମାନେ କଳାକନା ବୁଲେଇ ଦେଇଥିବା ଜଣାପଡିଛି । ବଡ଼ଖୁରୀ ଗ୍ରାମର ଭୀମ ଚରଣ ଘଡେଇ ଶନିବାର ମଧ୍ୟାହ୍ନରେ ପରିବାର ସହ ଉତ୍ତରେଶ୍ୱରରେ ସମ୍ପର୍କୀୟଙ୍କ ଘରକୁ ଏକ ଭୋଜିରେ ଯୋଗ ଦେବାକୁ ଯାଇଥିଲେ । ଏହି ସମୟରେ ଘରେ କେହି ନ ଥିବାର ସୁଯୋଗରେ ଦୁର୍ବୃତ୍ତ ମାନେ ଘର ଗ୍ରିଲ ଚାବି ଭାଙ୍ଗି ଘର ମଧ୍ୟରେ ପଶି ଭିତରେ ଥିବା ଏକ ଗଡ଼ରେଜ ଏବଂ ବାକ୍ସ ଚାବି ଭାଙ୍ଗି ନଗଦ ୧୦ ହଜାର ଟଙ୍କା ସମେତ ଝିଅ ବାହାଘର ପାଇଁ ରଖାଯାଇଥିବା ପ୍ରାୟ ୧୨ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରି ନେଇ ଫେରାର ହୋଇଯାଇଥିଲେ । ଅପରାହ୍ନରେ ଶ୍ରୀ ଘଡେଇ ଘରେ ପହଞ୍ଚିବା ପରେ ଚୋରି ହୋଇଥିବା ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ୩ କୁ ଘୁଞ୍ଚିଲା କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣରେ ଆବେଦନ ପାଇଁ ଶେଷ ତାରିଖକୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି । ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପାଇଁ ଦକ୍ଷ ପ୍ରବକ୍ତା, ଅଧିବକ୍ତା, ଗଣମାଧ୍ୟମ ସଂଯୋଜକ ପାଇଁ ଆବେଦନ ର ଶେଷ ତାରିଖ ନଭେମ୍ବର ୩୦ ତାରିଖ କୁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା । ଇତି ମଧ୍ୟରେ ଅନେକ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷ ଏଥି ପାଇଁ ଆବେଦନ କରି ସାରିଛନ୍ତି । ଦରଖାସ୍ତକାରି ଏଥି ପ୍ରତି ଆଗ୍ରହ ଦେଖି ଏବଂ ଅଧିକ ଲୋକଙ୍କୁ ଏଥିରେ ସୁଯୋଗ ଦେବାପାଇଁ ଆବେଦନର ଶେଷ ତାରିଖକୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଇଛୁକ ଆବେଦନ କାରି ଙ୍କ ପାଖରୁ ଦରଖାସ୍ତ ସଂଗ୍ରହ ଚାଲିଛି । ଆସନ୍ତା ଡିସେମ୍ବର ୮ ତାରିଖରେ ଜୋନ ସ୍ତରରେ ସେମାନଙ୍କ ପ୍ରଥମ ଚୟନ କରାଯିବ ଏବଂ ଅନ୍ତିମ ଚୟନ ଡିସେମ୍ବର ୨୬ ତାରିଖରେ ଭୁବନେଶ୍ୱର ରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସ ଜଣାଇଛନ୍ତି ।

# ଉତ୍ତର ଓଡ଼ିଶା ଲୋକ ସଂସ୍କୃତି ଉପରେ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ତଥା ସ୍ୱାଧୀନତା ପୂର୍ବ ଉତ୍ତର ଓଡ଼ିଶାର କବି ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ନାମରେ ପ୍ରତିଷ୍ଠିତ ପ୍ରାଣକୃଷ୍ଣ କଲଚରାଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଉତ୍ତର ବାଲେଶ୍ୱରର ବାଲିଆପାଳସ୍ଥ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ସଭାଗୃହରେ ଉତ୍ତର ଓଡ଼ିଶାର ଲୋକ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କବି ଡଃ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ଗବେଷକ ଡଃ ଅରବିନ୍ଦ ଗିରି, ବିଶିଷ୍ଟ ଲେଖକ ଡଃ କାଳି କିଙ୍କର, ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ମାନସୀ ସାହୁ ଓ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦୟାନିଧି ସାହୁ ଯୋଗ ଦେଇ ଆଲୋଚନା କରିଥିଲେ। ଉଦ୍‌ଘାଟିକା ଡଃ ମନୋରମା ବିଶ୍ୱାଳ କହିଲେ ଆମ ସଂସ୍କୃତି ଓ ଐତିହ୍ୟ ହେଉଛି ଓଡ଼ିଆ ଜାତିର ଆତ୍ମା ସଦୃଶ। ବାଲିଆପାଳର ଜଗାଇ ଅଞ୍ଚଳ ଓ ବିଶେଷ ଭାବେ ଉତ୍ତର ବାଲେଶ୍ୱରର ବିକାଶ, ପ୍ରକାଶ ଓ ପୃଷ୍ଠପୋଷକତା ଓଡ଼ିଶା ସାହିତ୍ୟ ଏକାଡ଼େମୀ କରୁଛି, ତାହା ଅତ୍ୟନ୍ତ ଅଭିନନ୍ଦନୀୟ। ଡଃ ମହାପାତ୍ର କହିଲେ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆମର ଏହି ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବାର ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାହା ନିଶ୍ଚିତ ଅଭିନନ୍ଦନୀୟ ବୋଲି ଆଜି ଏ ମାଟି ଅନୁଭବ କରୁଛି।



ବିଶିଷ୍ଟ ଆଲୋଚକ ଡଃ ଅରବିନ୍ଦ ଗିରି ଉତ୍ତର ଓଡ଼ିଶାର ଲୋକ ସଂସ୍କୃତି ବିଷୟରେ ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପିତ କରିଥିଲେ। ଡଃ କାଳି କିଙ୍କର ସ୍ୱାଧୀନତା ପୂର୍ବ ଉତ୍ତର ଓଡ଼ିଶାରେକେମିତି ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ଦ୍ୱାରା ଲିଖିତ କବିତା 'ସୁନାଝିଅ' ଘରେ ଘରେ ସଂସ୍କୃତିର ସନ୍ଦେଶ ଦେଇଥିଲା, ତାହା ଉପରେ ଆଲୋକପାତ କରିଥିଲେ। ଡଃ କାଳିକିଙ୍କର ଉତ୍ତର ଓଡ଼ିଶାର କଥିତ ଭାଷା, ସଂଗୀତ, ଲୋକକଥା, ଖାଦ୍ୟ, ବ୍ୟବସାୟ, ନୃତ୍ୟ, ଶିଳ୍ପ, ମନ୍ଦିର ଓ ଧର୍ମ ସଂସ୍କୃତି ଉପରେ ଅତ୍ୟନ୍ତ ତାତ୍ତ୍ୱିକ ଓ ଭାବମୟ ଆଲୋଚନା କରିଥିଲେ, ଯାହା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୁଦ୍ଧ କରିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ମାନସୀ ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହ ଉତ୍ତର ଓଡ଼ିଶାର ସଂସ୍କୃତି ବିଷୟରେ ସଂକ୍ଷିପ୍ତ ଅଭିଭାଷଣ ଦେଇଥିଲେ। ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ପାଖରେ ଏ ଅଂଚଳ କୃତଜ୍ଞ। ଭାରତର ସ୍ୱାଧୀନତା ପାଇଁ ସୁବାସ ବୋଷ ଙ୍କ 'ଆଜାଦ ହିନ୍ଦ୍' ଏବଂ 'ବାନରସେନା' ଇତ୍ୟାଦିରେ ଯୋଗ ଦେଇ ଏ ଗ୍ରାମର ମୁଖ ଉଜ୍ଜଳ କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ବିଶ୍ୱାଳ ଓ ଅଧ୍ୟାପକ ବିଜୟ ଜେନା ସାହିତ୍ୟ ଏକାଡ଼େମୀ ଓ ପ୍ରାଣକୃଷ୍ଣ କଲଚରାଲ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ର ଅତ୍ୟନ୍ତ ପ୍ରେରଣାଦାୟୀ ଓ ଶିକ୍ଷଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପିକାଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଝୋଟି ଅତିଥିମାନଙ୍କୁ ଅଭିଭୂତ କରିଥିଲା। ଓଡ଼ିଶାର ସଂସ୍କୃତି ଉପରେ ଗବେଷଣା କରୁଥିବା ଅଧ୍ୟାପିକା ସୁପ୍ରସିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବେପରୁଆ ଗାଡି ଚାଳନା ବାଇକ ଚାଳକ ଗୁରୁତର

ନିଶ୍ଚିନ୍ତକୋଇଲି, (ସବ୍ୟୁ): ବେପରୁଆ ଓ ଦ୍ରୁତ ଗତିରେ ଗାଡି ଚାଳନା କରୁଥିବା ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନ୍ତରିତ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ରାଜନଗର ଅଂଚଳର ଯୁବ ବ୍ୟବସାୟୀ ଆଶିଷ କୁମାର ରାଉତ ଆଜି ଅପରାହ୍ନରେ ଦ୍ରୁତ ଗତିରେ ଓ ବେପରୁଆ ଭାବେ ଏକ ବୁଲେଟ ଚାଳନା କରି କେନ୍ଦ୍ରାପଡା ଅଭିମୁଖେ ଯାଉଥିଲେ । ଏହି ସମୟରେ ଭାରସାମ୍ୟ ହରାଇବା କାରଣରୁ ଆଶିଷ କଟକ-ଚାନ୍ଦବାଲି ରାସ୍ତାର ବାହାବଳପୁର ନିକଟରେ ରାସ୍ତା ପାର୍ଶ୍ୱରେ ଥୁଆ ହୋଇଥିବା ଏକାଧିକ ଗାଡି ସହ ଧକ୍କା କରିଥିଲେ । ଏହି ଧକ୍କାରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

# ଜଟଣୀ ମଣ୍ଡଳସ୍ତରୀୟ ଯୁବ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଜଟଣୀ ମଣ୍ଡଳସ୍ତରୀୟ ଯୁବ ମହୋତ୍ସବ ଜଟଣୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜଟଣ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତର ବିକାଶ ଦିଗରେ ଯୁବ ସମାଜଙ୍କର ପ୍ରତିଭାକୁ ବିକଶିତ କରି ରାଷ୍ଟ୍ର ନିମିତ୍ତ ସମର୍ପିତ ହବାପାଇଁ ଯୁବ ସମାଜକୁ ଉଦ୍‌ବୋଧନ କରିଥିଲେ। ଗୋଷ୍ଠୀ ଶିକ୍ଷାଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଛାତ୍ର/ଛାତ୍ରୀ ସମଗ୍ର ପ୍ରତିଭାର ବିକାଶ ସହିତ ଚେତନାର ଉନ୍ମିଳନ କରିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ଓଡ଼ିଶା ଇଂଜିନିୟର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଇଂ ରୋଜେନ୍ଦ୍ର ପ୍ରସାଦ ନାୟକ। ଜଟଣୀ ମହାବିଦ୍ୟାୟର ଅଧ୍ୟକ୍ଷା ଡ. ସ୍ୱପ୍ନରାଣୀ ମଲ୍ଲିକ ଯୁବ ମହୋତ୍ସବର ତାତ୍ପର୍ଯ୍ୟକୁ ପ୍ରତିପାଦିତ କରିଥିଲେ। ଜଟଣୀ ବ୍ଲକ ଓ ମହାବିଦ୍ୟାଳୟର ୧୦୦ ଜଣ ଛାତ୍ରଛାତ୍ରୀ ମୋ ଭାରତ ପୋର୍ଟାଲରେ ରେଜିଷ୍ଟ୍ରସନ କରି ୭ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିଲେ। ଜଟଣୀ ମହାବିଦ୍ୟଶଳୟର ତପସ୍ୟା ସାହୁ ବକ୍ତୃତା, ସିଦ୍ଧାର୍ଥ ଦାସ କବିତା ଲିଖନ, ଇତିଶ୍ରୀ ଦାସ ଗଳ୍ପ ଲିଖନ, ଦଳଗତ ଲୋକନୃତ୍ୟ ଓ ଗୀତରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ମେଳାରେ ମଧ୍ୟ ଜଟଣୀ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିବା ସ୍ଥଳେ ଚିତ୍ରାଙ୍କନରେ ସନାତନ ହରିଚନ୍ଦନ ମହାବିଦ୍ୟାଳୟ, ମଦନପୁର ପ୍ରଥମସ୍ଥାନ ଅଧିକାର କରିଥିଲେ। ମଞ୍ଚ ପରିଚାଳନାରେ ଡ. ରଶ୍ମିତା ନାୟକ ଓ ଟୁଲୁ ଦେଇ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ.



ଅନୁପ କୁମାର ମହାନ୍ତି, ଡ. ତପନ ମିଶ୍ର, ଡ. ପି.କେ. ପାଣିଗ୍ରାହୀ, ଡ. ପୁଷ୍ପାଞ୍ଜଳି ସାମଲ, ଡ. ଅନ୍ତର୍ଯ୍ୟାମୀ ପ୍ରଧାନ, ଅଜୟ କୁମାର ବରାଳ, ଜିତ୍ ରଞ୍ଜନ ମହାପାତ୍ର ଓ ବ୍ଲକର ସମସ୍ତ ସିଆରସିସ ଯୋଗଦେଇଥିଲେ। ଡ. ସୁଶାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ।

# ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର : ଚାଳ ଛପର ଘରେ ଚାଲିଛି ସ୍କୁଲ

ଭଞ୍ଜନଗର,(ସବ୍ୟୁ): ଜଗନ୍ନାଥପ୍ରସାଦ ବ୍ଲକର ଗାୟାଗଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଜୁରୀପଲ୍ଲୀ ଗାଁରେ ରହିଥିବା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରାଥମିକ ଶିକ୍ଷା ଚାଲିଛି, ଚାଳ-ଛପର ଘରେ । ଅସଜଡା ଅବସ୍ଥାରେ ରହିଛି ପ୍ରଥମ ରୁ ପଞ୍ଚମ ଶ୍ରେଣୀର ପାଠପଢ଼ା । ଚାଳ ରୁ ଛପର ଉଡ଼ି ଯାଇଛି । ଖରା ପଡୁଛି, ବର୍ଷା ହେଲେ ପାଣି ଗଳୁଛି । ବେଳେ ବେଳେ ସାପ ଭଳି ଶରୀସୃପ ପଶି ଆସୁଛନ୍ତି । ଗତ କିଛି ବର୍ଷ ହେଲା, ଏଭଳି ଅବ୍ୟବସ୍ଥାରେ ଭିତରେ ପ୍ରାଥମିକ ସ୍ତରର ପ୍ରାୟ ୫୦ ପିଲା ପାଠ ପଢୁଛନ୍ତି । ଉପାନ୍ତ ଅଞ୍ଚଳର କୁହାଯାଉଥିବା ଏହି ଗାଁରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କ ଶିକ୍ଷାକୁ ଦୃଷ୍ଟିରେ ରଖି, ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିଲା ପ୍ରାଥମିକ ବିଦ୍ୟାଳୟ । ପରେ ପରେ ମଧ ଇଂରାଜୀ ଏବଂ ଶେଷରେ ୨୦୨୩ ମସିହାରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହେଲା ।



ରହିଥିବା ପୁରୁଣା କୋଠା ଟି ବିପଦ ସଙ୍କୁଳ ଥିବାରୁ, ଗାଁ ଲୋକେ ଗୋଟିଏ ଚାଳ-ଛପର ଘର ତିଆରି କଲେ । ଯାହା ପୂର୍ବରୁ ମଧ ରହିଥିଲା । ସେଠାରେ ପ୍ରଥମରୁ ୫ ମ ଯାଏଁ, ପିଲା ପାଠ ପଢ଼ିଲେ ।

ପରବର୍ତ୍ତୀ ସମୟରେ କୋଠାଘର ନିର୍ମାଣ ହେବାରୁ, ଦୁଇଟି କୋଠରୀରେ ଷଷ୍ଠ ରୁ ୧୦ମ ଶ୍ରେଣୀ ପିଲା ପାଠ ପଢ଼ିଲେ । ସ୍ଥାନ ଅଭାବ ଯୋଗୁଁ, ପିଲାମାନଙ୍କୁ ବାରଣ୍ଡାରେ ବସି ପଢ଼ାଇବାକୁ ହେଉଛି । ୧୦ ଟି ଶ୍ରେଣୀର ୧୪୮ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୬ ଜଣ ଶିକ୍ଷକ । ଦୁଇଟି ଘର । ଗୋଟିଏ ଚାଳ ଛପର ଏବଂ ଅନ୍ୟଟି କୋଠା ଘର । ଚାଳ ଛପର ଘରେ ୨ ଟି ବଖରା ରେ ୫ ଟି ଶ୍ରେଣୀ ଏବଂ କୋଠାଘରେ ଦୁଇଟି କୋଠରୀ ସାଙ୍ଗକୁ ବାରଣ୍ଡାରେ ଚାଲିଛି ୫ ଟି ଶ୍ରେଣୀ । ପାଇଖାନା, ରୋଷେଇ ଘର, ଖେଳ ପଡିଆ ଏବଂ ପାଚେରୀ ନାହିଁ । ପିଇବା ପାଣି ପାଇଁ ଗୋଟିଏ ନଳକୂଅ ଏବଂ ପାଚେରୀ କହିଲେ, ତାର-ବାଡ ହିଁ ଏକମାତ୍ର ଭରଷା । ସ୍ୱାଧୀନତାର ଦୀର୍ଘବର୍ଷ ପରେ ଗୋଟିଏ ସରକାରୀ ବିଦ୍ୟାଳୟର ଏଭଳି ଅବସ୍ଥା, ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ବିଦ୍ୟାଳୟ ଶିକ୍ଷା କମିଟି, ବିଡ଼ିଓଙ୍କୁ ଅବଗତ କରାଇଛନ୍ତି । ହେଲେ ଏହି ବିଦ୍ୟାଳୟର ଅବ୍ୟବସ୍ଥା ପ୍ରତି ଦୃଷ୍ଟି ପଡ଼ିନାହିଁ । ଏହି ଖବର ଜାଣିବା ପରେ ଭଂଜନଗର ଉପଜିଲ୍ଲାପାଳ, ବିଭାଗୀୟ ଅଧିକାରୀଙ୍କୁ ଏହାର ତୁରନ୍ତ ସମାଧାନ ପାଇଁ, ଅବଗତ କରାଇଛନ୍ତି । ଏବେ ଅପେକ୍ଷା ଏହି ବିଦ୍ୟାଳୟରେ ରହିଥିବା ସମସ୍ୟା କେତେଶୀଘ୍ର ସମାଧାନ ହେଉଛି ।

# ପୁଲିସ ଏସଆଇ ପରୀକ୍ଷା ଜାଲିଆତି ମାମଲା : ଭଞ୍ଜନଗରରେ ସିବିଆଇ ଟିମ୍

ଭଞ୍ଜନଗର ,(ସବ୍ୟୁ): ଓଡ଼ିଶା ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଅଧିକ ତଦନ୍ତ ପାଇଁ ଶନିବାର ଦିନି ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ପହଞ୍ଚିଛି ସିବିଆଇ ଟିମ । ଭଞ୍ଜନଗର ଥାନାରେ ସିବିଆଇ ଟିମ ସେହି ଅଞ୍ଚଳର ୩ ଜଣ ପରୀକ୍ଷା ଆଶାୟୀଙ୍କୁ ଜେରା କରିଛି ।ସେମାନେ କାହା ଜରିଆରେ ଏହି କେଳଙ୍କାରିରେ ଜଡ଼ିତ ହୋଇଥିଲେ, କାହାକୁ ଟଙ୍କା ଦେଇଥିଲେ ଏବଂ ସେମାନଙ୍କୁ ପରୀକ୍ଷା ପ୍ରସ୍ତୁତି ପାଇଁ କେଉଁ ଜାଗାକୁ ନିଆଯାଉଥିଲା, କାହା ସହ ସେମାନେ ଯୋଗାଯୋଗରେ ଥିଲେ ଆଦି ଅନେକ ପ୍ରଶ୍ନ ପଚାରିବା ସହ ସେ ସେମାନଙ୍କ ଆବେଦନ ଫର୍ମ ଏବଂ ଅନ୍ୟ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି । ଭଞ୍ଜନଗର ଥାନା ପୁଲିସ ଜରିଆରେ ପ୍ରଥମେ ସେମାନଙ୍କୁ ଥାନାକୁ ଅଣାଯାଇଥିଲା ।ସିବିଆଇ ଟିମ ପହଞ୍ଚି ସେମାନଙ୍କୁ ଜେରା କରିଛି । ସେମାନଙ୍କଠୁବହୁ ତଥ୍ୟ ହାସଲ କରିଛି ସିବିଆଇ । ୨୦୨୫ ସେପେଟମ୍ବର ତାରିଖ ରାତିରେ ୩ଟି ବସ୍ରେ ବହୁ ସଂଖ୍ୟାରେ ପୁଲିସ ଏସଆଇ ପରୀକ୍ଷା ଆଶାୟୀଙ୍କୁ ବିଶାଖପାଟଣାମ ନିଆଯାଉଥିବା ସୁରାକ ସୁ ପାଇ ଶ୍ରୀକାକୁଲମ୍ରେ ପରେ ଗିରଫ ବ୍ରହ୍ମପୁର ପୁଲିସ ସେମାନଙ୍କ ପିଛା କରିଥିଲା । ଶ୍ରୀକାବ ସେମାନଙ୍କୁ ଧରିଥିଲା । ୧୧୪ ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ସହ ୩ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ସହ ଅନ୍ୟମାନେ ପର୍ଯ୍ୟାୟକ୍ରମେ ଗିର ହୋଇଥିଲେ । ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ଜାମିନ ହୋଇସାରିଛି । ଏହି ମାମଲା ପୁଲିସ ହାତରୁ କ୍ରାଇବ୍ରାଞ୍ଚ ଏବଂ ସିବିଆଇ ନେଇଛି । ସେପଟେ ବ୍ରହ୍ମପୁର ଜେଲ୍ରୁ ୧୨ ଜଣ ଅଭିଯୁକ୍ତ ଭୁବନେଶର ଝାରପଡ଼ା ଜେଲକୁ ଯାଇଛନ୍ତି ଏବଂ କେସ ରେକର୍ଡ ମଧ ଭୁବନେଶ୍ୱର ସିବିଆଇ କୋର୍ଟକୁ ଯାଇଛି । ୪ ଅଭିଯୁକ୍ତଙ୍କୁ ସିବିଆଇ ରିମାଇଣ୍ଡରେ ନେଇ ପଚରାଉଚରା କରୁଥିବା ବେଳେ ଭଞ୍ଜନଗର ଥାନାରେ ଆଜି ୩ଜଣ ପରୀକ୍ଷା ଆଶାୟୀଙ୍କୁ ଜେରା ହୋଇଛି । ରିମାଣ୍ଡ୍ରେ ଥିବା ଅଭି ଅଭିଯୁକ୍ତ ଏବଂ ଆଶାୟୀଙ୍କ ମଧରେ ଥିବା ଲିଙ୍କ ମଧ ସିବିଆଇ ଖୋଜୁଛି ।

# ଟିପିଏସଓଡିଏଲର ରକ୍ତଦାନ ଶିବିର



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ତରଫରୁ ବ୍ରହ୍ମପୁରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି । କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର, କଟକ ଓ ଏଏଲଆଇଜି ଶୈକ୍ଷିକ ଓ ଜନମଙ୍ଗଳ ଅନୁଷ୍ଠାନର ସହଯୋଗରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି । ରକ୍ତଭଣ୍ଡାରଗୁଡ଼ିକୁ ରକ୍ତ ଯୋଗାଇବା ଏବଂ ଜରୁରୀ ସମୟରେ ଯେପରି ରକ୍ତ ଅଭାବରେ ରୋଗୀଙ୍କ ଚିକିତ୍ସାରେ କୌଣସି ଅସୁବିଧା ନ ହେବ ସେ ଦିଗରେ ଗୁରୁତ୍ୱ ଦେବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅଟେ ।ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୭୨ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଏଥିରେ କମ୍ପାନୀର ବହୁ କର୍ମଚାରୀ ସ୍ୱଓ-ଇଚ୍ଛାରେ ଉତ୍ସାହର ସହିତ ରକ୍ତଦାନ କରିଥିଲେ । ସେମାନଙ୍କର ଅଂଶଗ୍ରହଣ, କମ୍ପାନୀର ସମାଜ କଲ୍ୟାଣ ଓ ସାମାଜିକ ଦାୟି ପ୍ରତି ଥିବା ସାମଗ୍ରିକ ପ୍ରତିବଦ୍ଧତାକୁ ପ୍ରମାଣ କରୁଛି । ଏହି କାର୍ଯ୍ୟକ୍ରମଟି କମ୍ପାନୀର ଚାଲୁ ରହିଥିବା ସ୍ୱେଚ୍ଛାସେବୀ ପ୍ରୟାସର ଏକ ଅଂଶ । ଆଗାମୀ ଦିନରେ ଟିପିଏସଓଡିଏଲର ୬ଟି ସର୍କଲରେ ଏହି ରକ୍ତଦାନ ଶିବିର ଆୟୋଜିତ ହେବ । କମ୍ପାନୀ ତରଫରୁ ନିଆଯାଉଥିବା ଏହି ଉଦ୍ୟମ ଜରୁରୀ ସମୟରେ ରୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ସହ କର୍ମଚାରୀଙ୍କ ମଧ୍ୟରେ ସଓ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦିଗରେ ସହାୟକ ହେବ । ଆୟୋଜିତ ରକ୍ତଦାନ ଶିବିରକୁ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ । ଉପସ୍ଥିତ କର୍ମଚାରୀମାନଙ୍କର ସହଯୋଗକୁ କମ୍ପାନୀର ସିଇଓ ଅମିତ କୁମାର ଗର୍ଗ ପ୍ରଶଂସା କରିବା ସହିତ ଏଭଳି କାର୍ଯ୍ୟ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ ଏବଂ ନିଜେ ମଧ ରକ୍ତଦାନ କରିଥିଲେ ।

# ଜାତୀୟ ମହିଳା ଆୟୋଗ ଡା. ଅର୍ଚ୍ଚନା ମଜୁମଦାଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା, (ସବ୍ୟୁ): ଜାତୀୟ ମହିଳା ଆୟୋଗ ସଦସ୍ୟ ଡା. ଅର୍ଚ୍ଚନା ମଜୁମଦାର ଗସ୍ତ କରି ବିଭାଗୀୟ ଅଧିକାରୀଙ୍କ ସହ ମହିଳାମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଓ ମୟୂରଭଞ୍ଜ ଜିଲ୍ଲା ଥିବା ମହିଳାଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଡା. ଅର୍ଚ୍ଚନା ମଜୁମଦାର ଶାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆ ଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମହିଳାଙ୍କ ଏକ ସଭାରେ ଭାଗନେଇ ସେମାନଙ୍କ ସହ ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ, ସଖୀ ନିବାସ, ୧୮୧ ମହିଳା ସହାୟତା, ମାତୃମୃତ୍ୟୁହାର ବାଲ୍ୟ ବିବାହ ଅଳ୍ପ ବୟସରେ ମା'ହେବାର କୁ ପରିଣାମ ଓ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ମହିଳାଙ୍କ ସହ ମତ ବିନିମୟ କରିଥିଲେ ।

ଏହି ସଭାରେ ଜିଲ୍ଲାପାଳ ହେମକାନ୍ତ ସୟ, ମହିଳାଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ସମ୍ବନ୍ଧର ମହିଳାମାନଙ୍କୁ ଅବଗତ କରିଥିବାବେଳେ ଜିଲ୍ଲା ଆରକ୍ଷୀ ଅଧିକାରୀ ବରୁଣ ଗୁଣ୍ଡୁପାଲି, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ ଜିଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରେ ଜଳିଗଲା ଚଳନ୍ତା କଣ୍ଟେନର

ଗୋଳନ୍ଥରା ,(ସବ୍ୟୁ): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ୧୬ ନଂ ଜାତୀୟ ରାଜପଥରେ ଶନିବାର ଦିନ ଏକ ଚଳନ୍ତା କଣ୍ଟେନର କୌଣସି କାରଣରୁ ନିଆଁ ଲାଗି ଜଳି ଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡିଛି । ସୂଚନା ଅନୁଯାଇ ଶନିବାରି ଦିନ ସାଢେ ୧୨ ଟା ବେଳେ କନିଷି ହାଟ ଅଞ୍ଚଳ ସାଓ୍ୱନ ଚୌଧୁରୀ ନିଜ କଣ୍ଟେନର ନଂ ଓଡି୦୨ -ବି.ୟୁ -୯୨୪୨ କନିଷି ରୁ ଲୋଡିଙ୍ଗ ପାଇଁ ବ୍ରହ୍ମପୁର ଯାଉଥିବା ବେଳେ ବୁଲୁ ଢ଼ାବା ନିକଟରେ ହଟାତ ଷ୍ଟ୍ୟରିଙ୍ଗ ତଳୁ ନିଆଁ ବାହାରୁଥିବା ସାଓ୍ୱନ ଦେଖିବାକୁ ପାଇଥିଲେ । ସେ ଭୟଭୀତ ହୋଇ କଣ୍ଟେନରକୁ ରୋଡ଼ କଡ଼ରେ ରଖି ତଳକୁ ଓହ୍ଲାଇ ଯାଇଥିଲେ । କିଛି ସମୟ ମଧ୍ୟରେ ପୁରା କଣ୍ଟେନରର କେବିନରେ ନିଆଁ ଜାଳିବା ଆରମ୍ଭ କରି ହୁତୁ ହୁତୁ ହୋଇ ଜଳିଥିଲା । ରାଜପଥ ଦେଇ ଯାଉଥିବା ଯାନ ବାହାନ ସପୂର୍ଣ୍ଣ ଅଟକି ରହିଥିଲା । ଖବର ପାଇ କନିଷି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା । ନିଆଁ କେଉଁ କାରଣରୁ ଲାଗିଲା ସ୍ପଷ୍ଟ ହୋଉ ନଥିବା ବେଳେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛି ।

# ଆଳୁ ବିହନ ବଣ୍ଟନର ଶୁଭାରମ୍ଭ

ବୁଗୁଡ଼ା ,(ସବ୍ୟୁ):ବୁଗୁଡ଼ା ଉଦ୍ୟାନ କୃଷି ବିଭାଗ ତରଫରୁ ଆଳୁ ଚାଷ ନିମନ୍ତେ ଆଳୁ ବିହନ ବଣ୍ଟନ ଆରମ୍ଭ ହୋଇଛି । ।ବୁଗୁଡ଼ା ଅଞ୍ଚଳରେ ମୋଟ ୪୧ ହେକଟର ଜମିରେ ଆଳୁ ଚାଷ ନିମନ୍ତେ ୬୧୫ କ୍ୱିଣ୍ଟାଲ ଆଳୁ ବିହନ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ୩୫୦ କ୍ୱିଣ୍ଟାଲ ଆଳୁ ବିହନ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି ।

ଏହି ଉନ୍ନତମାନର କୁଫ୍ରି ପୋଖରାଜ ଆଳୁ ବିହନକୁ ଚାଷୀମାନଙ୍କ ମଧ ରେ ବଣ୍ଟନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଳୁକୁ ସବସିଡି ମାଧମରେ ବଣ୍ଟନ ହେଉଥିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ବୁଗୁଡ଼ା ଉଦ୍ୟାନ କୃଷି କାର୍ଯ୍ୟାଳୟର ସହକାରୀ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଏମ.ଦେବାଶିଷ ଦୋରା,ସହକାରୀ କୃଷି ଅଧିକାରୀ ହରପ୍ରିୟା ବେହେରା, ଉଦ୍ୟାନ କୃଷି ସଂପ୍ରସାରଣ କର୍ମୀ ରାଜେଶ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଓଡିଶା ଗବେଷଣା ସମ୍ମିଳନୀ-୨୦୨୫

# ଭାରତକୁ ବିଶ୍ୱଗୁରୁ କରାଇବାରେ ଗବେଷଣା ମୁଖ୍ୟ ଭୂମିକା ଗ୍ରହଣ କରୁ : ପ୍ରଦୀପ ପାଣିଗ୍ରାହୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତିନି ଦିନ ଧରି ଚାଲିଥିବା ଓଡିଶା ଗବେଷଣା ସମ୍ମିଳନୀ-୨୦୨୫ ଶନିବାର ଦିନ ଉଦଯାପିତ ହୋଇଛି । କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇ ୨୦୪୭ ମସିହା ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପକୁ ଏହି ଭଳି ଗବେଷଣା ସମ୍ମିଳନୀ ମାର୍ଗଦର୍ଶନ ଦେଇପାରିବ । ସାଂପ୍ରତିକ ବିଶ୍ୱରେ ଦେଖାଦେଇଥିବା ପରିବେଶ, ଖାଦ୍ୟ ତଥା ଜୀବନଜୀବିକା ଭଳି ଜଟିଳ ତଥା ମୌଳିକ ସଂକଟକୁ ସମାଧାନ କରିବା ଦିଗରେ ଅଧିକ ଗବେଷଣା ହେବା ଦରକାର । ଭାରତକୁ ବିଶ୍ୱଗୁରୁ ଭାବେ ପରିଚିତ କରାଇବାରେ ଗବେଷଣା ମୁଖ୍ୟ ଭୂମିକା ଗ୍ରହଣ କରୁ ଏବଂ ଯୁବ ଗବେଷକ ମାନେ ଏ ଦିଗରେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଏହାସହ ଗବେଷଣା ସମ୍ମିଳନୀର ସଫଳତାକୁ ନେଇ ସେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଶିକ୍ଷାବିତ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ , ଅନ୍ୟତମ ଅତିଥି ଭାବେ ଓଡିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସମିତ ପ୍ରସାଦ ପାଣି,ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା ମୁଞ୍ଚାସୀନ ଥିଲେ ।



ଏହି ଅବସରରେ ବିଭିନ୍ନ ବିଷୟରେ ଶ୍ରେଷ୍ଠ ଗବେଷଣାତ୍ମକ ସନ୍ଦର୍ଭ ପ୍ରଦର୍ଶନ କରିଥିବା ଯୁବ ଗବେଷକ ତଥା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ରାଜ୍ୟ ତଥା ଜାତୀୟସ୍ତରର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକମାନଙ୍କୁ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି ବୈଠକରେ ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଆଇଜର ଭୁବନେଶ୍ୱର, ଆଇଓପି, ଆଇଏମଏମଟି, ଆଇଏମଏ ଆଦି ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ମାନେ ଯୋଗ ଦେଇଥିଲେ । ଏହାସହ ବିଶିଷ୍ଟ ଶିକ୍ଷାବିତ ତଥା ଆଇଜର କୋଲକତାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଆଇଆଇଟି ଦିଲ୍ଲୀର ଅବସରପ୍ରାପ୍ତ ପ୍ରଧାପକ ପ୍ରଫେସରୟୁସି ମହାନ୍ତିଙ୍କୁ ନେଇ ଗବେଷଣା ଓ ଉନ୍ନୟନରେ ଆଧୁନିକ ପଦ୍ଧତି ସଂପର୍କିତ ବିଷୟରେ ଆଲୋଚନା କରାଯାଇଥିଲା ।

୮ ଟି ଅଧିବେଶନ ଓ ତିନି ଦିନ ଧରି ଚାଲିଥିବା ଓଡିଶା ଗବେଷଣା ସମ୍ମିଳନୀର ପଞ୍ଚମ ସଂସ୍କରଣରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୬୫୭ ଜଣ ଗବେଷକ, ଅଧ୍ୟାପକ ଓ ଶିକ୍ଷାବିତ ମାନେ ଯୋଗ ଦେଇଥିଲେ । ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଓ ବ୍ରହ୍ମପୁର ବିଶବିଦ୍ୟାଳୟର ମିଳିତ ସହଯୋଗରେ ଏହି ସମ୍ମିଳନୀ ସଫଳତାର ସହ ଆୟୋଜନ ହୋଇଛି । ଏନେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ, ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ, ସମ୍ମିଳନୀରେ ଯୋଗ ଦେଇଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ବୈଷୟିକ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅଭିନେତା ହେବାର ସ୍ୱପ୍ନ ଦେଖିଛନ୍ତି ଶିଶୁ କଳାକାର ଆୟୁଷ

ବାରିପଦା, (ସବ୍ୟୁ) : ଓଡିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟସଙ୍ଘର ମିଳିତ ଆନୁକୂଲ୍ୟରେ ତଥା ବାରିପଦା କଳାକାର ପରିବାରର ସହଯୋଗରେ ବାରିପଦାରେ ଏକ ୧୫ଦିନିଆ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଧୀର ବସାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ତାଲିମ ନେଇଥିବା ୨୦ଜଣ ଯୁବକ ଯୁବତୀଙ୍କୁ ନେଇ ଏକ ନାଟକ ସହିଦ ଭବନରେ ମଞ୍ଚସ୍ଥ ହୋଇଥିଲା। ମାତ୍ର ଏହି କର୍ମଶାଳାରେ ସର୍ବକନିଷ୍ଠ ଶିକ୍ଷା ନବିଶ ଆୟୁଷ କୁମାର ଗିରି ଜୀବନରେ ପ୍ରଥମ ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ପରବର୍ତ୍ତୀ ସମୟରେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକକ ଅଭିନୟ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ହାତରେ ପୁରସ୍କୃତ ହୋଇଥିଲେ। ପ୍ରକାଶ ଥାଉକି ଆୟୁଷ ସର୍ବପ୍ରଥମେ ନାଟ୍ୟ କର୍ମଶାଳାରେ ହିଁ ନାଟକ ଦେଖିଲେ ଓ ନାଟକ ପ୍ରତି ଆଗ୍ରହୀ ହେଲେ। ଏହି ପୁରସ୍କାର ପାଇବା ପରେ ସେ ଜଣେ ଅଭିନେତା ହେବାର ସ୍ୱପ୍ନ ଦେଖିଛନ୍ତି ଓ



ଅଭିରାମ ଗିରି ଓ ମିନିସ୍ମିତା ଗିରିଙ୍କ ସୁପୁତ୍ର ବର୍ତ୍ତମାନ ବାରିପଦା ସ୍ଥିତ ଦେଉଳସାହି ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି ଓ ତାଙ୍କ ଅଭିନୟ ଦେଖି ନାଟ୍ୟ କର୍ମଶାଳାର ନିର୍ଦ୍ଦେଶକ ନବୀନ ପରିଡା, ସଂଯୋଜକ ଧୀର ବଶା, କର୍ମକର୍ତ୍ତା ଜ୍ଞାନ ରଞ୍ଜନ ପଣ୍ଡା, ସନ୍ତୋଷ ମହାନ୍ତି, ପ୍ରସନ୍ନ ମହାନ୍ତି, ସୋମନାଥ ସିଂହ ପ୍ରମୁଖ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ୪ ଜଣିଆ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଗିରଫ: ୩୪୨ ମୋବାଇଲ ଜବତ

ବ୍ରହ୍ମପୁର,(ସବ୍ୟୁ): ବଡବଜାର ଥାନା ପୋଲିସ ୪ ଜଣିଆ ଆନ୍ତରାଜ୍ୟ ମୋବାଇଲ ଚୋର ଗ୍ୟାଙ୍ଗକୁ ଗିରଫ କରିଛି । ସେମାନଙ୍କ ନିକଟରୁ ୩୪୨ ମୋବାଇଲ ତଥା ସ୍ମାର୍ଟ ଫୋନ, ୯୮ଟି ମୋବାଇଲ କଭର, ଗୋଟିଏ ସ୍କୁଟି, ୩ଟି ବ୍ୟାଗ, ଗୋଟିଏ ଜରି ବସ୍ତା ଜବତ ହୋଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଜିଲା ଧରାକୋଟ ଦାମୋଦରପୁରର ଦାସ ସୋନୁ(୨୦) ଓ ଦାସ ସାହିଲ କୁମାର(୩୧), ଦାସ ରାଜା(୩୮) ଓ ଆନ୍ଧ୍ରପ୍ରଦେଶ ଆକିଭିଡୁ ଗ୍ରାମର ପି ଶ୍ରୀନୀବାସୁଲୁ(୩୯) । ଉକ୍ତ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ବଡବଜାର ଥାନାପୋଲିସ ପକ୍ଷରୁ ଶୁକ୍ରବାର ଗାଡିମଟର ଯାଞ୍ଚ ଚାଲିଥିବା ବେଳେ ଏକ ସ୍କୁଟିରେ ଗୋଟିଏ ବ୍ୟାଗ ଧରି ଯାଉଥିବା ଅଭିଯୁକ୍ତ ସୋନୁ ଓ ସାହିଲଙ୍କୁ ସନ୍ଦେହରେ ଅଟକାଇ ପଚରାଉଚରା କରାଯାଇଥିଲା। ସେମାନଙ୍କ ବ୍ୟାଗ ଯାଞ୍ଚ ବେଳେ ତା' ଭିତରେ ପାଖାପାଖି ୧୦୦ଟି ଦାମୀ ମୋବାଇଲ ରହିଥିଲା । ଏହି ସମସ୍ତ ମୋବାଇଲ ବିଭିନ୍ନ ସହରରୁ ଚୋରି କରି ଅଣାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା । ଅଭିଯୁକ୍ତ ସୋନୁ ଓ ତାର ୩ ଜଣ ସହଯୋଗୀ ଯଥା ସାହିଲ, ରାଜା ଓ ଶ୍ରୀନୀବାସୁଲୁ ମିଳିତଭାବେ ବିଭିନ୍ନ ଅଞ୍ଚଳରୁ ମୋବାଇଲ ଚୋରି କରୁଥିଲେ ।

ସେମାନେ ବ୍ରହ୍ମପୁର ସମେତ ଭୁବନେଶ୍ୱର, ହାଇଦ୍ରାବାଦ, ଚେନ୍ନାଇ, ଆନ୍ଧ୍ରପ୍ରଦେଶ ଭଳି ସହରରୁ ମୋବାଇଲ ଚୋରି କରିବା ସହ ସେଠାକାର ଚୋରଙ୍କ ଠାରୁ ଚୋରା ମୋବାଇଲ ଶସ୍ତାରେ କିଣି ଆଣୁଥିଲେ । ଶ୍ରୀକ୍ଷେତ୍ର ବିହାରରେ ଏକ ଘର ଭଡା ନେଇ ସେଠାରେ ସେହି ମୋବାଇଲଗୁଡ଼ିକୁ ମରାମତି କରି ନୂତନ କଭର ପକାଇ ଗ୍ରାମାଞ୍ଚଳ ସହ ସୀମାନ୍ତରେ ଲୋକଙ୍କୁ ବିକ୍ରି କରୁଥିଲେ ।

ଅଭିଯୁକ୍ତ ସୋନୁର ବୟାନ ଆଧାରରେ ପୋଲିସ ଶ୍ରୀକ୍ଷେତ୍ର ବିହାର ସ୍ଥିତ ଅଭିଯୁକ୍ତଙ୍କ ଭଡା ଘରେ ଚଢଉ କରିଏକାଧିକ ବ୍ୟାଗରେ ରଖାଯାଇଥିବା ୨୫୦ରୁ ଅଧିକ ମୋବାଇଲ ଜବତ ହୋଇଥିଲା। ପୋଲିସ ସେହି ଘର ଭିତରୁ ଅଭିଯୁକ୍ତ ରାଜା ଓ ଶ୍ରୀନୀବାସୁଲୁଙ୍କୁ ଗିରଫ କରିଥିଲା ।

# ଜଳିଗଲା ୭ ପରିବାରର ୮ ବଖରା

ଭଞ୍ଜନଗର, (ସବ୍ୟୁ): ଗଂଜାମ ଜିଲ୍ଲା ତାରାସିଙ୍ଗି ଥାନା ଅନ୍ତର୍ଗତ ଗରୁଡୁ ଗାଁ ରେ ଘଟିଛି ଭୟାବୟ ଅଗ୍ନିକାଣ୍ଡ । ୭ ଟି ପରିବାରର ୮ ବଖରା ପୋଡି ପାଉଁଶ ହୋଇଯାଇଛି । ସମସ୍ତେ ଶୋଇଥିବା ବେଳେ,ଶୁକ୍ରବାର ବିଳମ୍ବିତ ରାତିର ଭୟାବହେ ଅଗ୍ନିକାଣ୍ଡ ଘଟିଥିଲା । ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବା ପାଇଁ ବହୁଚେଷ୍ଟା କରିଥିଲେ । ପରେପରେ ଖବର ପାଇ ଭଂଜନଗର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି, ନିଆଁକୁ ଆୟତ୍ତ କରିଥିଲେ । ସମସ୍ତ କ୍ଷତିଗ୍ରସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଘରେ ରହିଥିବା ଅମଳ ଧାନ ଫସଲ ସମେତ ଆସବାବପତ୍ର ଏବଂ ସମସ୍ତ ଘରକରଣା ପୋଡି ପାଉଁଶ ହୋଇଯାଇଛି ।

ଖବର ପାଇ ଗାଲେରୀ ରାଜସ୍ୱ ନିରୀକ୍ଷକ ନାରାୟଣ ସାହୁ ଗରୁଡୁ ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ରାଜସ୍ୱ ବିଭାଗ ତରଫରୁ ଗୋଟିଏ ଗୋଟିଏ ଜରିପାଲ ଦେଇଛନ୍ତି ।

କ୍ଷତିଗ୍ରସ୍ତ ପରିବାର ଶୁଭଲକ୍ଷ୍ମୀ ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ସନ୍ୟାସୀ ପଟ୍ଟନାୟକ, ରାଧା ଗୁରୁ ,ବାବୁଲା ଗୁରୁ,ବନମାଳି ଗୁରୁ ଓ ସୁବାସ ଚନ୍ଦ୍ର ନାୟକ ଏମାନେ ଗରିବ ଶ୍ରେଣୀର ହେତୁ ତୁରନ୍ତ ସରକାରୀ ସହାୟତା ରାଶି ଯୋଗାଇଦେବା ପାଇଁ ଅଞ୍ଚଳରେ ଦାବି ହୋଇଛି ।

# ପିତୃଶ୍ରାଦ୍ଧ ପିଣ୍ଡ ବିସର୍ଜନ କରିବାକୁ ଯାଇ ପୁଅ ମୃତ

ଆସିକା,(ସବ୍ୟୁ): ବାପାର ଶ୍ରାଦ୍ଧ ପିଣ୍ଡ ବିସର୍ଜନ କରିବାକୁ ଯାଇ ଋଷିକୂଲ୍ୟା ନଦୀରେ ବୁଡି ଯାଇ ପୁଅର ଶୋଚନୀୟ ମୃତ୍ୟୁ ଘଟିଛି । ସୁନାମ୍ବ ରଥ ଦାଣ୍ଡ ସାହିର ଏ.ପ୍ରକାଶ ଆଚାରୀ (୬୫) ଶନିବାର ଅପରାହ୍ନ ପ୍ରାୟ ୨ ଟା ବେଳେ ନିଜ ପିତୃଶ୍ରାଦ୍ଧ କାର୍ଯ୍ୟ ସାରି ଋଷିକୂଲ୍ୟା ନଦୀ ସୁନାମ୍ବ ବ୍ରାହ୍ମଣ ସାହି ପମ୍ପ ଚେମ୍ବର୍ ଘାଟକୁ ଯାଇଥିଲେ । ସେଠାରେ ଗୋଡ଼ ଖସିଥିବା ଓ ଗଣ୍ଡ ର ଗଭୀର ପାଣି ରେ ବୁଡି ଯାଇଥିଲେ ।ଦୀର୍ଘ ସମୟ ଧରି ଘର କୁ ନ ଫେରିବାରୁ ପରିବାର ପକ୍ଷରୁ ନଦୀ ଘାଟ ରେ ଖୋଜି ଥିଲେ । ସାହି ଲୋକ ବି ଖୋଜା ଖୋଜି କରି ନ ପାଇଥିବାରୁ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ପାଣିରେ ବୁଡି ରହିଥିବା ଅବସ୍ଥାରେ ଉଦ୍ଧାର କରିଥିଲେ । ପ୍ରକାଶ ଙ୍କୁ ଅଚେତ ଅବସ୍ଥାରେ ଆସିକା ମେଡିକାଲ କୁ ନିଆଯାଇଥିଲା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସନ୍ଧ୍ୟା ହୋଇ ଯାଇଥିବାରୁ ଆଜି ତାଙ୍କ ର ବ୍ୟବଚ୍ଛେଦ କରାଯାଇ ପାରି ନଥିଲା ଓ ରବିବାର ସକାଳୁ ବ୍ୟବଚ୍ଛେଦ କରାଯିବ ବୋଲି ଜଣା ପଡ଼ିଛି । ଏହି ଖବର ପରିବାରବର୍ଗ ଭାଙ୍ଗି ପଡିଥିବା ବେଳେ ସାହି ବାସିଙ୍କ ମଧରେ ଶୋକାକୁଳ ବାତାବରଣ ଦେଖା ଦେଇଛି ।

# ଉପଖଣ୍ଡସ୍ତରୀୟ ଅବକାରୀ ବିଭାଗ ସମୀକ୍ଷା

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମ୍ମିଳନୀ କକ୍ଷରେ ଛତ୍ରପୁର ଉପଖଣ୍ଡସ୍ତରୀୟ ଅବକାରୀ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଅଧକ୍ଷତା କରି ବିଭିନ୍ନ ସ୍ଥାନରେ ଚୋରା ଗେଞ୍ଜାଇ ଓ ଦେଶୀ ମଦକୁ କିଭଳି ଭାବେ ନିୟନ୍ତ୍ରଣ କରାଯିବ ସେଉପରେ ଗୁରୁତ୍ୱାରୋପ କରିଥିଲେ ।

ରାଜସ୍ୱ ଆଦାୟର ଲକ୍ଷ୍ୟଧାର୍ଯ୍ୟକୁ ପୂରଣ କରିବା ଲାଗି ଅଧିନସ୍ଥ କର୍ମଚାରୀମାନଙ୍କୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ, ଦୋକାନମାନଙ୍କରେ ବେଆଇନ ଭାବେ ବିନା ପ୍ରେସ କ୍ରିପ୍ସନ ରେ ମେଡ଼ିସିନ କରବାର ଚାଲିଛି, ଏହାକୁ ରୋକିବାକୁ ମଧ କୁହାଯାଇଛି, ଅବକାରୀ, ପୋଲିସ, ରାଜସ୍ୱ ବନ ଏବଂ ଡ୍ରଗ୍ସ ବିଭାଗ ର ଏକ ମିଳିତ ଟିମ ଗଠନ କରିବା ସହିତ ଉକ୍ତ ଟିମ ଏନଫୋସମେଂଟ କୁ ଜୋରଦାର କରିବାକୁ କୁହାଯାଇଛି ।

ଏହି ସମୀକ୍ଷା ବୈଠକରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଖଲିକୋଟ ତହସିଲଦାର, ଆସିଷ୍ଟାଣ୍ଟ କଲେକଟର ଅପୂର୍ବ ଆର୍ଯ୍ୟ, ଛତ୍ରପୁର ପୋଲିସ ଥାନା ଅଧିକାରୀ ସବ୍ୟ ସାଚୀ ମଲ୍ଲ, ଗଞ୍ଜାମ ଅବକାରୀ ଜିଲ୍ଲାର ଡେପୁଟି ଅବକାରୀ ଅଧିକ୍ଷକ ଅଳକା ସୁନା,ସଦର ଅବକାରୀ ଇନିସପେକଟର ସରୋଜ ପରିଡା,ଛତ୍ରପୁର ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ସୂର୍ଯ୍ୟ ନାରାୟଣ ରଥ, ଖଲିକୋଟ, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ ଅବକାରୀ ଓଆଇସି ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଶାନ୍ତନୁ ଦାସ ପାଇଲେ ସମ୍ମାନ ଜନକ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଭଞ୍ଜନଗର,(ସବ୍ୟୁ): ବହୁବିଧ ଲୋକନୃତ୍ୟ ରେ ଜୀବନବ୍ୟାପୀ ସାଧନା ପାଇଁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର - ୨୦୨୪ ପାଇଁ ମନୋନୀତ ହୋଇ ଭଞ୍ଜନଗରର ଶାନ୍ତନୁ କୁମାର ଦାସ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି । ପୁରସ୍କାର ସ୍ୱରୂପ ତାଙ୍କୁ ୨ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ ସହ ଅଙ୍ଗବସ୍ତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି । ସେହିପରିଲୋକ କଳା ସୁତା କେ„ଇ ପାଇଁ ଭଞ୍ଜନଗର ବଡକୋଦଣ୍ଡା ଗ୍ରାମ ର ଭାସ୍କର ପଣ୍ଡାଙ୍କୁ ଉକ୍ତ ଅନୁଷ୍ଠାନ ପକ୍ଷରୁ ଉପାୟନ ପୁରସ୍କାର (ବୟବୃଦ୍ଧ କଳାକାର ଙ୍କ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପୁରସ୍କାର) ପ୍ରଦାନ କରାଯାଇଛି । ଏଥିସହ ଏହି ବରିଷ୍ଠ



କଳାକାର ଙ୍କୁ ଉପାୟନ ପୁରସ୍କାର ରାଶି ବାବଦକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି । ରାଜ୍ୟ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ମର୍ଯ୍ୟାଦା ସୂଚକ ଏକାଡେମୀ ପୁରସ୍କାର ଗ୍ରହଣ କରିବା ପରେ ବହୁମୁଖୀ ପ୍ରତିଭାର ଅଧିକାରୀ ଶାନ୍ତନୁ କୁମାର ଦାସ ନିଜର ଜୀବନ ବ୍ୟାପି ସାଧନାକୁ ସେ ଯୁବ ପିଢୀ ଙ୍କୁ ବାଣ୍ଟିବା ସହ ଘୁମୁସର ମାଟିର ଲୋକ କଳା ଓ ଲୋକ ସଂସ୍କୃତିର ବିକାଶ ପାଇଁ ନିଜର ଜୀବନକୁ ସମର୍ପିତ କରିବେ ବୋଲି ଉଲ୍ଲେଖ କରିଛନ୍ତି । ଘୁମୁସର ମାଟିର କୋଠି ଶାଳ ନୃତ୍ୟ, ଢଣ କୁଲା, ମଙ୍ଗଳା ଘଟ ଭଳି ଲୁପ୍ତପ୍ରାୟ କଳାକୁ ସେ ଜୀବନ୍ୟାସ ଦେବା ସହ ଏଥିରେ ନୂତନିବ ଭରି ଏମାଟିର କଳା କୁ ସର୍ବଭାରତୀୟ ସ୍ତରରେ ସଫଳତାର ସହ ପ୍ରଚାର ପ୍ରସାର କରି ନିଜେ ପ୍ରସିଦ୍ଧି ଲାଭ କରିବା ସହ ଏ ମାଟି କୁ ଧନ୍ୟ କରିଛନ୍ତି । ଅନ୍ୟ ପକ୍ଷରେ ଏହି ସମ୍ମାନର ଅଧିକାରୀ ହେବା ପରେ ବିଭିନ୍ନ ସ୍ଥାନରୁ ଏବେ ଶାନ୍ତନୁ କୁମାର ଦାସ ଙ୍କୁ ଅଭିନନ୍ଦନ ର ସୁଅ ଛୁଟିଛି ।ସେହିପରି ବଡକୋଦଣ୍ଡା ଗ୍ରାମ ର ବୟବୃଦ୍ଧ କଳାକାର ଭାସ୍କର ପଣ୍ଡା ଘୁମୁସର ମାଟିର ଚଳନ୍ତମାନ କାଠ କେ„ଇ ପ୍ରସ୍ତୁତ କରି ଏମାଟିର କଳା କୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଯଥେଷ୍ଟ ସହାୟକ ହୋଇଛନ୍ତି । ନିର୍ଜୀବ କାଠ ଦେହରେ ଜୀବନ୍ୟାସ ଭରି ସେମାନଙ୍କୁ ନେଇ କେ„ଇ ଅପେରା ପ୍ରସ୍ତୁତ କରିବାରେ ଏମାଟିର ଏହି ଅନନ୍ୟ ବିନ୍ଧାଣି ଙ୍କୁ ସମ୍ବର୍ଦ୍ଧନା ଦେଇ ଉପାୟନ ପୁରସ୍କାର ଦିଆଯିବା ଭଞ୍ଜନଗର ମାଟି ପାଇଁ ଆଉ ଏକ ଗୌରବ ନିଶ୍ଚୟ ।

# ପୋଷ୍ଟମର୍ଟମ ପାଇଁ ୨ହଜାର ଟଙ୍କା ଲାଞ୍ଚ

## ଛେଳି କାଟିଲେ ୫ହଜାର ଟଙ୍କା, ମୁଁ କଣ ଭିକାରୀ !

ରାୟଗଡା,(ସବ୍ୟୁ): ମୃତ ବ୍ୟକ୍ତିଙ୍କୁ ପୋଷ୍ଟମର୍ଟମ ପାଇଁ ୨ହଜାର ଲାଞ୍ଚ ମାଗିଲେ କାଶିପୁର ମେଡ଼ିକାଲ କର୍ମଚାରୀ। ଟଙ୍କା ନଦେବାରୁ ମୃତ ପରିବାରକୁ ଗାଳି ଗୁଲଜ କରିଥିଲେ । ରାୟଗଡା ଜିଲ୍ଲା କାଶିପୁର ଠାରେ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ମାନବିକତା ହଜିଯାଇଛି। ଗତ କାଲି କାହ୍ନୁଗୁଡ଼ା ଗ୍ରାମରେ ଜଣେ ତିନି ବର୍ଷର ଶିଶୁ ନଦୀରେ ଭାସି ଯାଇଥିଲା । ଶିଶୁଟିକୁ ଉଦ୍ଧାର କରି ଗ୍ରାମବାସୀଙ୍କ ସହଯୋଗରେ କାଶିପୁର ମେଡ଼ିକାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ଶିଶୁଟିକୁ ମୃତ ଘୋଷଣା କରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପୋଷ୍ଟମର୍ଟମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ପର ଦିନ ଅର୍ଥାତ୍ ଶନିବାର ସକାଳେ ପୋଷ୍ଟମର୍ଟମ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟ କଥା ଡାକ୍ତର ପୋଷ୍ଟମର୍ଟମ କରିବା ପରେ କାଶିପୁର ମେଡ଼ିକାଲ କର୍ମଚାରୀ ହୃଷୀକେଶ ସାହୁ ମୃତ ପରିବାର ଲୋକଙ୍କୁ ମର ଶରୀର କାଟିବା ପାଇଁ ଖୁସିରେ ଦୁଇ ହଜାର ଟଙ୍କା ମାଗିଥିଲେ। ଉପସ୍ଥିତ ଲୋକ ମରିବା ଘଟଣା କେମିତି ଖୁସି ବୋଲି ପଚାରିଥିଲେ। ପରିବାର ବର୍ଗ ଏବଂ ଗ୍ରାମବାସୀ ଦୁଇ ଦିନ ଧରି ଦୁଃଖ ଥିଲେ। ଏପରିକି ଜଣେ କୁଲି ମଜୁରୀ କରି ବଞ୍ଚିବା ବ୍ୟକ୍ତି ହୋଇଥିବାରୁ ଗାଁ ବାସିନ୍ଦା ଚାନ୍ଦା କରି ମୃତ ଶବ କାଟିବା ସରକାରୀ କର୍ମଚାରୀଙ୍କୁ ପାଞ୍ଚ ସହ ଟଙ୍କା ଦେଇଥିଲେ। ତାହା ଗ୍ରହଣ କରୁନଥିବାରୁ ପୁଣି ଥରେ ଏକ ହଜାର ଟଙ୍କା ଦିଆଗଲା। କିନ୍ତୁ କର୍ମଚାରୀ ସେତିକିରେ ମଧ ସନ୍ତୁଷ୍ଟ ହୋଇନଥିଲେ। ଏପରିକି ପୋଲିସ ଅଧିକାରୀ ମାନଙ୍କ ଉପସ୍ଥିତିରେ ଛେଳି କାଟିଲେ ପାଞ୍ଚ ହଜାର ଟଙ୍କା ନେଉଛନ୍ତି ମୁଁ କଣ ଭିକାରୀ। ମୁଁ ଭିକ ମାଗୁ ନାହିଁ ତୁମେ ଦେବା ଦରକାର ନାହିଁ କହି ଟଙ୍କା ମୁହଁରେ ଫୋପାଡି ଦେଇ ଅତି କଦର୍ଯ୍ୟ ବ୍ୟବହାର କରିଥିଲେ। ଏଭଳି ସ୍ଥିତିରେ ମାନବିକତା ହଜିଯିବା ଅନୁଭବ କରି ଗ୍ରାମ ବାସିନ୍ଦା କର୍ମଚାରୀଙ୍କ ବିରୋଧରେ ପୋଷ୍ଟମର୍ଟମ କ୍ଷେତ୍ରରୁ ହିଁ ମାମଲା ଲେଖି ପୋଲିସରେ ଅଭିଯୋଗ କରାଇ ଶବ ରଖି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିରହିଲେ। ତୁରନ୍ତ କାଶିପୁର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପିଡୀତ ଗ୍ରାମବାସୀଙ୍କୁ ବୁଝା ସୁଝା ପରେ ଶାନ୍ତ ପଡିଥିଲା। କିନ୍ତୁ ତାଙ୍କର ଦାବି ଥିଲା ଏଭଳି ନିର୍ଦୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ମେଡ଼ିକାଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଥିଲେ। କାଶିପୁର ମେଡ଼ିକାଲ ଅଧିକାରୀଙ୍କ ଜରିଆରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଗ୍ରାମବାସୀଙ୍କ ତରଫରୁ ଲିଖିତ ଅଭିଯୋଗ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଉକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠନ ନିମନ୍ତେ ଚିଠି କରିଥିବା ଜଣା ପଡ଼ିଛି। ଅପର ପକ୍ଷେ ଉକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ବାଧ ହୋଇ ଆନ୍ଦୋଳନ କରିବା ପାଇଁ ଗ୍ରାମ ବାସିନ୍ଦା ଚେତାବନୀ ଦେଇଛନ୍ତି।

# ୨ ବାଲିଚାଲାଣ ଟ୍ରାକ୍ଟର ଜବତ

## ୧ଲକ୍ଷ ୨୦ହଜାର ଟଙ୍କା ଜୋରିମାନା ଆଦାୟ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରାଜସ୍ୱ ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ମିଳିତ ଚଢାଉ କରି ବେଆଇନ ବାଲି ଚାଲାଣ ଅଭିଯୋଗରେ ୨ ଟି ଟ୍ରାକ୍ଟରକୁ ଜବତ କରାଯିବା ସହ ଜିଲ୍ଲା ଖଣି ବିଭାଗ ପକ୍ଷରୁ ୬୦ହଜାର ଟଙ୍କା ଲେଖାଏଁ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

ଶୁକ୍ରବାର ମୁରିବାହାଲ ତହସିଲଦାର ଜଗଦୀଶ କର୍ଣ୍ଣାମୀ ଓ ଥାନା ଆଇଆଇସି ସନାତନ ସାହୁଙ୍କ ନେତୃତ୍ୱରେ ରାଜସ୍ୱ ଓ ପୁଲିସ ପ୍ରଶାସନ ଇଚ୍ଛାପଡ଼ା ଆରଆଇ ସର୍କଲ ଅନ୍ତର୍ଗତ ଲାନ୍ଥ ନଦୀ ଅଞ୍ଚଳରୁ ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗରେ ଚଢ଼ାଉ କରିଥିଲେ। ବେଆଇନ ବାଲି ଚାଲାଣ ଅଭିଯୋଗରେ ଇଚ୍ଛାପଡ଼ା ପଞ୍ଚାୟତ କତରଲଗା ଗ୍ରାମର ପରମେଶ୍ୱର ବାଗଙ୍କ ଟ୍ରାକ୍ଟର ଓ ଅନ୍ତର୍ଲା ଗ୍ରାମର ରୋହିତ ବାଗଙ୍କ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିଲେ। ଉଭୟ ଟ୍ରାକ୍ଟର ବାଲି ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରିନଥିଲେ। ଫଳରେ ବେଆଇନ ବାଲି ଚାଲାଣ କରୁଥିବା ଜବତ ଉଭୟ ଟ୍ରାକ୍ଟରକୁ ଜିଲ୍ଲା ଖଣି(ମାଇନ୍ସ)ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅତିରିକ୍ତ ଖଣି ଅଧିକାରୀ ବିବେକାନନ୍ଦ କିଶାନ ପହଞ୍ଚି ଉଭୟ ଟ୍ରାକ୍ଟର ଯାଞ୍ଚ କରିଥିଲେ। ବିନା କୌଣସି କାଗଜପତ୍ରରେ ବାଲି ଚାଲାଣ ଅଭିଯୋଗରେ ଗୋଟିଏ ଟ୍ରାକ୍ଟରକୁ ୬୦ହଜାର ଟଙ୍କା ଲେଖାଏଁ ମୋଟ ୧ଲକ୍ଷ ୨୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ଉଭୟ ଟ୍ରାକ୍ଟର ମାଲିକ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରେ ଥିବା ଜିଲ୍ଲା ଖଣି ବିଭାଗ କାର୍ଯ୍ୟାଳୟକୁ ଯାଇ ଜୋରିମାନା ଅର୍ଥ ପ୍ରଦାନ କରିଥିଲେ। ଜୋରିମାନା ଦେବା ପରେ ଉଭୟ ଟ୍ରାକ୍ଟରକୁ ଥାନାରୁ ଛାଡ଼ି ଦିଆଯାଇଥିବା ଜଣାପଡିଛି। ଏହି ଚଢ଼ାଉରେ ଇଚ୍ଛାପଡ଼ା ଆରଆଇ ହୃଦାନନ୍ଦ ବାଗ,ଗୁଡିଘାଟ ଆରଆଇ ସୌମ୍ୟରଞ୍ଜନ ସାହୁଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜବତ ଉଭୟ ବେଆଇନ ବାଲି ଟ୍ରାକ୍ଟରକୁ ଜୋରିମାନା ଆଦାୟ ପରେ ଥାନାରୁ ଛାଡ଼ି ଦିଆଯାଇଥିବା ଆଇଆଇସି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଟିକ୍ରାପଡ଼ା ଲାନ୍ଥନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ଲିଜ ଅବଧି ଶେଷ ହୋଇଯାଇଥିବା ଅଭିଯୋଗ ସମ୍ପର୍କରେ ଜିଲ୍ଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତଙ୍କ ମତାମତ ପାଇଁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଉଠାଇନଥିଲେ।





ଝାରସୁଗୁଡା ପୋଲିସର ସାମ୍ବାଦିକ ସମ୍ମିଳନୀ । ଗିରଫ ହୋଇଥିବା ୮ ଡକାୟତ ସହିତ ପୋଲିସ ଅଧିକାରୀ ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଠାରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ, ଖେଳକୁ ଆମକୁ ପ୍ରାଥମିକତାର ବିଷୟ ଭାବେ ଗ୍ରହଣ କରିବାକୁ ହେବ । ସାମଜ ଖେଳିଲେ ହିଁ ସୁସ୍ଥ ଓ ସମୃଦ୍ଧ ରହିବ । ୨୦୩୬ ଅଲମ୍ପିକ ପାଇଁ ଭାରତ ପ୍ରାକ୍ ପ୍ରସ୍ତୁତ ହେଉଥିବା ବେଳେ ଆମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପ୍ରକାର ପ୍ରତିଯୋଗିତା ସେମାନଙ୍କର ଖେଳୁଆଡ ମନୋଭାବକୁ ଆହୁରି ଅଧିକ ପ୍ରସ୍ଫୁଟିତ କରିବ । କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ୯ଟି ବ୍ଲକରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ଆଗାମୀ ଅଲମ୍ପିକରେ ସମ୍ବଲପୁର ଜିଲ୍ଲାର ଯେମିତି ଭୂମିକା ରହିବ ସେଥିପ୍ରତି ଚେଷ୍ଟା କରିବାକୁ କହିଥିଲେ । ସୂଚନାଯୋଗ୍ୟ, ୭ ନଭେମ୍ବର, ୨୦୨୫ରୁ ଆରମ୍ଭ ହୋଇଥିବା ସାଂସଦ ଖେଳ ମହୋତ୍ସବରେ ମୋଟ ୫୩ହଜାର୬୧୯ଜଣ ଖେଳାଳି ପଞ୍ଜିକୃତ କରିଥିଲେ । ସେଥିମଧ୍ୟରୁ ୨୭ହଜାର୪୫୫ଜଣ ଯୁବକ ଓ ୨୬ହଜାର୧୫୯ଜଣ ଯୁବତୀ ଖେଳାଳି ଥିଲେ । ମୋଟ ୨ବର୍ଗରେ ୧୦୦, ୨୦୦ମିଟର ଦୌଡ, ଡିସକସ୍ ଥ୍ରୋ, ସଟ୍‌ପୁଟ୍ ଓ ଖୋ ଖୋ ପ୍ରତିଯୋଗିତା ହୋଇଥିଲା । କୃତି ଖେଳାଳିମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବେ । ଏହି ଅବସରରେ ୧୫ଟି କ୍ଲବକୁ ଖେଲୋ ଭାରତ ସ୍ପୋର୍ଟ୍ସ କିଟ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୁଳ ବିଧାୟକ ପ୍ରତାପ ପ୍ରଧାନ, ପୂର୍ବତନ ବିଧାୟକ ନାଉରୀ ନାୟକ, ଆରଡିସି ସଚିନ୍ ରାମଚନ୍ଦ୍ର ଯାଦବ, ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲରେ ଶୈକ୍ଷିକ ମେଳା

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୁଗୁଡ଼ା ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ବାର୍ଷିକ ଶୈକ୍ଷିକ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ବୈଦ୍ୟନାଥ ପାଢ଼ୀଙ୍କ ଦ୍ୱାରା ଉଦ୍ଘାଟିତ ଏହି ପ୍ରଦର୍ଶନୀରେ ବହୁ ସଂଖ୍ୟକ ଛାତ୍ର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ଶିବ ପ୍ରସାଦ ମହାପାତ୍ର , ମୁଖୁଗୁଡ଼ା ଗ୍ରାମ ସରପଞ୍ଚ ଜୟନ୍ତୀ ମହାଲିକ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଚାରକ ଭାବରେ ବଡ କର୍ଲାକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଦ୍ୱୟ ଅଭଜିତ୍ ଗିରି ଏବଂ ଉଦୟ କୁମାର ମହାରଣା, ହୀରାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ନାୟକ, ଖଲିଆଉଞ୍ଚା ଅପର ପ୍ରାଇମେରୀ ସ୍କୁଲର ବିଜ୍ଞାନ ଶିକ୍ଷକ ଶାରଦା ପ୍ରସନ୍ନ ସାହୁ, ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ଡକ୍ଟର କାକ ନାଏକ, ଭେକଟେଶ୍ୱର ବିଦ୍ୟାଳୟର ଶିକ୍ଷକ ପ୍ରମିଲ ଦୁର୍ଗା, ଅନିଲ ସୁନାନୀ ଏବଂ ଋଷିକେଶ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଜା ମହାରଣା ଓ ପରିତୋଷ ପଣ୍ଡା ସମେତ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ବିଭିନ୍ନ ବିଭାଗରୁ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ନିଜ ନିଜର ପ୍ରଦର୍ଶନ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ । ଶିକ୍ଷକ ପ୍ରମିଲ ଦୁର୍ଗା ସଭା ପରିଚାଳନା କରିଥିଲେ ।

# ପାଇକମାଳ ବ୍ଲକ୍ ଲୋକ ମହୋତ୍ସବ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଟାଉନ୍ କ୍ଲବ ପକ୍ଷରୁ ଆୟୋଜିତ ହେଉଥିବା ପଦ୍ମପୁର ଲୋକ ମହୋତ୍ସବ ଆନୁକୁଲ୍ୟରେ ପାଇକମାଳ ଠାରେ ବ୍ଲକସ୍ତରୀୟ ପାଇକମାଳ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବୋଡା ସମ୍ବର ଅଞ୍ଚଳର କଳା ଓ କଳାକାରଙ୍କୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ପଦ୍ମପୁର ଲୋକ ମହୋତ୍ସବ ଦ୍ୱାରା କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସିତ ହୋଇଛି। ପାଇକମାଳ ଗ୍ରାମାଞ୍ଚଳର ସମସ୍ତ କଳାକାର ମାନଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାରଙ୍କ ସମେତ ଲୁପ୍ତପ୍ରାୟ କଳାକାର ମାନଙ୍କୁ ଉଦଜିବୀତ କରି ରଖିବା ପାଇଁ ପ୍ରୟାସ ରେ ବିଭିନ୍ନ କଳା ପ୍ରଦର୍ଶନ କରୁଥିବା ୩୪ ଗୋଟି ସାଂସ୍କୃତିକ ଦଳର ୨୭୬ ଜଣ ବରିଷ୍ଠ ଓ କନିଷ୍ଠ ମହିଳା ଓ ପୁରୁଷ କଳାକାର ଅଭିନୟ ପ୍ରଦାନ କରି ଯୋଗଦାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କଳା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାରଗଣଙ୍କୁ ମହୋତ୍ସବ ପାଳନ ତରଫରୁ ମାନପତ୍ର ପ୍ରଦାନ କରିଥିଲେ। ପାଇକମାଳ ଦୁର୍ଗା ମନ୍ଦିର ସମ୍ମୁଖରେ ସମସ୍ତ କଳାକାର ଓ ମହୋତ୍ସବ ପାଳନ କମିଟିର ସଦସ୍ୟ, ପଦ୍ମପୁର ଟାଉନ୍ କ୍ଲବ ସଭାପତି ପ୍ରିତେଶ ବହିଦାର,ପଦ୍ମପୁର ଲୋକ ମହୋତ୍ସବ ପାଳନ କମିଟିର ଆବାହକ ଅଶୋକ କୁମାର ମିଶ୍ର,ଉପସଭାପତି ନରେଶ ସୁନ୍ଦର ସାହୁ ଯୋଗଦାନ ଦେଇ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ବାହାରି ମହୋତ୍ସବ ପାଳନ ସ୍ଥାନରେ ପହଞ୍ଚି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମହୋତ୍ସବରେ ଅତିଥି ଭାବରେ ପଦ୍ମପୁର ବୁଢ଼ାସମ୍ବର ଜମିଦାର ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସମେତ ପାଇକମାଳର ବିଶିଷ୍ଟ କଳାକାର ଚିତ୍ତରଞ୍ଜନ ସରାଫ, ପ୍ରେମ ସାଗର ଫୌଜଦାର, ତ୍ରିଲୋଚନ ମେହେର, ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ,ଲମ୍ବୋଦର ପଣ୍ଡା,କୈଳାଶ ଦିଶି,ସୁଶାନ୍ତ ନାଗ,ଯୋଗେନ୍ଦ୍ର ଭୋଇ,ରୋଶନ ପାଣିଗ୍ରାହୀ, ବିକି ଅଗ୍ରୱାଲ ,ପ୍ରଫେସର କେଶ ରଞ୍ଜନ ପ୍ରଧାନ, ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ନାଟ୍ୟକାର ଅଶୋକ ବହିଦାର ଓ ଲଳିତ ଜଗତ ଅତିଥି ସହ ମଞ୍ଚ ପରିଚାଳନା କରିଥିଲେଛ ବିଶିଷ୍ଟ କଳାକାର ଲଳିତ ଜଗତ ଅପରାହ୍ଣରେ ସମସ୍ତେ କଳାକାର ମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ।



# ସଡକ ଦୁର୍ଘଟଣାରେ ଶୁନ୍ ମୃତାହତ ପକ୍ଷ

## ଅବସରରେ ସଚେତନତା ପଦଯାତ୍ରା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଟାଉନ ହଲ ଠାରୁ ସଡକ ଦୁର୍ଘଟଣା କ୍ଷେତ୍ରରେ ଶୁନ୍ ମୃତାହତ ପକ୍ଷ ପାଳନ ଅବସରରେ ଏକ ପଦଯାତ୍ରାର ଶୁଭାରମ୍ଭ ହୋଇ ଯାଇଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ବୌଦ୍ଧ ଆଇ.ଆଇ.ସି ନଳିନୀ କାନ୍ତ ଦାସ, ଜୁନିଅର ଏମଭିଆଇ ସଞ୍ଜୟ କୁମାର ବେହେରା, ଟ୍ରକ ମାଲିକ ସଂଘ ର ସଭାପତି ଶିବ ପ୍ରସାଦ ମିଶ୍ର, ଯୁବ ରେଡକ୍ରସ ପ୍ରଶିକ୍ଷକ ଡ଼. ପ୍ରବୀର କୁମାର ଦାସ, ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ବୌଦ୍ଧ ପଞ୍ଚାୟତ କଲେଜ ଓ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଟ୍ରକ ମାଲିକ ସଂଘ ଓ ବସ ମାଲିକ ସଂଘର ସଦସ୍ୟ ମାନେ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ପଦଯାତ୍ରା ଗାନ୍ଧୀ ଛକ, ବାଘ ଗୁଡ଼ା ଛକ, ପୁରୁଣା ବ୍ଲକ ଛକ, ବ୍ରିଜ ଛକ ଦେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଂଚି ଥିଲା । ଶୋଭାଯାତ୍ରାରେ ଏକ ସଚେତନତା ରଥ ସାମିଲ ହୋଇ ଏଥିରେ ମାଇକ ମାଧ୍ୟମରେ ସଡ଼କ ଦୁର୍ଘଟଣା ଜନିତ ମୃତାହତକୁ ରୋକିବା ପାଇଁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ପ୍ରଚାର କରଯାଇଥିଲା। ଏହି ପକ୍ଷ ୧୬ ନଭେମ୍ବର ରୁ ୩୦ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯାଉଛି।

# ଆରମ୍ଭ ହେଲାଣି କପା ଅମଳ, ଖୋଲୁନି ମଣ୍ଡି

ଭବାନୀପାଟଣା,(ସବ୍ୟୁ) : ଚଳିତ ବର୍ଷ ସଠିକ ପରିମାଣରେ ବର୍ଷା ହୋଇଥିବାରୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରଚୁର ପରିମାଣରେ କପା ଫସଲ ହୋଇଛି । ବର୍ତ୍ତମାନ ପ୍ରାୟତଃ କପା ଅମଳ ବି ହୋଇସାରିଲାଣି । ହେଲେ ମଣ୍ଡି ଆରମ୍ଭ ନହେବା ଚାଷୀର ଚିନ୍ତା ବଢ଼ାଇଦେଇଛି । ସ୍ଥାନୀୟ ଦଲାଲ ଓ ଛତିଶଗଡ଼ ରାଜ୍ୟର ବେପାରୀଙ୍କୁ କମ ଦରରେ କପା ବିକ୍ରି କରିଦେଉଛି ଚାଷୀ। କପାର ଅମଳ ଋତୁ ଆରମ୍ଭ ହେଲାଣି। କିଏ ଧଳା ସୁନା ତୋଳିବାରେ ବ୍ୟସ୍ତ ତ' ଆଉ କିଏ କପା ତୋଳି ଆଣି ଘରେ ରଖୁଛନ୍ତି। ଏହି ସମୟରେ ଚାଷୀ ପାଇଁ ବଡ଼ ସମସ୍ୟା ହୋଇ ଠିଆ ହୋଇଛି ମଣ୍ଡି। କଳାହାଣ୍ଡିରେ ଏଯାଏଁ କପା ମଣ୍ଡି ଖୋଲିନି। ଉତ୍ପାଦିତ କପାକୁ କେଉଁଠି ରଖିବେ କେମିତି ବିକିବେ ସେ ଚିନ୍ତାରେ ଚାଷୀ। ମଣ୍ଡି ବିଳମ୍ବତାର ଫାଇଦା ଉଠାଉଛନ୍ତି ଦଲାଲ। ସ୍ଥାନୀୟ ଦଲାଲଙ୍କ ସହ ଛତିଶଗଡ଼ରୁ ବେପାରୀ ଆସି ଚାଷୀ ଠୁ କମ୍ ମୂଲ୍ୟରେ କପା କିଣି ନେଉଛନ୍ତି । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରଚୁର ପରିମାଣରେ କପା ଚାଷ ହୋଇଛି। ଏହି ଜିଲ୍ଲାର କପା ବେଶ ଉତ୍କୃଷ୍ଟ ମାନର। ସେଥିପାଇଁ ଦେଶ ବିଦେଶରେ ଏହାର ବେଶ ଚାହିଦା ରହିଛି । ହେଲେ ଜିଲ୍ଲାରେ ମାତ୍ର ୨ଟି କପା ମଣ୍ଡି ରହିଛା। ଅନ୍ୟପଟେ ବିଳମ୍ବିତ ମଣ୍ଡି ପ୍ରକ୍ରିୟା ଲାଗି ଚାଷୀ ଦଲାଲଙ୍କୁ କମ ମୂଲ୍ୟ ରେ ବିକି କ୍ଷତି ସହୁଛନ୍ତି । ହାତ ଉଧାରି, ଋଣ କରି ଚାଷୀ କ୍ଷେତରେ ଧଳା ସୁନା ଫଳାଇଲା। ଭାବିଥିଲା ଭଲ ଦୁଇ ପଇସା ରୋଜଗାର ହେବ। ହେଲେ ସରକାରୀ ଅବ୍ୟବସ୍ଥା ପାଇଁ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। ତୁରନ୍ତ ଜିଲ୍ଲାରେ ମଣ୍ଡି ଖୋଲିବା ପାଇଁ ଦାବି ହୋଇଛି।

# କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର

କଣ୍ଟାବାଞ୍ଜି,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ବୁରୋମାଳ ଗାଁର ଏକ ଚାଷ ଜମିରେ ଥିବା କୂଅରୁ ଗାଁର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ସୁରେନ୍ଦ୍ର ଭାଟି। ସୁରେନ୍ଦ୍ରଙ୍କ ହାତରେ ଦଉଡ଼ି ବନ୍ଧା ଯାଇଥିବା ବେଳେ ଦଉଡ଼ିଟି ଏକ ବଡ଼ ପଥରରେ ବନ୍ଧା ହୋଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଥିବା ବେଳେ ପରିବାର ଲୋକ ମଧ ହତ୍ୟା ଅଭିଯୋଗ ଆଣିଛନ୍ତି। ସୁରେନ୍ଦ୍ର ସକାଳେ ଗାଁରେ ଗାଈ ଚରାଉଥିବା ଘର ଲୋକ ଦେଖିଥିଲେ। କିଛି ଘଣ୍ଟା ପରେ ସୁରେନ୍ଦ୍ର ଗାଁରେ ନଥିବା ବେଳେ ପରିବାର ଲୋକ ଖୋଜାଖୋଜି କରି ଶେଷରେ କଣ୍ଟାବାଞ୍ଜି ଥାନାରେ ନିଖୋଜ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ପରେ ପରିବାର ଲୋକ ଗାଁର ଜଣକ ଚାଷ ଜମିରେ ଥିବା କୂଅରେ ସୁରେନ୍ଦ୍ରଙ୍କ ମୃତଦେହ ପଡ଼ିଥିବା ଜାଣି ପୁଲିସକୁ ଖବର ଦେଇଥିଲେ। ଦମକଳ ବାହିନୀର ସହଯୋଗରେ ପୁଲିସ ଶବ ଉଦ୍ଧାର କରିଛିଛ ହେଲେ ଶବର ହାତରେ ଦଉଡ଼ି ଏବଂ ସେହି ଦଉଡ଼ି ପଥରରେ ବନ୍ଧା ଥିବା ଯୋଗୁ କିଏ ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏନେଇ କଣ୍ଟାବାଞ୍ଜି ଏସଡିପିଓଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣା ସ୍ଥଳରେ ତଦନ୍ତ କରୁଥିବାର ସୂଚନା ଦେଇଛନ୍ତି।

# କୃଷି ଓ କୃଷକର ଉନ୍ନତି ପାଇଁ ସମବାୟ ବିକାଶ ଆବଶ୍ୟକ: ଜିଲ୍ଲାପାଳ



ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ମଧୁସୁଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ,ଉପ ଜିଲ୍ଲାପାଳ ଶର୍ମି ସୋରେନ୍ , ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରିୟ ଅଧିକାରୀ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ସମବାୟ ସଂସ୍ଥାର ବିକାଶ ଅତ୍ୟନ୍ତ ଆବଶ୍ୟକ । ପ୍ରାଥମିକ ସ୍ତରରେ ଏହା କୃଷକ ମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରି ଗ୍ରାମାଞ୍ଚଳର କୃଷକ ମାନଙ୍କ ବିଶ୍ୱାସ ଭାଜନ ହୋଇଥାଏ। ସମବାୟ ସୁରକ୍ଷିତ ରହିଲେ କୃଷକ ସମାଜ ସମୃଦ୍ଧ ହେବ। ପରେ ଆସନ୍ତା ବର୍ଷ ପାଇଁ ନୂଆପଡ଼ା ଜିଲ୍ଲାର ସମବାୟ ବିକାଶ ଉପରେ ବିଶଦ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ସମବାୟ ସମିତି ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରି ନୂଆପଡ଼ା ଜିଲ୍ଲାରେ ସମବାୟର ବିକାଶ ପାଇଁ ସୁଚିନ୍ତିତ ମତାମତ ରଖିଥିଲେ । ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ କିଣା, ସାର ଓ ବିହନ ର ସୁବଣ୍ଟନ, କେସିସି ଋଣ ପ୍ରଦାନ, ମାଇକ୍ରୋ ଏ ଟି ଏମ ଦ୍ୱାରା ଟଙ୍କା ଉଠାଣ କିଭଳି ଭାବେ ସୁଚାରୁ ରୂପେ ହୋଇ ପାରିବ, ସେଥି ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଆଦର୍ଶ ବିଦ୍ୟାଳୟର ଛାତ୍ର ବୃତ୍ତି ଓ ଧାନ ମଣ୍ଡି ଅବ୍ୟବସ୍ଥା ସମାଧାନ ଦାବି



ସମ୍ବଲପୁର,(ସବ୍ୟୁ): ଆଦର୍ଶ ବିଦ୍ୟାଳୟର ଛାତ୍ରବୃତ୍ତି ପରୀକ୍ଷା ଓ ଧାନ ମଣ୍ଡି ଅବ୍ୟବସ୍ଥାର ସମାଧାନ ଦାବିରେ ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଅଢେଇ ଲକ୍ଷ ଟଙ୍କାରୁ କମ୍ ଆୟ ପରିବାରର ଛାତ୍ରଛାତ୍ରୀ ମାନେ ବୃତ୍ତି ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବା ପରେ ଆଦର୍ଶ ବିଦ୍ୟାଳୟରେ ପାଠ ପଢିବାର ସୁଯୋଗ ପାଇଥାନ୍ତି । ଉତ୍ତମ ପରିବେଶ ସହ ସିବିଏସ୍‌ସି ପାଠ୍ୟକ୍ରମ ନେଇ ନିର୍ମିତ ଆଦର୍ଶ ବିଦ୍ୟାଳୟ ଗରିବ ପରିବାରର ଛାତ୍ରଛାତ୍ରୀଙ୍କ ଉନ୍ନତ ପାଠପଢା ପାଇଁ ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ଦୁର୍ଭାଗ୍ୟ ବିଷୟ ଯେ ଚଳିତବର୍ଷ ନୂତନ ନାମଲେଖା ପାଇଁ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇନାହିଁ। ଫଳରେ ଅନିଶ୍ଚିତତା ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀ ମାନେ ଅଛନ୍ତି । ଏଥିସହ ଓଡିଶାର ୩୧୫ସ୍କୁଲରେ ୭୦୩୬ଜଣ ଶିକ୍ଷକ ପଦବୀ ଥିବାବେଳେ ୨୪୬୬ଜଣ ଶିକ୍ଷକ, ୨୬୧ଜଣ ଅଧ୍ୟକ୍ଷ ପଦବୀ ଖାଲି ରହିଛି । ଏହାକୁ ତୁରନ୍ତ ପୂରଣ କରିବା ସହ ଧାନକିଣା ଅବ୍ୟବସ୍ଥା ସମାଧାନ, ସଠିକ୍ ସମୟରେ ଟୋକନ ପ୍ରଦାନ, ମଣ୍ଡିର ସୁବ୍ୟବସ୍ଥା କରିବା ପାଇଁ ଆଲୋଚନା କରିଥିଲେ । ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଛାତ୍ର ବିଜେଡି ଜୋନ୍ ସଭାପତି ମିଳନ ହୋତା, ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ୍ ଦେବତା, ଦୁର୍ଯ୍ୟ ମହାନ୍ତି, ଜାଫର ଅଲ୍ଲୀ ଖାଁ, ଯୁବ ବିଜେଡି ଉପସଭାପତି ସୁମିତ ପଟେଲ, ଜୋନ୍ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଶୁଭମ ସାହୁ ଓ ଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖପ୍ରାଖୋଲ ମହୋତ୍ସବ ଆରମ୍ଭ

## ମଶାଲ ଶୋଭାଯାତ୍ରା ସହ କଂସ ଦରବାର

ଖପ୍ରାଖୋଲ,(ସବ୍ୟୁ):ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଠାରେ ମଶାଲ ଶୋଭାଯାତ୍ରା ସହିତ ୫ମ କଂସ ଦରବାର ତଥା ଖପ୍ରାଖୋଲ ମହୋତ୍ସବ ଶନିବାର ସଂଧ୍ୟାରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ସଂଧ୍ୟାରେ ଆୟୋଜନ କମିଟି ତରଫରୁ ଖପ୍ରାଖୋଲର ଇଷ୍ଟ ଦେବୀ ମାଁ ଡୁମେରତଲିଏନଙ୍କ ଠାରେ ପୂଜା ପାଠ ସହିତ ମଶାଲ ଶୋଭାଯାତ୍ରା ବାହାରି କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହୋତ୍ସବ କମିଟି ସଭାପତି ବୁଲୁ ପଣ୍ଡା, ଉପ ସଭାପତି ଡୋଲାମଣୀ ସାଣ୍ଡ, ରଞ୍ଜନ ସାହୁ, ଉଦ୍ଧବ ମେହେର, ରାଜୁ ବାରିକ,



ସତ୍ୟ ବାଗ, ଅରକ୍ଷିତ ସାହୁ, ବିନୋଦ ସାହୁ, କୁନୁ ସାହୁ, ବାଦଲ ଦଣ୍ଡସେନା, ହରିବୋଲ ଦାସ, ହାକା ପ୍ରଧାନ, ରୋହିତ ଶଗଡ଼ିଆ, ସୁଶାନ୍ତ ପ୍ରଧାନ, ଆଶିଷ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଡିସେମ୍ବର ୫ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବେଳେ ପାର୍ବତୀ ଗଣନାଟ୍ୟ ଯାତ୍ରା,ମିନାବଜାର,ବିଭିନ୍ନ ଦୋଲି ଏବଂ ଏହି ଅବସରରେ ହାସ୍ୟ ଅଭିନେତା ପପୁ ପମ ପମ ଯୋଗଦେବେ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି।

# ବଲାଙ୍ଗିର : ୧୭ ଜୁଆଡ଼ି ଗିରଫ

ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ସଦର ଥାନା ପୁଲିସ ହାତରେ ୧୭ ଜୁଆଡ଼ିଛ ସଦର ଥାନା ଅନ୍ତର୍ଗତ କୁଟୁରାପାଲି ଗାଁରେ ଚାଲିଥିଲା ଏକ ବଡ଼ ଜୁଆ ଆଡ୍ଡା। ଆଉ ଏହି ଜୁଆ ଆଡ୍ଡା ଭିତରେ ବଲାଙ୍ଗିର, ସୋନପୁର, ବରଗଡ, ସମ୍ବଲପୁର ଜିଲ୍ଲାର ୧୭ ଜୁଆଡି ଲକ୍ଷ ଲକ୍ଷ ଟଙ୍କାର ଜୁଆ ଖେଳୁଥିଲେ । ବାସ ଏହି ଘଟଣାର ଖବର ପାଇଥିଲା ବଲାଙ୍ଗିର ସଦର ଥାନା ପୁଲିସ ଆଉ ସଙ୍ଗେ ସଙ୍ଗେ ଚଢ଼ାଉ କରିଥିଲା । ଚଢାଉ କରି ୧୭ ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣାକୁ ନେଇ ସଦର ଥାନାରେ ପୁଲିସ କରିଥିଲା ସାମ୍ବାଦିକ ସମ୍ମିଳନୀ । ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଘଟଣାର ବଡ଼ ଖୁଲାସା କରିଥିଲେ ।



ଏସଡିପିଓଙ୍କ ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା କୁଟୁରାପାଲି ଗାଁରେ ଦୀର୍ଘ ଦିନରୁ କିଛି ଜୁଆଡି ଜୁଆ ଖେଳ ଖେଳାଉଥିଲେ । ଖେଳିବାକୁ ଆସୁଥିଲେ ବଲାଙ୍ଗିର ଜିଲ୍ଲା ତଥା ଆଖପାଖ ଜିଲ୍ଲାର ଜୁଆଡ଼ି ମାନେ । ଏନେଇ ବିଶ୍ୱସ୍ତ ସୂତ୍ରରୁ ବଲାଙ୍ଗିର ସଦର ଥାନା ପୁଲିସ ହାତରେ ଲାଗିଥିଲା । ପୁଲିସ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା ଆଉ ୧୭ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଘଟଣାରେ ୧୨ ଗୋଟି ବାଇକ୍, ଗୋଟିଏ ଚାରି ଚକିଆ ଗାଡ଼ି, ୧୫ ଗୋଟି ମୋବଇଲ, ୬ ଗୋଟି ଡ଼ାଇସ୍ ସହ ୧୪୯୪୭୦ ଟଙ୍କା ପୋଲିସ ଜବତ କରିଥିଲା । ଗିରଫ ୧୭ ଜଣ ହେଲେ ବଲାଙ୍ଗିର କୁଟୁରା ପାଲିର ଧୀରୁ ଓରଫ ଜନ୍ମେଜୟ ଥନାପତି (୩୫), ଲୁଟୁକି ବାହାଲର ଅଭିମନ୍ୟୁ ସାହୁ (୪୫), ବରଗଡ଼ ଗାଇସିଲେଟର ରାତୁ ପରୁଆ (୫୫), ଅମର ସରାଫ (୪୬), ଦେବାନନ୍ଦ ସାହୁ (୩୫) ଓ ଟଙ୍କଧର ମହାନନ୍ଦ (୩୫), ବଲାଙ୍ଗିର ଆଗଲପୁରର ଜୋଗିନ୍ଦ୍ର ମେହେର (୫୯), ସମ୍ବଲପୁର ବମରାର ରାଜା ଯାଦବ (୩୩), ବରଗଡ଼ ପଟେଇପାଲିର ବିରୋ କିଶୋର ଥପା (୩୫), ବରଗଡ଼ ବନ୍ଦୋପାଲିର ଦିଲ୍ଲୀପ ସାହୁ (୩୫),ସମ୍ବଲପୁର ଜିଲ୍ଲା ସାନ୍ଧମେରମୁଣ୍ଡାର ନିରଞ୍ଜନ ମୁଣ୍ଡା (୪୨), ସୁବର୍ଣ୍ଣପୁର ଜିଲ୍ଲା ସିଆଲବାହାଲିର ବିରେନ୍ଦ୍ର ସାହୁ (୩୬), ବରଗଡ଼ ଜିଲ୍ଲା ଧୁବାପାଲିର ଶୁକ୍ଳୁ ମିର୍ଦ୍ଧା (୫୦), ସୁବର୍ଣ୍ଣପୁର ଜିଲ୍ଲା ରାମପୁରର ବିଷ୍ଣୁ ପଧାନ (୩୭), ବଲାଙ୍ଗିର ଜିଲ୍ଲା ଝାରମୁଣ୍ଡାର ସନ୍ତୋଷ କୁମାର ଧରୁଆ (୫୭), ସୁବର୍ଣ୍ଣପୁର ଜିଲ୍ଲା ଡୁମେରପାଲିର ବିଶ୍ୱମିତ୍ର ସାହୁ (୨୪) ଓ ସୁବର୍ଣ୍ଣପୁର ଜିଲ୍ଲାର ହିରଣ୍ୟ ଓରଫ କନ୍ଧ କାଲସାଏ (୬୦)କୁ ପୁଲିସ ଗିରଫ କରିଥିବା ନେଇ ସଦର ଏସ୍ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି ।

# ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଗଇଲଗୁଡି ଗ୍ରାମର ଜେମ୍ସ ଯୋଯୋ(୨୦) ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ଜିଆରପି ଥାନା ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି । ସୂଚନାଯୋଗ୍ୟ, ନିଖୋଜ ଜେମ୍ସ ତାମିଲନାଡୁର ଏକ ଅଟୋମେଶନ ପ୍ରା.ଲିରେ କାମ କରୁଥିଲେ । ଗତ ୨୪ତାରିଖରେ ତ୍ରିପୁର ଷ୍ଟେସନରୁ ଟ୍ରେନ ଯୋଗେ ସମ୍ବଲପୁର ଯାଉଥିବା ତାଙ୍କ ପିତା ଉଇଲସନ୍ ଯୋଯୋଙ୍କୁ ଫୋନ କରି କହିଥିଲେ । ଏପର୍ଯ୍ୟନ୍ତ ପୁଅ ନପହଞ୍ଚିବା ଯୋଗୁଁ ସେ ଯୁଯୋମୁରା ଥାନାକୁ ଯାଇ ଅଭିଯୋଗ କରିଥିଲେ । ମାତ୍ର ପୋଲିସ ଅଭିଯୋଗ ନରଖିବାରୁ ଏସ୍‌ପିଙ୍କୁ ଭେଟିଥିବା ଜଣାପଡିଛି ।

# ବିଜ୍ଞାନ ମେଳା ଓ ଭଲିବଲ ପ୍ରତିଯୋଗିତା



ଜୟପାଟଣା,(ସବ୍ୟୁ): ଜୟପାଟଣା ବ୍ଲକ ଖଲିଆଭଟା ସରକାରୀ ଉଚ୍ଚବିଦ୍ୟାଳୟ ଠାରେ କଳାହାଣ୍ଡି, ନବରଙ୍ଗପୁର, ନୂଆପଡା କଳାହାଣ୍ଡି ଜୋନର ଜୋନାଲସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା ସମାରୋହର ସହ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗ ଦ୍ୱାରା ପ୍ରଣୀତ ଏହି ୨୦୨୫ ସରଗିଫୁଲ, ଜୋନସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତାରେ କୃତିପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ସରଗିଫୁଲ ମହୋତ୍ସବ ରେ ଅଂଶଗ୍ରହଣ କରିବାର ସୁଯୋଗ ଥିବାରୁ ଏହି ଜୋନ ସ୍ତରୀୟ ଉତ୍ସବରେ ଉତ୍ସାହି ଛାତ୍ର ଛାତ୍ରୀ ମାନେ ନିଜ ନିଜର ଅନ୍ତର୍ନିହିତ କଳା କୌଶଳକୁ ପ୍ରଦର୍ଶିତ କରିବାରେ ପଛେଇ ନ ଥିଲେ। ଭଲିବଲ ପ୍ରତିଯୋଗିତାରେ ବାଳକ ଓ ବାଳିକାସ୍ୱତନ୍ତ୍ରଭାବେଛଅ ଗୋଟି ଦଳ ମଧ୍ୟରେ ପ୍ରତିଯୋଗିତାହୋଇଥିଲା. ସେହିପରି ବିଜ୍ଞାନ ପ୍ରଦର୍ଶନୀ ମେଳାରେ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ମସିଗାଁ-ଜିଲ୍ଲା ନବରଙ୍ଗପୁର, ନିଶନାହାଣ୍ଡିସରକାରୀ ଉଚ୍ଚବିଦ୍ୟାଳୟ ନବରଙ୍ଗପୁର, କଳିଙ୍ଗ ମୋଡେଲ ରେସିଡିଏନସାଲ ସ୍କୁଲଉମରକୋଟ, ସରକାରୀ ଉଚ୍ଚ ବିଦ୍ୟାଳୟ କୋଡୀଙ୍ଗା ବ୍ଲକ କୋଶା ଗୁମୁଣ୍ଡା, ସରକାରୀ ଉଚ୍ଚବିଦ୍ୟାଳୟକୋଟ୍ରା ଗୁଡା ବ୍ଲକ ନନ୍ଦାହାଣ୍ଡି ନବରଙ୍ଗପୁର, ଡିଜିଟାଲ ଇଣ୍ଡିଆ ପାୱାର ଟାୱାର ରୁରାଲ ଇଣ୍ଡିଆ ଡିଜିଟାଲ ବିଜରାଗୁଡା,ସରକାରୀ ଉଚ୍ଚଝ ମାଧ୍ୟମିକ ବିଦ୍ୟାଳୟ କଟା ମାଳ ଜିଲ୍ଲା ନବରଙ୍ଗପୁର, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କୋଟେନଚୁଆଁ, ସରକାରୀ ଉଚ୍ଚବିଦ୍ୟାଳୟ ବୋଡ଼େନ ନୂଆପଡା ଜିଲ୍ଲା,ଜୁନାଗଡ କଳାହାଣ୍ଡି, ସରକାରୀ ଉଚ୍ଚବିଦ୍ୟାଳୟଲୁବେନଗଡ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୋପାଳପୁର କଳାହାଣ୍ଡି, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟବାନି ପଙ୍ଗା-ଲାଞ୍ଜିଗଡ କଳାହାଣ୍ଡି, ସରକାରୀ ଉଚ୍ଚ ବିଦ୍ୟାଳୟ ଜୁନାଗଡ କଳାହାଣ୍ଡି, ସରକାରୀ ଉଚ୍ଚବିଦ୍ୟାଳୟ କୁରୁଗୁଡା, ସରକାରୀ ଉଚ୍ଚ ସେକେଣ୍ଡାରୀ ସ୍କୁଲ କୁରୁଗୁଡା,ସରକାରୀ ଉଚ୍ଚ ବିଦ୍ୟାଳୟ ଖଲିଆଭଟା-ଜୟପାଟଣା, ସରକାରୀ ଉଚ୍ଚ ବିଦ୍ୟାଳୟ ଭାମିନି ବ୍ଲକ ଉମରକୋଟ, ଯୋଗଦେଇ ନିଜ ନିଜର ଅନ୍ତର୍ନିହିତ କଳା, କୌଶଳ, ବିଜ୍ଞାନ, ସାମାଜିକଶିକ୍ଷା, କୃଷି, ମୋବାଇଲ, ପ୍ରଭୃତିର ଉନ୍ନତି, ପ୍ରଗତି, ଉପରେ ପ୍ରାଞ୍ଜଳ ଭାବେ ପ୍ରତିପାଦିତ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜୋନ ସ୍ତରୀୟ ସମସ୍ତ ପ୍ରଧାନ ଶିକ୍ଷକ, ଗାଇଡ଼ ଶିକ୍ଷକ, ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସକ୍ରିୟ ସହଯୋଗ କରିଥିଲେ। ଭଲିବଲ ପ୍ରତିଯୋଗିତାରେ କୃଷ୍ଣ ପ୍ରସାଦ ନାୟକ, ସୀତାକାନ୍ତ ପ୍ରଧାନ, ଲମ୍ବୋଦର ସାହୁ, ସୁମନ ଦଳାଇ,କାମସେନଭୋଇ, ବିଦୁଲତା ମେହେର, ଚନ୍ଦ୍ର ମୋହନ ବିଶ୍ୱାଳ, ଏ. ଏମ. କୁମାର ଖରସେଲଙ୍କ ପ୍ରତକ୍ଷ ତତ୍ୱାବଧାନରେ ଖେଳ ଗୁଡିକ ସୁପରିଚାଳିତହୋଇଥିଲା। ବିଜ୍ଞାନ ମେଳାରେ ବିଚାରକ ଭାବେ ମଙ୍ଗୁଳିଚରଣ ମୁଦୁଲି, ଓ ଗୋପାଳ ପଣ୍ଡା ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ। ବିଚାରକଙ୍କ ମୂଲ୍ୟାଙ୍କନକୁ ଆଧାର କରି କୃତି ପ୍ରକଳ୍ପ ଛାତ୍ର ଛାତ୍ରୀ ମାନେ ରାଜ୍ୟସ୍ତରୀୟ ସରଗି ଫୁଲ ମହୋତ୍ସବ ରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଏକ ଭବ୍ୟ ସମାବେଶ ମଧ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ମୁଖ୍ୟବକ୍ତା ଭାବେ କୈଳାସ ଚନ୍ଦ୍ର ମହାରଣା ଜିଲ୍ଲା ଶିକ୍ଷା ନିରୀକ୍ଷକ କଳାହାଣ୍ଡି ଜୋନ, ସମ୍ମାନୀୟ ଅତିଥିଭାବେ ଉଦୟ ସିଙ୍ଗ ମାଝୀ ଜିଲ୍ଲା ଶିକ୍ଷା ନିରୀକ୍ଷକ କଳାହାଣ୍ଡି ଓ ନୂଆପଡା ଜୋନ,ପ୍ରଧାନ ଶିକ୍ଷକ ଶତ୍ରୁଜିତ ପତି, ବେଦବ୍ୟାସ ପ୍ରଧାନ,ପ୍ରଶାନ୍ତ ପଣ୍ଡା, ହୃଷିକେଶ ମେହେର, ବୀଣାପାଣି ସାମନ୍ତ, ବସନ୍ତ ମାଝୀ, ସଂଜୀବକୁମାର ପଣ୍ଡା, ଅଶୋକକୁମାର ସାହୁ, ତଥା କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଜୋନର ସମସ୍ତ ପ୍ରଧାନ ଶିକ୍ଷକ ମଂଚାସୀନ ଥିଲେଛପ୍ରଧାନ ଶିକ୍ଷକ ଶତ୍ରୁଜିତ ପତି, ବେଦବ୍ୟାସ ପ୍ରଧାନ, ପ୍ରଶାନ୍ତ ପଣ୍ଡା ମଞ୍ଚପରିଚାଳନା, ଅତିଥିପରିଚୟ, ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରଶିକ୍ଷଣ ଶିବିର

ରେଢ଼ାଖୋଲ,(ସବ୍ୟୁ): ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ରେଢ଼ାଖୋଲ ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ବି.ଡବ୍ଲୁ.ଆଇ ର ମିଳିତ ସହଯୋଗରେ ଏକ ସଚେତନତା ମୂଳକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରେଢ଼ାଖୋଲ ଓ ଆଠମଲ୍ଲିକ ଡିଭିଜନରୁ ଶତାଧିକ ସିଜନାଲ କର୍ମଚାରୀ ଓ ତୋଳାଳୀ ମାନେ ଯୋଗଦାନ କରିଥିଲେ। ସଂଘର ସଭାପତି ଶ୍ରୀ ମହାନ୍ତି ନବରଙ୍ଗପୁର ଓ ଜୟପୁର ଡିଭିଜନରେ ପ୍ରଚଳିତ ଫାଲ ବ୍ୟବସ୍ଥା ଆଧାରିତ ପତ୍ର ଉତ୍ପାଦନ ମଡେଲକୁ ଅନ୍ୟ ଡିଭିଜନରେ ପ୍ରଚଳନ କରାଯିବା ଯୋଜନା ପରିସ୍ଥିତିରେ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀଙ୍କ ଜୀବନ ଜୀବିକା ରେ ବିପତ୍ତ ସୃଷ୍ଟି କରିବ, ଘରୋଇକରଣ ଭଳି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଉପରେ ଆପତ୍ତି ଏବଂ ଚିନ୍ତା ବ୍ୟକ୍ତ କରିଥିଲେ। ସମାବେଶରେ ପତ୍ରଫଡି ଘର ଉଚ୍ଛେଦ ନହେବା ପାଇଁ ସର୍ବନିମ୍ନ ପତ୍ର ଉତ୍ପାଦନକୁ ସୁନିଶ୍ଚିତ କରିବା, ପତ୍ରର ପରିମାଣ ଓ ଗୁଣତା ଉନ୍ନତ କରିବା, ତୋଳାଳୀ ମାନଙ୍କ ପକ୍ଷରୁ ସର୍ବନିମ୍ନ ୧୦୦୦ କେରି ପତ୍ର



ସଂଗ୍ରହ କରାଯାଇ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ କରିବା, ମୁନସୀ ଫଡିସାଥି ମାନଙ୍କ କାର୍ଯ୍ୟଦିବସ ପୂରଣ କରିବା ଆଦି ଦିଗରେ ମଧ୍ୟ ଆଲୋଚନା ହୋଇଥିଲା।

କାର୍ଯ୍ୟକ୍ରମ ପରେ ସଂଘର ଏକ ପ୍ରତିନିଧି ଦଳ ରେଢ଼ାଖୋଲ ଡିଏଫଓ ଖିରୋଦ କୁମାର ବେହେରାଙ୍କ ସହ ବୈଠକ ସହ ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ବିନୋଦ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ଆଠମଲ୍ଲିକ ଡିଭିଜନ ଯୁଗ୍ମ ସମ୍ପାଦକ ନବକିଶୋର ମହାର, ମିଡ଼ିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ଭିକାରୀ ପ୍ରଧାନ ଅତିଥି ସ୍ୱରୂପ ଯୋଗ ଦେବା ସହ ଅଖୋଜ ପ୍ରଧାନ, ତୀର୍ଥବାସୀ ପ୍ରଧାନ, ନୀଳାଦ୍ରି ପ୍ରଧାନ, ଟିକେଶ୍ୱର ଝାଙ୍କର, ଶଙ୍କର ଦେହୁରୀ, ଜିତେନ୍ଦ୍ର ଷଣ୍ଢ, ଅରୁଣ ପ୍ରଧାନ, ହୃଷୀକେଶ ପ୍ରଧାନ, ଚିତ୍ରସେନ ନାୟକ, ସୁରେଶ ଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର ସାହୁ, ସତ୍ୟବାଦୀ ନାୟକ, ଜଗବନ୍ଧୁ ଜେନା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜୟନ୍ତୀ ଦୀପ, ଶୋଭାଗିନୀ ଭୋଇ, ଜାହ୍ନବୀ ସ୍ୱାଇଁ ସହ ଶତାଧିକ ସିଜନାଲ କର୍ମଚାରୀ ଓ ତୋଳାଳୀ ଉପସ୍ଥିତ ଥିଲେ।

# ପତ୍ରାପାଲିରେ ପାଣିପଞ୍ଚାୟତ ଗଠିତ

## ନବୀନ ସଭାପତି ଓ ଆଦିତେଶ୍ୱର ସମ୍ପାଦକ

କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା ଖଟଖଟିଆ ଦୁଇ ନମ୍ବର ପାର୍ବତୀ ଗିରି ବୃହତ ଉଠା ଜଳ ସେଚନ ପ୍ରକଳ୍ପ ଅଧୀନରେ ଯାଉଥିବା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ପତ୍ରାପାଲି ଗ୍ରାମରେ କନିଷ୍ଠ ଯନ୍ତ୍ରୀ ବିବେକା ନନ୍ଦ ବାରିକଙ୍କ ସଭାପତିତ୍ୱରେ ଶିମିଳିପଦର, ରେଙ୍ଗାଲି ଓ ପତ୍ରାପାଲି ଗ୍ରାମର ଚାଷୀମାନଙ୍କୁ ନେଇ ଏକ ସଭା କରାଯାଇଥିଲା । ସଭାରେ ତିନି ଖଣ୍ଡ ଗ୍ରାମକୁ ନେଇ ଏକ ପାଣିପଞ୍ଚାୟତ ଗଠନ କରାଯିବାକୁ କନିଷ୍ଠଯନ୍ତ୍ରୀ ବିବେକା ନନ୍ଦ ବାରିକ ପ୍ରସ୍ତାବ ଦେଇଥିଲେ । ପ୍ରସ୍ତାବ ଅନୁସାରେ ସଭାରେ ନୂତନ ଭାବରେ ପାଣିପଞ୍ଚାୟତ କମିଟି ଗଠନ କରାଗଲା । କମିଟିର ସଭାପତି ଭାବେ ନବୀନ ମହାପାତ୍ର, ସମ୍ପାଦକ ଆଦିତେଶ୍ୱର ମିଶ୍ର, କୋଷାଧକ୍ଷ ଘନଶ୍ୟାମ ବସ୍ତିଆ, ସଦସ୍ୟ ଭାବରେ ମଦନ ସାହୁ, ବିଶ୍ୱାମିତ୍ର ମଟାରି, ହୃଷିକେଶ ସାହୁ, ସତ୍ୟନାରାୟଣ ପଲିଆ, ମମତା ପ୍ରଧାନ, ଶିବାନୀ ସାହୁ, ଯୁଧିଷ୍ଠିର ବିଶ୍ୱାଳ, ସନ୍ତୋଷ ଶଙ୍ଖୁଆ, ସାନ ମିର୍ଦ୍ଧା, ବଶିଷ୍ଠ ବସ୍ତିଆ ଆଦି ସର୍ବସମ୍ମତି କ୍ରମେ ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ । କାର୍ଯ୍ୟକ୍ରମକୁ ଶିବରାମ ପାତ୍ର, ପବିତ୍ର ପାତ୍ର, ସୌମ୍ୟ ରଞ୍ଜନ ବେହେରା, ପଠାଣି ସମ୍ପତି, କେ.ଦିଲୀପ କୁମାର ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ ।

# ପୁସ୍ତକ ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ

## ୨୨ତମ ବରଗଡ ପୁସ୍ତକ ମେଳା ଉଦଯାପିତ

ବରଗଡ,(ସବ୍ୟୁ): ବିଭିନ୍ନ ପ୍ରକାର ପୁସ୍ତକର ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ ବୋଲି କହିଛନ୍ତି ବିଶିଷ୍ଟ ନାଟ୍ୟକାର ,ଲେଖକ, ଶିକ୍ଷାବିତ ତଥା ସାରସ୍ୱତ ସାଧକ ଡ.ଉମେଶ ଚନ୍ଦ୍ର ଶତପଥୀ । ଶନିବାର ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ୨୨ତମ ପୁସ୍ତକ ମେଳାର ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଡ.ଶତପଥୀ କହିଥିଲେ ଯେ ପୁସ୍ତକର ଚାହିଦା କାଲି ବି ଥିଲା ,ଆଜି ବି ଅଛି ଓ ଆସନ୍ତା କାଲି ମଧ୍ୟ ରହିବ । ତାହାର ଜ୍ୱଳନ୍ତ ଉଦାହରଣ ହେଲା ବରଗଡର ପୁସ୍ତକ ମେଳା । ଯାହା ୨୨ ବର୍ଷ ରେ ପଦାର୍ପଣ କରିଛି । ସେ ଉଦାହରଣ ଦେଇ କହିଥିଲେ ଯେ ବିଶ୍ୱର ବଡ଼ ବଡ଼ ଚିନ୍ତା ନାୟକ ଡ. ବି ଆର ଆମ୍ବେଦକର ହୁଅନ୍ତୁ କି ଆବ୍ରାହମ୍ ଲିଙ୍କନ ହୁଅନ୍ତୁ ସେମାନଙ୍କ ମଧ୍ୟ ସବୁ ବ୍ୟସ୍ତତା ଭିତରେ ପୁସ୍ତକ ପଠନ ନିତ୍ୟ ନୈମିତ୍ୟ ଅଭ୍ୟାସ ଥିଲା । ଜାପାନର ଲୋକଙ୍କ ପୁସ୍ତକ ପଠନର ଉଦାହରଣ ଦେବା ସହ ଭାରତବର୍ଷର ଜେଏନୟୁରେ ମଧ୍ୟ ଲାଇବ୍ରେରୀ ୨୪ ଘଣ୍ଟା ଖୋଲା ରହିବା ପୁସ୍ତକ ପଠନ ଅଭ୍ୟାସର ଅନନ୍ୟ ଉଦାହରଣ ଅଟେ ବୋଲି ଡ. ଶତପଥୀ କହିଥିଲେ। ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱ ଓ ଉପ ସଭାପତି ମନୋରଂଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଗାନ୍ଧୀଙ୍କ ନାମରେ ଗାନ୍ଧୀ ସ୍ମୃତି ପାଠାଗାର ହୋଇଥିବାରୁ ଖୁସି ବ୍ୟକ୍ତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ସାଲିସ ବିହୀନ ସଂଘର୍ଷର ସ୍ମୃତି



ଚାରଣ କରିଥିଲେ । ସେ ଏହା ସହ ଏହି ସଂଗ୍ରାମରେ ଗୋଟିଏ ପଟେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ ସାଙ୍ଗକୁ ଚନ୍ଦ୍ର ଶେଖର ଆଜାଦ , ଭଗତ ସିଂ, ତାନ୍ତିଆ ଟୋପେ, ଖୁଦୀରାମ ବୋଷ , ସୁବାସ ଚନ୍ଦ୍ର ବୋଷ ଙ୍କ ଭଳି ଯୋଦ୍ଧାଙ୍କ ହିଂସାତ୍ମକ ମାର୍ଗ ଆମ ଦେଶର ସ୍ୱାଧୀନତା ସଂଗ୍ରାମରେ ଦେଶ ସ୍ୱାଧୀନର ବାଟ ଫିଟାଇଥିଲା । ସେ ଦୀର୍ଘ ବର୍ଷ ଧରି ପୁସ୍ତକ ମେଳା ଜାରି ରଖିଥିବାରୁ ଗାନ୍ଧୀ ସ୍ମୃତି ପାଠାଗାର କୁ ସାଧୁବାଦ୍ ଜଣାଇଥିଲେ । ଉଦଯାପନୀ ଉତ୍ସବ ଅବସରରେ ଗାନ୍ଧୀ ସ୍ମୃତି ପାଠାଗାର ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଅଶୋକ ଯୋଷୀଙ୍କ ଦ୍ୱାରା ପ୍ରଯୋଜିତ ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ ପାଇଥିଲେ ସାରସ୍ୱତ ସାଧକ ଅଧ୍ୟାପକ ମୋହନ ସାହୁ । ହରିଶ୍ଚନ୍ଦ୍ର ମେହେରର ଦ୍ୱାରା ପ୍ରାୟୋଜିତ ଗଙ୍ଗାଧର ସାହିତ୍ୟ ସ୍ମୃତି ସମ୍ମାନ ପାଇଥିଲେ ଲେଖକ ,ସାହିତ୍ୟିକ ଡ.ଘନଶ୍ୟାମ ପାଣିଗ୍ରାହୀ, ସାଗରିକା ସାହୁ ଓ ସମୀର ସାହୁଙ୍କ ପ୍ରାୟୋଜିତ ଡୋଲାମଣି ସାହୁ ସ୍ମୃତି ସମ୍ମାନ ପାଇଥିଲେ ଜଟଲା ଗ୍ରାମର ଚାଷୀ ମୃତ୍ୟୁଞ୍ଜୟ ଭୋଇ। ସେହିପରି କନକ ପ୍ରଧାନ ଙ୍କ ଦ୍ୱାରା ପ୍ରଯୋଜିତ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପାଇଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାଶ । ପୂର୍ବରୁ ଦ୍ୱିତୀୟ ସନ୍ଧ୍ୟାରେ ଡ.ରାମ ବଲ୍ଲଭ ମିଶ୍ରଙ୍କ ଦ୍ୱାରା ପ୍ରାୟୋଜିତ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ ପାଇଥିଲେ ଆର୍ନ୍ତଜାତୀକ କ୍ରିଡାବିଦ୍ ବରଗଡର ପ୍ରତୀକ ମହାରଣା । ଏହି ସମସ୍ତ ସମ୍ମାନ ନଗଦ ୫୦୦୦ ଟଙ୍କା,ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ପୁସ୍ତକ ମେଳା ପାଠାଗାର ର ସଭାପତି ଶ୍ରୀ ମହାନ୍ତି,ଉପ ସଭାପତି ଶ୍ରୀ ସାହୁ,ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ଅନୁପ ଦର୍ଜି, କୋଷାଧକ୍ଷ ହୃଷୀକେଶ ଦାଶ , ବରିଷ୍ଠ ସଦସ୍ୟ ପତିତପାବନ ସାହୁ, ସନ୍ତୋଷ ପଣ୍ଡା, ଜୟ ପ୍ରକାଶ ଶତପଥୀ, ଜୟଶ୍ରୀ ସାହୁ, ଡ.ସଂଘମିତ୍ରା ମିଶ୍ର , ବିକ୍ରମାଦିତ୍ୟ ପଣ୍ଡା, ଉମେଶ ଚନ୍ଦ୍ର ବିଶ୍ୱାଳ ,ଅମୀୟ ଭୂଷଣ ସାହୁ, ଗୌରୀ ଶଙ୍କର ପଣ୍ଡା, ଡ.ରବି ନାରାୟଣ ସାହୁ , ଡୋଲାମଣି ଶତପଥୀ , ଶୁଭମ ଭିତିରିଆ, ମିଳନ ପ୍ରଧାନ ପ୍ରମୁଖଙ୍କ ସକ୍ରିୟ ସହଯୋଗ ରେ ସଫଳ ହୋଇଥିଲା।

# ମଣିଷ ପରି ମଣିଷଟିଏ ଥିଲେ

## ସାମ୍ବାଦିକ ସତ୍ୟ ନାରାୟଣ ବେହେରା

ବଲାଙ୍ଗୀର, (ସବ୍ୟୁ): ସେ ଥିଲେ ମଣିଷ ପରି ମଣିଷଟିଏ। ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି,ମଞ୍ଚ ଓ ଚଳଚିତ୍ର ଅଭିନେତା,ସଂସ୍କୃତି ଗବେଷକ ତଥା ସାରସ୍ୱତ ସାଧକ ସ୍ୱର୍ଗତ ସତ୍ୟନାରାୟଣ ବେହେରା । ତାଙ୍କର ଆଦର ପଣ, ସମସ୍ତଙ୍କୁ ଆପଣାର କରିନେବାର ଭାବ ଆଜିର ସମୟରେ ବିରଳ। ତାଙ୍କର ଅବର୍ତ୍ତମାନରେ ଦୁଃଖୀ ମଣିଷ ମୁହଁରେ ମୁହଁରେ ଟିକିଏ ହସ ଫୁଟାଇ ପାରିଲେ ହିଁ ତାଙ୍କ ପ୍ରତି ହେବପ୍ରକୃତ ଶ୍ରଦ୍ଧାସୁମନ ବୋଲି କହିଛନ୍ତି ବହୁ ବିଶିଷ୍ଟ ବକ୍ତା। ବଲାଙ୍ଗିରରେ ପରିତ୍ୟକ୍ତା ଅସହାୟ ମହିଳା ଓ ଶିଶୁ ମାନଂକୁ ଆଶ୍ରୟ ଦେଇଥିବା ଅନୁଷ୍ଠାନ ପଲ୍ଲୀ ନିକେତନ ଦ୍ୱାରା ପରିଚାଳିତ ସ୍ୱଧାର ଗୃହ ବା ଶକ୍ତି ସଦନକୁ ସତ୍ୟନାରାୟଣ ବେହେରା ସ୍ମୃତି ସେବା ସମ୍ମାନ ପ୍ରଦାନ ଅବସରରେ ସାମ୍ବାଦିକ ସନ୍ଦୀପ କୁମାର କୁଅଁରଙ୍କ



ସଂଯୋଜନାର ଅନୁଷ୍ଠିତ ଏହି ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା ଓ ସେବା ସମ୍ମାନ ପ୍ରଦାନ ସ୍ୱଧାର ଗୃହ ବା ଶକ୍ତି ସଦନ ପରିସରରେ ଆୟୋଜିତ ହୋଇଥିଲା। ଅତିଥି ଭାବରେ. ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ସହକାରୀ କଲେକଟର ପ୍ରଶାନ୍ତ କୁମାର ମହାପାତ୍ର, ସ୍ୱଧାର ଗୃହ ପ୍ରକଳ୍ପ ସୁରକ୍ଷା ଅଧିକାରୀ ସୁଜାତା ଦୋରା, ଶିକ୍ଷାବିତ ସନାତନ ଠାକୁର ଯୋଗଦେଇଥିଲେ। ସ୍ୱଧାର ଗୃହ ତରଫରୁ ଏହି ସମ୍ମାନ ଗ୍ରହଣ କରିଥିଲେ ଏହାର ସମ୍ପାଦକ ଉଚ୍ଛାଟାନନ୍ଦ ମହାକୁର ଓ ଅନ୍ୟମାନେ। ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ଶରତ ଚନ୍ଦ୍ର ମିଶ୍ର। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ନ୍ୟାସ ଟ୍ରଷ୍ଟି ସୁଧାକର ବେହେରା, ସୁନୀଲ ବେହେରା, ଗୁପ୍ତେଶ୍ୱର ପୃଷ୍ଟି, ଦେବଦତ୍ତ ବେହେରା ପ୍ରମୁଖ।

# ଗଡମୁଣ୍ଡା କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆ ଡେଙ୍ଗୀମଚାର ଖେଳ ପଡିଆ ଠାରେ ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଗଡମୁଣ୍ଡା କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଧନକଉଡା ବିଆରସିସି ରମେଶ ଚନ୍ଦ୍ର ମିଶ୍ର, ଗଡମୁଣ୍ଡା କ୍ଲଷ୍ଟର ସିଆରସିସି ସୁପ୍ରଭା ସ୍ୱାଇଁ , ହିଣ୍ଡାଲକୋ ସି ଏ ସ୍ ଆ ର ଉପଦେଷ୍ଟା ସୁକାନ୍ତ ମହାପାତ୍ର, ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ ଓ କ୍ଷମା ସାଗର ସାହୁ ଅତିଥି ଭାବେ ଯୋଗ



ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୋଟ ୧୯ଟି ବିଭାଗର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ମୁଖ୍ୟ ଅତିଥି ଭାବେ ବିଜେତା ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଖେଳକୁଦ ସ୍ୱାସ୍ଥ୍ୟ ଓ ପାଠପଢା ପାଇଁ ବେଶ ସହାୟକ ବୋଲି କହିଥିଲେ । ହିଣ୍ଡାଲକୋ ସିଏସ୍‌ଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ, ଓଡିଶା କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ସିଏସ୍‌ଆର ବିଭାଗ ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ମିଲନ କୁମାର ସାହୁ, ରିଜଏସ୍ ନାଗ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ୱାମୀ ନିଜାନନ୍ଦ ସରସ୍ୱତୀ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା

କୋକସରା,(ସବ୍ୟୁ): ଚାରବାହାଲ ସ୍ଥିତ ସ୍ୱାମୀ ନିଜ୍ୟାନନ୍ଦ ସରସ୍ୱତୀ ବିଦ୍ୟାପୀଠରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଉତ୍ସ ଶନିବାର ଉଦଯାପିତ ହୋଇଯାଇଛି। ଉଦଘାଟନି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚାରବାହାଲ ପଞ୍ଚାୟତ ସରପଞ୍ଚ ସତ୍ୟଭାମା ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ମହେଶ କୁମାର ପଣ୍ଡା, ନରେଶ କୁମାର ଅଗ୍ରୱାଲ, ସହ ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ମେହେର, ରଚେଇତା ପାଢ଼ୀ, ଡିଇଓ ସ୍ୱରୂପ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ପରେ ବିଭିନ୍ନ ବର୍ଗର ବାର୍ଷିକ କ୍ରୀଡା ଉତ୍ସ ଆରମ୍ଭ ହୋଇଥିଲା। ଶନିବାର ଉଦଯାପିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସମାଜସେବି ଅନୀଲ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଦୈତାରୀ ନାଏକ ପ୍ରମୁଖ ଉପସ୍ଥିତ ରହି କ୍ରୀଡାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସୁଦୀପ୍ତ ପୁରୋହିତ ମଞ୍ଚ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଶିକ୍ଷକ ଅଭିଭାବକ କମିଟି ଗଠିତ

ସମ୍ବଲପୁର,(ସବ୍ୟୁ): କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଆଗାମୀ ୨ବର୍ଷ ପାଇଁ ବିଦ୍ୟାଳୟ ପ୍ରଶାସନ ସହ ସମନ୍ୱୟ ରକ୍ଷା ପାଇଁ ଏକ



ନୂତନ ଶିକ୍ଷକ ଅଭିଭାବକ କମିଟି ଗଠନ କରାଯାଇଛି । ସର୍ବସମ୍ମତିକ୍ରମେ ଅଭିଭାବକ ମାନସ ରଞ୍ଜନ ଜେନା ଉପସଭାପତି, ପ୍ରିୟଙ୍କା ସାହୁ ସମ୍ପାଦକ, ଶିକ୍ଷୟତ୍ରୀ ଗାୟତ୍ରୀ ମିଶ୍ର ଯୁଗ୍ମ ସମ୍ପାଦକ, ଅଭିଭାବକ ସୁଧୀର ମହାରଣା, ଶ୍ୱେତା ଅଗ୍ରୱାଲ ଏବଂ ଶିକ୍ଷକ ଭୋଳାନାଥ କରାଲୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ଶିକ୍ଷାର ବିକାଶ ପାଇଁ ଅଭିଭାବକ ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରାଯାଇଥିଲା । ବିଶେଷ କରି ନୂତନ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟର ପାଠ୍ୟକ୍ରମରେ କରାଯାଇଥିବା ପରିବର୍ତ୍ତନ ଯୋଗୁଁ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଅଧ୍ୟାପକ ଅଶୋକ କୁମାର ପଟ୍ଟନାୟ. ଭବାନୀ ଶଙ୍କର ଭୋଇ, ସନାତନ ବାଞ୍ଜି ଓ ଅରବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କଳାହାଣ୍ଡି ଜିଲ୍ଲା ଦିଶା କମିଟି ବୈଠକ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା ଦିଶା ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଡି.ଏଫ୍.ଓ. ଆର୍. କଲାଇଭାନନ, ଭାରତୀୟ ବନସେବା ଅଧିକାରୀ (ପ୍ରୋବେଶନ) ପ୍ରଭାକର ବର୍ମା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଦୁର୍ଯ୍ୟୋଧନ ଭୋଇ, ଉପ ନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଳାଇ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ପ୍ରଥମେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଭୋଇ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ପାଇଁ ସାଂସଦ ତଥା ଅଧ୍ୟକ୍ଷା ଦିଶା କମିଟିଙ୍କୁ ଅନୁରୋଧ କରିଥିଲେ ।

ଜିଲ୍ଲାପାଳ ଶ୍ରୀ ପ୍ରକାଶ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଯୋଜନା ଓ ରାଜ୍ୟ ଯୋଜନା ର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧି ଓ ଅଧ୍ୟକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ସଠିକ୍ ମତ ରଖିବାକୁ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଦିଶା ଅଧ୍ୟକ୍ଷା ସାଂସଦ ମାଳବିକା ଦେବୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଯଥା :- ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ, ଆର.ଡି., ପି.ଡବ୍ଲୁ.ଡି., ଜଳସେଚନ, ବିଦ୍ୟୁତୀକରଣ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ଅବକାରୀ ,ଜଙ୍ଗଲ ଓ ପରିବେଶ ସୁରକ୍ଷା ଇତ୍ୟାଦି ଯୋଜନାର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ । ସେହିପରି ଜିଲ୍ଲାର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ମଧ୍ୟରେ ସମ୍ମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ଗୁରୁତ୍ୱପୂର୍ଣ୍ଣ ଦିଶା ବୈଠକ ଜିଲ୍ଲାର ସମସ୍ତ ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ନିମନ୍ତେ ଉଦ୍ଦିଷ୍ଟ ଥିଲାବେଳେ ଏହି ସଭାରେ ପ୍ରାୟତଃ ଜିଲ୍ଲାର ସମସ୍ତ ବିଧାୟକ, ବ୍ଲକ ଅଧ୍ୟକ୍ଷ, ପୌରାଞ୍ଚଳ ଓ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷମାନେ ଉପସ୍ଥିତ ରହି ନିଜ ନିଜ ଅଂଚଳର ବିଭିନ୍ନ ଉନ୍ନୟନ ସମ୍ପର୍କ ରେ ଆଲୋଚନା କରିବାସହ ଆଗାମୀ ଦିନରେ କିଭଳି କାମ ହୋଇପାରିବ ସେ ସମ୍ପର୍କରେ ପ୍ରସ୍ତାବ ରଖିଥାନ୍ତା ମାତ୍ର ଚଳିତ ଦିଶା ବୈଠକରେ ଏହାର ବ୍ୟତିକ୍ରମ

ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସେମାନେ ଜିଲ୍ଲାର ଉନ୍ନୟନ ନେଇ ଆଶଙ୍କାରେ ଥିବାବେଳେ ବରିଷ୍ଠ ଜନସାଧାରଣ ଏହାର କାରଣ ଓ ପ୍ରତିକାର ପାଇଁ ଚିନ୍ତା ପ୍ରକଟ କରିଛନ୍ତି। ଗୁରୁତ୍ୱକପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲାର ୫ ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ହେଲେ ଉପସ୍ଥିତ ନ ଥିଲାବେଳେ ଜିଲ୍ଲାର ୧୩ଟି ବ୍ଲକର ଅଧ୍ୟକ୍ଷଙ୍କ ମଧ୍ୟରୁ କେବଳ ଜଣେ ମାତ୍ର ଅଧ୍ୟକ୍ଷ ଓ ପୌର ପରିଷଦ କିମ୍ବା ଏନ ଏ ସି ର ଅଧ୍ୟକ୍ଷଙ୍କୁ ଦେଖିବାକୁ ମିଳି ନଥିଲା। କେବଳ ଧର୍ମଗଡ଼ ବିଧାୟକଙ୍କର ପ୍ରତିନିଧି ଜଣେ ଉପସ୍ଥିତ ଥିଲେ। ଜିଲ୍ଲାର ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଶ୍ରୀ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ ।

# ମିଲର୍ସ ଆଗରେ ଜିଲ୍ଲା ପ୍ରଶାସନ ଅସହାୟ

## ବହୁ କଷ୍ଟରେ ଉଠିଲା ଧାନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ଶନିବାର ଧାନକିଣା ଆରମ୍ଭ ହୋଇଛି । ପ୍ରଥମ ଦିନରେ ୫ଟି ମଣ୍ଡିରୁ ଧାନ ଉଠିଛି । ମୋଟ ୩୧ଜଣ ଚାଷୀଙ୍କ ୪ ହଜାର ୮୪୭ ବସ୍ତା ଧାନ କ୍ରୟ କରାଯାଇଛି । ଶନିବାର ବରେଇପାଲି ମାର୍କେଟ ୟାର୍ଡରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ସୁବୋଧ ହୋତା ଓ ସମବାୟ ସମିତି ସମୁହ ଉପ ନିବନ୍ଧକ ଲକ୍ଷ୍ମୀଧର ରାଉତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିରେ ପଡି ରହିଥିବା ଧାନ ତୁରନ୍ତ କିଣିବାକୁ ଚାଷୀ ମାନେ ଦାବି କରିଥିଲେ । ନଚେତ୍ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ । ଏଭଳିସ୍ଥଳେ ପ୍ରଶାସନର ବିଧି ବ୍ୟବସ୍ଥା ଅନୁଯାୟୀ ମଣ୍ଡିରୁ ଧାନ ଉଠାଇଥିଲା । କୃଷକ ସଙ୍ଗଠନର ବରିଷ୍ଠ ସଭ୍ୟ ମୁରାରୀ ପ୍ରସାଦ ପୁରୋହିତ ପୂଜାର୍ଚ୍ଚନା କରିବା ପରେ ଧାନକିଣା ଶୁଭାରମ୍ଭ ହୋଇଥିଲା । ଏହାପରେ ମିଲ୍ ଅଭିମୁଖେ ଧାନ ଗାଡି ଗୁଡିକ ଗଡିଥିଲା । ମାତ୍ର ମିଲର୍ସ ଧାନ କିଣି ନଥିବା ବେଳେ ରେମେଡ ରାଜରାସ୍ତାରେ ଧାନ ବୋଝେଇ ଗାଡି



ଗୁଡିକ ଦୀର୍ଘ ସମୟ ଅଟକି ରହିଥିଲା । ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିବା ପାଇଁ ଶୀତ କାକରରେ ପଡି ରହିଥିଲେ । । ମିଲର୍ସଙ୍କ ଜିଦ୍ ଆଗରେ ଜିଲ୍ଲା ପ୍ରଶାସନ ଅସହାୟ ହୋଇ ପଡିଥିବା ବେଳେ ଚାଷୀ ଅସନ୍ତୋଷ ଦେଖାଯାଇଥିଲା । ଜିଲ୍ଲା ପ୍ରଶାସନିକ ଅଧିକାରୀ, ଯୋଗାଣ ବିଭାଗ ଓ ମିଲର୍ସଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ପରେ ବହୁ କଷ୍ଟରେ ରାତି ପ୍ରାୟ ୮ଟାରେ ଧାନ କିଣା ଯାଇଥିଲା । ତେବେ ମିଲର୍ସ ଓ ପ୍ରଶାସନ ମଧ୍ୟରେ ଏଗ୍ରିମେଣ୍ଟ ନହେବା ଯାଏଁ ଏହି ଅଚଳାବସ୍ଥା ଜାରି ରହିବ । ତେବେ ଆଗାମୀ ଦିନରେ ଏଭଳି ସମସ୍ୟା ଲାଗି ରହିଲେ ଚାଷୀ ସଙ୍ଗଠନ ତାର ଜବାବ ଦେବ ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି ।

ସମ୍ବଲପୁର ଜିଲ୍ଲାରେ ୬୫ହଜାର ୧୪୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି । ସେଥିମଧ୍ୟରୁ ୬୦ହଜାର ୬୧୪ଜଣଙ୍କ ଯାଞ୍ଚ ପ୍ରକିୟା ଶେଷ ହୋଇଛି । ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨ହଜାର ୩୬୯ଟଙ୍କା ଓ ଗ୍ରେଡ୍ -ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୩୮୯ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ କିଣାବିକାରେ ୪୫ଟି ପେକ୍ସ, ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୧୨୭ଟି ମାର୍କେଟ ୟାର୍ଡ ଓ ୪୬ଜଣ ମିଲର୍ସ ଭାଗ ନେଇଛନ୍ତି । ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଧାନ କିଣାବିକା ପ୍ରକିୟା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ସପ୍ତାହକୁ ୬ଦିନ ମଣ୍ଡିରେ ଧାନ ସଂଗ୍ରହ ପାଇଁ ସରକାର ନିଷ୍ପତ୍ତି ନିଆଯାଇଛି । ଧାନକ୍ରୟର ୨୪ରୁ ୪୮ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଚାଷୀ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ପାଇ ପାରିବେ । ସଂଗ୍ରହ କାର୍ଯ୍ୟ ତଦାରଖ ପାଇଁ ଜିଲ୍ଲାରେ ୧୨୫ଜଣ ମଣ୍ଡି ନୋଡାଲ ଓ ୩୨ଜଣ ମଣ୍ଡି ତଦାରଖ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ତେବେ ମଣ୍ଡି ଗୁଡିକର ଭିତ୍ତିଭୂମିର ବିକାଶ ହୋଇନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

# କାଳଜୟୀ ସଙ୍ଗୀତ 'ଯା'ରେ ଭାସି ଭାସି ଯା'



**ବିପିନ ମହାପାତ୍ର**

ଊନବିଂଶ ଶତାବ୍ଦୀର ସପ୍ତମ ଦଶକରେ 'ଗ୍ରାମଫୋନ୍' ପରିବର୍ତ୍ତେ ବଜାରକୁ ନୂଆ କରି ଆସିଥିଲା 'ରେକର୍ଡ୍ ପ୍ଲେୟାର୍' ଓ 'ଏଲ୍.ପି' ଏବଂ 'ଇ.ପି' ରେକର୍ଡ୍ । ଗ୍ରାମଫୋନ୍ ପୂରାପୂରି ବିଲୁପ୍ତ ହୋଇଗଲା । ସଙ୍ଗୀତପ୍ରେମୀମାନେ ଘରେ ଘରେ ରେକର୍ଡ ପ୍ଲେୟାର ରଖି ମଜା ଉଠାଇଲେ । ଠିକ୍ ସେତିକିବେଳେ କଲିକତା (କୋଲକତା) ସ୍ଥିତ 'ଗାଥାନୀ' ନାମକ କମ୍ପାନୀର ମାଲିକ ସହ ଅକ୍ଷୟ ମହାନ୍ତି ଯାଇ ସାକ୍ଷାତ୍‌ରେ ଇ.ପି ଓ ଏଲ୍.ପି ରେକର୍ଡ ଜରିଆରେ ଓଡ଼ିଆ ଗୀତ ବଜାରକୁ ଛାଡ଼ିବାକୁ ଆଲୋଚନା କଲେ । କିନ୍ତୁ ସମ୍ପୃକ୍ତ ମାଲିକ ଯଦିଓ ସଂଗୀତ ବାଦ୍‌ଶାହ ଅକ୍ଷୟ ମହାନ୍ତିଙ୍କୁ ସମ୍ମାନ ଦେଉଥିଲେ, ଓଡ଼ିଆ ଗୀତ ବଜାରକୁ ଛାଡ଼ିଲେ କାଳେ ତାଙ୍କ ବ୍ୟାବସାୟିକ ସଫଳତାରେ ରୋକ୍ ଲାଗିବ ବୋଲି ଆଶଙ୍କା କଲେ । କିନ୍ତୁ ପେସାଦାର, ଜିଦ୍‌ଖୋର ଓ ସ୍ୱାଭିମାନୀ ଅକ୍ଷୟ ଓଡ଼ିଆ ଗୀତ ନିଶ୍ଚିତ ଭାବେ ମାର୍କେଟ୍ କରିବ ବୋଲି ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲେ ।

ତା'ପରେ କେତୋଟି ସର୍ତ୍ତ ରଖି କମ୍ପାନୀ ମାଲିକ ରାଜି ହେଲେ । ତେଣୁ ସର୍ବ ପ୍ରଥମେ ଅକ୍ଷୟ ମହାନ୍ତି ନିଜ କଣ୍ଠରେ ରେକର୍ଡ କରି ବଜାରକୁ ଆଣିଲେ 'ଗାଥାନୀ' ଆନୁକୂଲ୍ୟରେ ଚାରିଗୋଟି ଗୀତର 'ଇ.ପି' ରେକର୍ଡ । ଯଥା –

ଝୁକୁ ଝୁକୁ ଝୁକୁ ସକାଳର ଗାଡ଼ି (ଲେ: ଶିବବ୍ରତ ଦାସ), ଜାତକ ପଡ଼ିଛି ରାଜ ଯୋଟକ (ଲେ: ବୀରେନ୍ଦ୍ର ଭୂୟାଁ), ଏଇନା ଏଇନା ଚିହ୍ନା (ଲେ: ଦେବଦାସ ଛୋଟରାୟ), ବନ୍ଧୁରେ ଆଣିଦେ ଆଣିଦେ ଧରି ସୁନା ଇଲିଶି (ଲେ: ଶିବବ୍ରତ ଦାସ)। ପ୍ରତିଶ୍ରୁତି ଯେପରି ପ୍ରତାରଣା ନ ହେବ ସେଥିପାଇଁ ନିଜେ ଅକ୍ଷୟ ବାବୁ ତହିଁରୁ କିଛି କିଛି ଧରି ଓଡ଼ିଶାର ପ୍ରମୁଖ ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କଲେ । ତାର କିଛି ଦିନ ପରେ ସେଗୁଡ଼ିକର ସଂଗୃହୀତ ମୂଲ୍ୟ ନେଇ ମାଲିକଙ୍କୁ ପୈଠ କଲେ ।



ଏ କଥା ଥିଲା ମାଲିକର କଳ୍ପନାର ବାହାରେ । ତେଣୁ ସେ ପ୍ରତିବର୍ଷ ପୂଜା ବେଳକୁ ନୂଆ ନୂଆ ଗୀତ ରେକର୍ଡ ବଜାରକୁ ଆଣିବା ପାଇଁ ଉଭୟଙ୍କ ଭିତରେ ଚୁକ୍ତିପତ୍ର ସ୍ୱାକ୍ଷରିତ କଲେ । ଏହି ପ୍ରକ୍ରିୟା ଯୋଗୁଁ ଅକ୍ଷୟଙ୍କ ବହୁ ହିଟ୍ ଗୀତର କମର୍ସିଆଲ୍ ରେକର୍ଡ ବଜାରକୁ ଆସିଲାଓ। ତନ୍ମଧ୍ୟରୁ ଶେଷ ଗୀତ ଥିଲା 'ହାରି ଯାଇଥିବା ଲୋକର କି ଅଛି ଜୀଇଁଲେ ଜୀଇଁଲା ନ ହେଲେ ନାହିଁ...'।

ସେଇ ଶୁଭ ସମୟରେ ଶିବବ୍ରତ ଦାସ ରଚିତ ଅନ୍ୟତମ ହିଟ୍ ଗୀତ ଥିଲା 'ଯାରେ ଭାସି ଭାସିଯା ନଉକା ମୋର ଭାସିଯା...', ଯାହାକି ଆଜି ଲୋକାଦୃତିରୁ ବଞ୍ଚିତ ହୋଇ ନାହିଁ । ଏହା ଦ୍ୱୈତ କଣ୍ଠରେ ରେକର୍ଡ ହୋଇଛି । ଯାହାର ସ୍ୱର ସଂଯୋଜନା ସହ ମୁଖ୍ୟତଃ ଗାୟନ ଶୈଳୀର ଅବତାରଣା ଓ ଉପସଂହାର ଅତ୍ୟନ୍ତ ପ୍ରାଣବନ୍ତ ହୋଇପାରିଛି ।

ସ୍ଥାନ-କାଳ ଓ ପାତ୍ର-ପାତ୍ରୀ ଅର୍ଥାତ୍ ମହାନଦୀ କୂଳେ କୂଳେ ମୁଣ୍ଡ ଟେକି ଥିବା ପ୍ରମୁଖ ସହର ଓ ପଲ୍ଲୀର ଅଭିଆଡ଼ି ଝିଅମାନଙ୍କ ମାନସିକତା ଓ ସେମାନଙ୍କ ବାପା-ମା' ମାନଙ୍କ ନିଷ୍ପତ୍ତି ସହ ଯୌତୁକ ସମସ୍ୟା ଇତ୍ୟାଦି ପ୍ରତିଫଳିତ ହୋଇଛି ଏହି ଗୀତରେ । ଦ୍ୱିତୀୟତଃ, ଐତିହ୍ୟର ସ୍ୱଚ୍ଛତା ପରିଲକ୍ଷିତ ହୁଏ । ମୁଖ୍ୟ ଚରିତ୍ର ରୂପେ ଗୀତିକାରଙ୍କ ପରିକଳ୍ପନାରେ ନାଉରିଆ ଓ ଝିଅମାନଙ୍କ ପ୍ରଶ୍ନୋତ୍ତର ଏଥିରେ ବ୍ୟବସ୍ଥିତ ଭାବେ ସାଂଗୀତିକ ଫର୍ମୁଲାରେ ଆବଦ୍ଧ ହୋଇଛି ।

ଏଇଠି ଏତିକି କେବଳ ସ୍ପଷ୍ଟ କରାଯାଇ ପାରେ ଯେ, ସଂଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତି ଥିଲେ ଏକାଧାରରେ ଗୀତିକାର, କଣ୍ଠଶିଳ୍ପୀ, କଥାକାର, କବି ଓ ଔପନ୍ୟାସିକ । ସେ ମଧ୍ୟ ଥିଲେ ଓଡ଼ିଆ ଲଘୁ ସଂଗୀତର ଅପ୍ରତିଦ୍ୱନ୍ଦ୍ୱୀ ଦିଗ୍‌ଦର୍ଶକ । ଏତାଦୃଶ ସ୍ୱତନ୍ତ୍ର ପରିଚିତି ଏଯାବତ୍ ଦୁର୍ଲଭ । ତା'ଛଡ଼ା ଗୀତ ଗାଇବା ଆଗରୁ ଆପେକ୍ଷିକ ଗୁରୁତ୍ୱ ବହନ କରୁଥିଲା ତାଙ୍କ ଚୟନ ପ୍ରକ୍ରିୟା । ତେଣୁ ସେ କେବଳ ଜୀବଦ୍ଦଶାରେ ସଂଗୀତକୁ ପେଷା କରି ଓଡ଼ିଶାରେ ତିଷ୍ଠି ରହିଥିଲେ ଏବଂ ଆଜି ବି ସେ ସ୍ମରଣୀୟ ।

ମହାନଦୀର ବିସ୍ତାରିତ ବକ୍ଷରେ ନଉକା ବାହି ଯାଉଥିବା ନାଉରିଆର ଚକ୍ଷୁ ଆଢୁଆଳରୁ ବର୍ତ୍ତି ଯାଇ ନାହାନ୍ତି ନଈତୁଠରେ ସ୍ନାନ କରୁଥିବା ପଞ୍ଚକନ୍ୟା । ସେମାନଙ୍କ ରୂପ, ରଙ୍ଗ ଓ ପ୍ରସାଧାନ ବି ଗୀତରୁ ବାଦ୍ ପଡ଼ିନାହିଁ । ନାଉରିଆର ସମବେଦନା ସେମାନଙ୍କ ପ୍ରତି ପ୍ରକଟିତ ହେବାରୁ ସେମାନଙ୍କ ପିତାମାତାଙ୍କୁ ସେ ନିର୍ଦ୍ଦୟ ବୋଲି ଆଖ୍ୟା ଦେଇଛି । ପରେ ପରେ ସେମାନଙ୍କ ମୁହଁରୁ ଅବିବାହିତ ଥିବାର ଅସଲ କାରଣ ଶୁଣିପାରିଛି ।

ସର୍ବ ପ୍ରଥମେ ନାଉରିଆ ପ୍ରତି ସ୍ନାନରତା ସମ୍ବଲପୁରୀ ଝିଅର ଉତ୍ତର ଥିଲା ଯେ, ବାପା ଦୂର ବନ୍ଧୁ ଚାହୁଁଥିଲା ବେଳେ ମା' ଚାହୁଁଛି ଘରଜ୍ୱାଇଁ କରିବାକୁ ବର ପ୍ରସ୍ତାବ । ତା' ପରେ 'କଣ୍ଟିଲୋ' ଝିଅର ଉତ୍ତର ଥିଲା – ଜାତକ ମେଳ ହେବା ଆଗରୁ ସେ ଗଡ଼ଗଡ଼ିଆ ଝିଅ ବୋଲି ମୁଗଲ ବନ୍ଦୀ ମରଦ ତାକୁ ଆକ୍ଷେପ କରୁଥିଲା ।

ତୃତୀୟରେ ଅତ୍ୟନ୍ତ ଦୁଃଖରେ 'ବାଙ୍କୀ'ର ଝିଅ କହିଛି – ମୁଁ କାଳି କନ୍ୟା ବୋଲି ମୋତେ ଦେଖି ସମସ୍ତେ ବାହା ହେବାକୁ ନାପସନ୍ଦ କରୁଛନ୍ତି।

ତା'ପରେ 'ଗଡ଼ଗଡ଼ିଆ ଘାଟ'ରେ ସ୍ନାନ କରୁଥିବା ହେମବରଣୀ କଟକୀ ଝିଅ ରାଗିଯାଇ ନାଉରିଆକୁ 'ବେହିଆ' ବୋଲି କହି 'ଅଦା ବେପାରୀ' ଆଖ୍ୟା ଦେଇ ଓଲଟି ପ୍ରଶ୍ନ କରିଛି ଯେ, 'ମୁଁ ବାହା ହେଲେ କି ନହେଲେ ତୋ ବାପାର ଯାଏ ଆସେ କେତେ...'। ପରିଶେଷରେ 'କଳମାଳ'ର ରୂପକୁମାରୀ ଅତ୍ୟନ୍ତ ଆବେଗ ଭରା କଣ୍ଠରେ ଉତ୍ତର ଦେଇଛି ଯେ, ମୋ ପାଇଁ ଭୁବନେଶ୍ୱରରୁ ବର ପ୍ରସ୍ତାବ ଆସିଛି । ହେଲେ ସେଠିକାର କିରାଣୀ ଚାକିରି କରୁଥିବା ବର ଯୌତୁକ ସ୍ୱରୂପ ଦାବି କରୁଛି ଫଟଫଟିଆ (ମୋଟର ବାଇକ୍) ।

ଅନୁଧ୍ୟାନ କଲେ ଜଣାଯାଏ, ଏଇ ଗୀତର ଗୀତିକାରଙ୍କ ଆଞ୍ଚଳିକତାର ଉପସ୍ଥାପନା ଶୈଳୀ ଅର୍ଥାତ୍ କଣ୍ଟିଲେ ଝିଅର ମୁହଁରେ 'ମୁଗଲ ବନ୍ଦୀ ମରଦ କହେ...' ମୁସଲିମ୍ ସମ୍ପ୍ରଦାୟକୁ ବୁଝାଏ । ଯାହାକି ଶ୍ରୋତାଙ୍କ ମନରେ ଭ୍ରମ ସୃଷ୍ଟି କଲା ଭଳି ମନେହୁଏ । କାରଣ ଏଣେ ସହରୀ ସଭ୍ୟତାର ପକ୍ଷପାତି ହେଇଛି ଭୁବନେଶ୍ୱର କିରାଣୀ ବରର ଯୌତୁକ ଦାବି ଫଟଫଟିଆ ।

ଏଇ ପରିପ୍ରେକ୍ଷୀରେ ସ୍ୱାଧୀନତାର ବହୁବର୍ଷ ପରେ ଏଇ ଗୀତ ରଚିତ ହେଇଛି । କିନ୍ତୁ 'ମୁଗଲ ବନ୍ଦୀ ମରଦ'ର ଉପସ୍ଥାପନା ସ୍ପଷ୍ଟ ହେଇପାରିନି । ଯେହେତୁ ଅନ୍ୟମାନଙ୍କ କଥୋପକଥନ ସ୍ୱାଭାବିକ୍ ମନେ ହୁଏ । ସେ ଯାହା ହେଉନା କାହିଁକି, ଏହା ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ଗୃହୀତ ହୋଇ ହିଟ୍ ହୋଇଛି, ଯହିଁରେ ସାମାଜିକ ଓ ପାରିପାର୍ଶ୍ୱିକ ସମସ୍ୟା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରାଯାଇଛି ।

**ବ୍ରହ୍ମପୁର,**
**ମୋ–୯୮୫୩୭୫୧୩୨୨**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ସୁନା ଚଢ଼େଇର ରୂପେଲି ପର

**ସୁନନ୍ଦା ମହାନ୍ତି**

ମନ ଖରାପ ଲାଗିଲେ ବାପା ଗାଁରେ ପ୍ରକୃତିକୁ ନିରୀକ୍ଷଣ କରନ୍ତି । ଗଛ ଉପରେ ପକ୍ଷୀ ଓ ପକ୍ଷୀ ବସା ଦେଖି କହନ୍ତି ମଣିଷ ଭିତରେ ସୀମିତ ସୃଜନୀ ଥାଇ ସେ ସେପାଇଁ ଗର୍ବ କରେ କିନ୍ତୁ ପକ୍ଷୀ ଗୋଟେ ହ୍ୱାଟ ନଟ । ଗୀତ ଗାଏ, ଅଳ୍ପରେ ସନ୍ତୁଷ୍ଟ ରହେ । ଦିନସାରା ତା' ପକ୍ଷୀ ବସା ବୁଣିବାରେ ବ୍ୟସ୍ତ ରହେ । ଛୁଆ ପାଳେ ମାଆ ଟିଏ ହୋଇ । ଦାୟିତ୍ୱ ନିଭାଏ ବାପାଟିଏ ହୋଇ ଆଉ ସର୍ବୋପରି ଏକତା ଥାଏ ଜାତିକୁ ନେଇ, ନିଜ ଭାଷାକୁ ନେଇ ।

ପୁଅ ବୋହୂ ବାପାଙ୍କ କଥା ଶୁଣି ହସି ଦିଅନ୍ତି । ପୁଣି ବାପା କହୁଥାନ୍ତି ଗଛକୁ ଦେଖ । ଫୁଲ, ଫଳ, ଓହଳ, ପକ୍ଷୀ ବସାରେ କେଡେ ସୁନ୍ଦର । ମଣିଷ ସମାଜ ଗଠନରେ ଭୂମିକା ତାର ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଜାଣ । କିନ୍ତୁ ସେ ଏମିତିରେ ଛାଇଟିଏ ବାପାଙ୍କ ପରି, ମାଆଟିଏ ଫଳ ଦେଇ, ଭାଇଟିଏ କାନ୍ଧ ଦେଇ, ଭଉଣୀଟିଏ ସୁଲୁସୁଲୁ ବାଆ ବାହି । ଏମାନଙ୍କୁ ଛାଡ଼ି କୁଆଡେ ଯିବି ତୁମ ସଙ୍ଗେ ଦିଲ୍ଲୀ କି କଲିକତା କି ମୁମ୍ବାଇ! ପୁଅ କହେ ସେଠି ବହୁତ ଶୁଆ ବାପା । ଏଠି ବି ଅଛନ୍ତି ପୁଅ ଶୁଆ । ସେମାନଙ୍କ ସ୍ୱର ଅନୁକରଣ କରି ତାଙ୍କୁ ଠା କରେ । ଗତିବିଧି ନିର୍ଣ୍ଣୟ କରେ ଆଉ ଗଛର ପତ୍ର ବକଳ ବା ଛେଲି, ଫୁଲ, ଫଳ, ଡ଼ାଳରୁ ତିଆରି କରେ ଔଷଧ । ନିଜେ ଖାଏ ଓ ଗାଁର ଅନ୍ୟମାନଙ୍କୁ ଦିଏ । ଏ ଆନନ୍ଦ ଛାଡ଼ି କୁଆଡେ ଯିବି ପୁଅ? ମନ ଦୁଃଖରେ ଫେରିଯାଆନ୍ତି ପୁଅ ବୋହୂ । ପୁଅର ଝିଅଟିଏ ହେବା ଖବରରେ ଜେଜେବାପା ଗଛ ଲଗେଇଲେ । ହାତ ତିଆରି ଔଷଧ ବାଣ୍ଟିଲେ । ପେନସନ ଟଙ୍କାରୁ ମିଠା ସହ ଶାଢ଼ି ଓ ଧୋତି ବାଣ୍ଟିଲେ ।

ପିଲାଙ୍କୁ ଚକୋଲେଟ ସହ ଖାତା, ପେନ, ପେନ୍‌ସିଲ, ବହି କିଣାଇ ଖୁସି ବାଣ୍ଟିବା ସହ ନିଜେ ଶାନ୍ତି ସାଉଣ୍ଟୁ ସାଉଣ୍ଟୁ ନାତୁଣୀ ଆଭା ବର୍ଷକରୁ

ଗଳ୍ପ

ଦୁଇବର୍ଷ ପୁଣି ଦୁଇବର୍ଷରୁ ତିନି ବର୍ଷ ହୋଇ ଏ ଭିତରେ କଥା କହିଲାଣି । ଜେଜେ ଡାକିଲାଣି । ଗାଁକୁ ଆସିଲେ ଛାଡେନି ପାଖ ।

ସେଦିନ ଗାଁ ର ଜମିରେ ଥିବା ପାଳଭୂତ ଦେଖି ଚମକି ପଡିଲା ଆଭା । ରାତିସାରା ତାକୁ ଛାତିରେ ପକେଇ ଟୁଟା ତାରାଙ୍କୁ କେତେ ଅନୁନୟ ବିନୟ କରୁଥିଲେ ଜେଜେ ଯେ ମୋ ନାତୁଣୀକୁ ଭଲ କରିଦିଅ । ଭଲ ହୋଇ ନାତୁଣୀ ଜିଦ କରେ ଜେଜେ ସଙ୍ଗେ ଖାଇବ, ଜେଜେଙ୍କ ପାଖେ ଶୋଇବ ।

ଜେଜେ ଯୋଉଠି ସେ ସେଇଠି । ଛୁଟି ସରିଆସିଲା । ଲୁଗାପଟା, ଜିନିଷ ପତ୍ର ବ୍ୟାଗ ସବୁ ସଜଡା ହେଲା ପୁଅ ବୋହୂ ଓ ନାତୁଣୀର । ଜେଜେ ବରଡ଼ା ପତ୍ରରୁ ଭଳି ଭଳି ଆସନ, ବିଞ୍ଚଣା ଓ ପେଁକାଳୀ କରି ତା' ସହ ଅନେକ ଖେଳନା ସଜାଡି ରଖୁ ରଖୁ ପୁଅ କହୁଥିଲା ସେସବୁ ଥାଉ ବାପା । ଆର ଥର ଆସିଲା ବେଳକୁ ସେ ନିଜେ ସେସବୁ କରିବା ଶିଖିନେବ ।

ଏବେ ଏସବୁ ଫ୍ଲାଇଟରେ ନେବା ଯେମିତି ଅସହଜ ସେଥିରେ ପହଁଚିଲା ବେଳକୁ ମଧ୍ୟ ଶୁଖି ଯାଇଥିବ । ଏଥର ବାକି କଥା ହେଲା ତୁମେ କାଲି ଟିକେ କୋଉଠି ଲୁଚି ଯିବ ବାପା ନହେଲେ ଆଭା ତୁମ କୋଳ କାଖ ଛାଡ଼ି ଯିବା ବେଳେ କାନ୍ଦିବ ଖୁବ୍ କହି ବାପାଙ୍କ ପାଖରୁ ନିଦୁଆ ଝିଅ ଆଭାକୁ ବହୁତ କଷ୍ଟରେ ନେଇ ନିଜ ରୁମକୁ ଗଲାବେଳେ ଆଖି ଛଳ ଛଳ ବାପା ଓ ପୁଅ ଉଭୟଙ୍କର । ପରସ୍ପର ପରସ୍ପରର ଲୁହ ପୋଛି ନେଉଥିଲେ ।

ସକାଳୁ ବାପା ନଥିଲେ ଘରେ । ଆଭା ଏଘର ସେଘର ଜେଜେ ଜେଜେ କହି ଖୋଜି ଖୋଜି କୋଉଠି ନପାଇ କାନ୍ଦୁଥିଲା । ବୋହୂ କହୁଥିଲା ପିଲାଟା ଏତେ ଝୁରୁଛି ଆମ ସଙ୍ଗେ ଗଲେ ହୁଅନ୍ତାନି ! ପୁଅ କହୁଥିଲା ଏଠି ବୋଉର ସ୍ମୃତି । ସେସବୁ ଛାଡ଼ି ରହିବା କଣ ସମ୍ଭବ ଏ ଦିନେ । କହୁ କହୁ ଗାଡି ଲାଗିଲା । ବାପାଙ୍କୁ ନଦେଖି ଝିଅ ଆଭାକୁ ବୁଝେଇ ଦିଆଗଲା ଆମେ ଗାଡିରେ ଯାଇ ଜେଜେ କୋଉଠି ଅଛନ୍ତି ଧରି ଆଣିବା ।

ଛୋଟ ଝିଅ କଣ ବୁଝିଲା କେଜାଣି ଜେଜେ ଜେଜେ କହି ଗାଡିରେ ବସିଲା । ଗାଁରୁ କାର ଭୁବନେଶ୍ୱର ଏୟାରପୋର୍ଟ ପର୍ଯ୍ୟନ୍ତ ଯିବ । ଠିକ୍ ସମୟରେ ନପହଞ୍ଚିଲେ ସବୁ ଅସୁବିଧା । ତଥାପି ଛୋଟ ଝିଅ ଆଭା ଜେଜେ କାଇଁ ଜେଜେ କାଇଁ କହି ଖୋଜୁଥିଲା ତ ବୋହୂ କହୁଥିଲା ଆଭା କାନ୍ଦିଥିଲେ କାନ୍ଦିଥାଆନ୍ତା ପଛେ ବାପା ଘରେ ଥିଲେ ଟିକେ ଦେଖା କରି ଆସିଥାଆନ୍ତେ ।

ଗାଡି ଏୟାରପୋର୍ଟରେ ଲାଗିଲା । ସେଠୁ ଜିନିଷ ପତ୍ର ନେଇ ବିଶ୍ରାମ ଗାରରେ ପହଁଚିଲା ବେଳେ ଆଭା ଜେଜେ ଜେଜେ କହି ଯାହାକୁ ପଛରୁ କୁଣ୍ଢେଇ ପକେଇଲା ତାଙ୍କ ଠାରୁ ଝିଅକୁ ଆଣିବାକୁ ଯାଇ ଚମକି ପଡିଲେ ପୁଅ ବୋହୁ କାରଣ ସେ ବାପା ହିଁ ଥିଲେ ଆଉ ସେଇ ଫ୍ଲାଇଟରେ ସେ ତାଙ୍କ ନିଜ ପାଇଁ ସିଟ ବୁକ କରିସାରିଥିଲେ ବୋଲି କହି ନାତୁଣୀକୁ କୁଣ୍ଢେଇ ପକେଇ କହୁଥିଲେ ଆଳୁ ଛାଡ଼ି ମୁଁ ଆଉ ରହିପାରିବିନି ଗାଁରେ । ଏଇତ ମୋର ସୁନା ଚଢ଼େଇ ।

ଯିଏ ମୋ ଛାତି ଭିତରେ ସ୍ନେହର ଗଛ ପୋତି ମମତାର ଫୁଲ, ଆକର୍ଷଣର ଫଳ, ସାତରଙ୍ଗୀ ପ୍ରଜାପତି ପରି ପକ୍ଷୀ ବସା ତିଆରି କରି ତାରା ପରି ଚିକ ମିକ କରୁଛି ମୋ ହୃଦୟ ଆକାଶରେ । କେମିତି ରହିବି ତାକୁ ଛାଡ଼ି ! ଆଭା ନିଶ୍ଚିନ୍ତରେ ଶୋଇ ଯାଇଥିଲା ବାପାଙ୍କ କାନ୍ଧରେ ସେତେବେଳକୁ ।

**ସାକ୍ଷୀଗୋପାଳ**
**ପୁରୀ, ମୋ–୯୦୪୦୯୭୭୩୨୭**

# ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ

**ବିଶ୍ୱବିଜୟୀ ଦାଶ**

ଓଡ଼ିଶାରେ ସ୍ୱାଧୀନତା କାଳରେ ଯେଉଁ କେତେଜଣ ନାରୀ କବି, ଲେଖିକାଙ୍କର ଆର୍ବିଭାବ ହୋଇଥିଲା, ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ କୁନ୍ତଳା କୁମାରୀ ସାବତ । ସେ ଜଣେ ସୁଦକ୍ଷା ଡ଼ାକ୍ତର, ଯଶସ୍ୱୀ କବୟତ୍ରୀ, ଲେଖିକା, ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ଥିଲେ ।

ସେ ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ବସ୍ତର ରାଜ୍ୟ (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା)ର ଜଗଦଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ ସାବତ, ସେ ପେଶାରେ ଡାକ୍ତର ଥିଲେ । ତାଙ୍କର ମାତାଙ୍କ ନାମ ଥିଲା ମୋନିକା ସାବତ । ତାଙ୍କ ପିତାମହ ପୁରୀ ଜିଲ୍ଲାର ଦାଣ୍ଡମୁକୁନ୍ଦପୁରର ବାସିନ୍ଦା ଥିଲେ । କୌଣସି କାରଣବଶତଃ ତାଙ୍କ ପିତା ବସ୍ତର ଜିଲ୍ଲାକୁ ଚାଲି ଯାଇଥିଲେ ଓ ଧର୍ମ ପରିବର୍ତ୍ତନ କରିଥିଲେ । ତାଙ୍କ ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ବର୍ମା(ଏବର ମିଆଁମାର) ଚାଲି ଯାଇଥିଲେ ଓ କୁନ୍ତଳାଙ୍କୁ ୧୪ ବର୍ଷ ହେବା ପର୍ଯ୍ୟନ୍ତ ସେଠାରେ ରହିଥିଲେ । ପରବର୍ତ୍ତୀ ସମୟରେ କୁନ୍ତଳା କୁମାରୀ ସାବତ ତାଙ୍କ ମାତାଙ୍କ ସହ ଓଡ଼ିଶା ଫେରି ଆସିଥିଲେ ।

ସେ ରେଭେନସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଡାକ୍ତରୀ ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ । ସେ ଯୁଗରେ ନାରୀ ଶିକ୍ଷା



ତାଙ୍କ ଲେଖନୀ ନିଃସୃତ ଅଞ୍ଜଳି, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ, ସାଙ୍ଗୀତିକତା,ଲାଳିତ୍ୟ ଓ ଆବେଗ ରହିଛି । ତାଙ୍କ ଲେଖନୀ ନିଃସୃତ 'ଉଚ୍ଛ୍ୱାସ' କବିତା କବିଙ୍କ ପ୍ରକୃତି ପ୍ରୀତି ଓ ନାନ୍ଦନୀୟ ଦୃଷ୍ଟିଭଙ୍ଗୀର ସୂଚନା ମିଳୁଛି । ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନ । ଏହି କବିତା ଦ୍ୱୟରେ ଦେଶାତ୍ମ ଭାବନାବୋଧରେ ପ୍ରଜ୍ୱଳିତ ।

ଆଦୌ ଗ୍ରହଣଯୋଗ୍ୟ ନଥିଲା । ଏହି ଶିକ୍ଷା ନିମନ୍ତେ ତାଙ୍କର ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁଁ ସମ୍ଭବ ହୋଇ ପାରିଥିଲା । ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ । ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ କୁନ୍ତଳା କୁମାରୀ ସାବତଙ୍କ 'କାବ୍ୟ ଚିନ୍ତନ' ଏକ ବିଶିଷ୍ଟ ଗ୍ରନ୍ଥ, ସେ କେବଳ ଓଡ଼ିଶାର ନୁହଁନ୍ତି ସମଗ୍ର ଭାରତ ବର୍ଷରେ ପରିଚିତ ହୋଇପାରିଥିଲେ । ଜଣେ ସାହିତ୍ୟ ସ୍ରଷ୍ଟା ଭାବେ ସମାଜର ଭଲ ମନ୍ଦ ଓ ନାରୀ ଜୀବନର ବିବିଧତା, ଦେଶପ୍ରୀତି ତଥା ସମସାମୟିକ ସାଂସ୍କୃତିକ ଚିତ୍ର ପ୍ରଦାନ କ୍ଷେତ୍ରରେ କୁନ୍ତଳା କୁମାରୀଙ୍କ ଅବଦାନ ଅବିସ୍ମରଣୀୟ ।

କୁନ୍ତଳା କୁମାରୀଙ୍କ ପ୍ରଥମ କବିତା ହେଉଛି– 'ତାରା ପ୍ରତି' । ତାଙ୍କର ଅନ୍ୟାନ୍ୟ କବିତାଗୁଡ଼ିକ ହେଲା ଅଞ୍ଜଳୀ, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ,ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା , ଗଡଜାତ କୃଷକ ,ଶେଫାଳି ପ୍ରତି, ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ , ମଣିକାଞ୍ଚନ (ଅସମ୍ପୂର୍ଣ୍ଣ କାବ୍ୟ) ବନଫୁଲ ଉଦ୍ୟାନ ଓ କୁସୁମ ଆଦି ଅନେକ । ତାଙ୍କ ଲେଖନୀ ନିଃସୃତ ଅଞ୍ଜଳି, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ, ସାଙ୍ଗୀତିକତା,ଲାଳିତ୍ୟ ଓ ଆବେଗ ରହିଛି । ତାଙ୍କ ଲେଖନୀ ନିଃସୃତ 'ଉଚ୍ଛ୍ୱାସ' କବିତା କବିଙ୍କ ପ୍ରକୃତି ପ୍ରୀତି ଓ ନାନ୍ଦନୀୟ ଦୃଷ୍ଟିଭଙ୍ଗୀର ସୂଚନା ମିଳୁଛି । ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନ । ଏହି କବିତା ଦ୍ୱୟରେ ଦେଶାତ୍ମ ଭାବନାବୋଧରେ ପ୍ରଜ୍ୱଳିତ ।

ପରବର୍ତ୍ତୀ ସମୟରେ ସେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି 'ଭାରତ ମାତା' କବିତା ଲେଖିଥିଲେ । ଏହି କବିତାରେ ଜାତୀୟତା, ଦେଶପ୍ରୀତିର କିପରି ଭାବରେ କୁନ୍ତଳା କୁମାରୀ ସାବତଙ୍କ ମନୋନିବେଶ ରହିଛି, ତାହାର ନିଦର୍ଶନ ଦେଖିବାକୁ ମିଳେ । ତାଙ୍କର ଉପନ୍ୟାସଗୁଡ଼ିକ ହେଲା– ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୂ, ରଘୁ ଅରଖିତ, ପରଶମଣି, ଚିତ୍ରପଟ ଆଦି । ତାଙ୍କୁ ୧୯୨୫ ମସିହାରେ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ 'ଭାରତୀ ଭୂଷଣ' ଉପାଧିରେ ଭୂଷିତ କରାଯାଇଥିଲା ।

ତାଙ୍କ ଲେଖନୀ ନିଃସୃତ କବିତା–

'ଆହାଃ କି ସୁନ୍ଦର ଶିଶୁ ଭାବନାବିହୀନ,
ସୁଧାରସସିକ୍ତ ତବ ଏ ନବଜୀବନ,
ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ,
ଏ ନବଜୀବନେ ନାହିଁ ସଂସାର ଜଞ୍ଜାଳ ।'

ତାଙ୍କ ମୃତ୍ୟୁ ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ହୋଇଥିଲା ।

**ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ପତ୍ରିକା**
**ଗମ୍ଭାରିମୁଣ୍ଡା,ବାଣପୁର,**
**ଖୋର୍ଦ୍ଧା– ୭୫୨୦୩୫**
**ମୋ– ୬୩୭୦୨୦୮୪୨୮**

# ଢାଳି ସେନେହ ପୀୟୂଷ

**ରାମଚନ୍ଦ୍ର ବେହେରା**


ତୁମରି ଲାଜୁଆ ଆଖିରେ ଦିଶଇ
ଅସୁମାରି ନୂଆ ଆଶା
ତୁମରି ଓଠରେ ସଦା ଝରୁଥାଏ
ପ୍ରଣୟର ମିଠା ଭାଷା ।
ତୁମେ ମୋ ମନର ତୃଷା
ତୁମେ ମୋ ନିଃଶ୍ୱାସ ତୁମେ ମୋ ପ୍ରଶ୍ୱାସ
ତୁମେ ମୋର ଅଭିଳାଷା ।
ତୁମ ପାଇଁ କେତେ ପ୍ରଶ୍ନ ଉଂକିମାରେ
ଛୁପାଏ ତାକୁ ଲୁହରେ
ତୁମକୁ ପରଖି କବିତା ମୁଁ ଲେଖେ
କୋହ ଭରା ଲେଖନୀରେ ।
କଥା କଟାକଟି ଭୁଲି
ମନର କଥାକୁ ଅନ୍ତରରେ ରଖି
ଆସ ପ୍ରିୟା ପାଶେ ଚାଲି ।
ତୁମ ବିନା ସାଥୀ ପୂର୍ଣ୍ଣିମାର ରାତି
ଅନ୍ଧାର ଅନ୍ଧାର ଲାଗେ
ନିରାଶା ସୁଅରେ ଭାସି ଭାସି ମୁହିଁ
ନିତି ତୁମ କଥା ଭାବେ ।
ମନେ ଅନୁରାଗ ଭରି
ଭାବୁଛି ପ୍ରେୟସୀ ଆଶା ସବାରିରେ
ନିଶ୍ଚୟ ଆସିବ ଫେରି ।
ଶ୍ରାବଣରେ ଆସ ସାଜି ମୋ ଶ୍ରାବଣୀ
ନୀଳକଇଁ ରୂପ ଧରି
ଭିଜିଯାଅ ତୁମେ ପ୍ରେମର ଛିଟାରେ
ପ୍ରୀତିର ପୁଲକ ଭରି ।
ଭୁଲି ପୂର୍ବ ରାଗ ରୋଷ
ଆସ ମିଳିମିଶି ଯୋଡିବା ସମ୍ପର୍କ
ଢାଳି ସେନେହ ପୀୟୂଷ ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ–୭୩୫୫୬୩୪୩୪୬**



# ପ୍ରାପ୍ତ ପୁସ୍ତକ

*ପୁସ୍ତକର ନାମ– ଚିମରା ପଡ଼ନାଇଁ, ଚିନା ପଡ଼*
*ହରିଶ୍ଚନ୍ଦ୍ର ବକ୍ସିପାତ୍ର*
*ସମ୍ପାଦନା ଓ ସକଳନ– ଡ. ଲୋପାମୁଦ୍ରା ବକ୍ସିପାତ୍ର*
*ପ୍ରକାଶକ– ପକ୍ଷୀଘର ପ୍ରକାଶନୀ*
*୩୨, ମଧୁସୂଦନ ନଗର, ଭୁବନେଶ୍ୱର–୧*
*ମୂଲ୍ୟ– ୫୯୫/– (ପାଞ୍ଚଶହ ପଞ୍ଚାନବେ ଟଙ୍କା ମାତ୍ର)*




ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ସୁପୁତ୍ରୀ ଡକ୍ଟର ଲୋପାମୁଦ୍ରା ବକ୍ସିପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି ୩୨୦ ପୃଷ୍ଠା ବିଶିଷ୍ଟ 'ଚିମରା ପଡ଼ନାଇଁ, ଚିନା ପଡ଼' ପୁସ୍ତକଟିଏ । ୨୦୦୨ ମସିହାରୁ ଏଯାବତ ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ସଂକଳନରେ ଜନନାୟକ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଉପରେ ଲିଖିତ ଲେଖା ସବୁକୁ ଏକତ୍ର କରି ଏହି ପୁସ୍ତକ 'ଚିମରା ପଡ଼ନାଇଁ, ଚିନା ପଡ଼'ଟି ପରିପୁଷ୍ଟ । ରାଜ୍ୟର ମହିଳା କମିଶନର ଅଧ୍ୟକ୍ଷା ଦାୟିତ୍ୱ ତୁଲାଇଥିବା, ରାଜ୍ୟ ମହିଳା ନିଗମ ଅଧ୍ୟକ୍ଷା, ମିଶନ ଶକ୍ତିର ଉପଦେଷ୍ଟା ଭାବେ ରହିବା ସମୟରେ ନିଜର ପାରଦର୍ଶିତା ପ୍ରଦର୍ଶନ କାର୍ଯ୍ୟ କରି ଡକ୍ଟର ବକ୍ସିପାତ୍ର ମଧ୍ୟ ପାକ୍ଷିକ ପତ୍ରିକା 'ଲୋକନୀତି'ର ସମ୍ପାଦିକା ଭାବେ ଏକ ନିଆରା ପରିଚୟ ସୃଷ୍ଟି କରି ପାରିଛନ୍ତି । ତାଙ୍କ ସମ୍ପାଦନାରେ ପ୍ରକାଶିତ ପୁସ୍ତକର ଆକର୍ଷଣୀୟ ନାମକରଣ ପଛରେ ମଧ୍ୟ ରହିଛି ଏକ ସୁନ୍ଦର ବାର୍ତ୍ତା । ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ସବୁ କିଛି ଅନ୍ୟାୟକୁ ସହି ନ ପାରି, ନିଜର ହକ୍ ପାଇଁ ସାହସର ସହ ଲଢ଼େଇ କରିବାକୁ ଲୋକମାନଙ୍କୁ ଆହ୍ୱାନ ଦେଉଥିଲେ । ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୀବନର ସଂଗ୍ରାମ, ଲୋକମାନଙ୍କ ପାଇଁ ସେ କରିଥିବା ସଂଘର୍ଷ ତଥା ତାଙ୍କ ଛାତ୍ର ଜୀବନରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତର ସମସ୍ତ କାର୍ଯ୍ୟଧାରା ଓ ଅବଦାନକୁ ନେଇ, ତାଙ୍କ ଉପରେ ଲିଖିତ କିଛି ଲେଖା ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଜୀବନ-ସୂଚୀରେ ତାଙ୍କ ଜୀବନର ବର୍ଷଓ୍ୱାରୀ ଘଟଣାବଳି ପୁସ୍ତକ ଶେଷରେ ସନ୍ନିହିତ । ସୁନ୍ଦର ପ୍ରଚ୍ଛଦପଟ ସହ ତାଙ୍କୁ ନିକଟରୁ ଜାଣିଥିବା ଲେଖକଙ୍କ ଦ୍ୱାରା, ସର୍ବମୋଟ ୮୦ଟି ଲେଖାରେ ସମୃଦ୍ଧ ଏହି ପୁସ୍ତକଟି ସମାଜର ସବୁ ବର୍ଗର ପାଠକଙ୍କଦ୍ୱାରା ଆଦୃତ ହେବ ବୋଲି ଆମର ଆଶା ।

(ଅଳକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀଲଙ୍କାରେ...

ତେବେ ତାମିଲନାଡୁରେ ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି । ତାମିଲନାଡୁ ମନ୍ତ୍ରୀ କେକେ ଏସ୍‌ଏସ୍‌ଆର ରାମଚନ୍ଦ୍ରନ୍‌ଙ୍କ କହିବାନୁଯାୟୀ ୬ ହଜାର ରିଲିଫ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି ଓ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆରଏଫ୍‌ର ୨୮ ଟିମ୍ ବିଭିନ୍ନ ଜାଗାରେ ମୁତୟନ ଅଛନ୍ତି । ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟାଟି ଶ୍ରୀଲଙ୍କା ଛାଡିବା ପରେ ଏହାର ଗତିପଥ ସ୍ପଷ୍ଟ ହେବ । ଏହା ସାମାନ୍ୟ ଘନିଭୂତ ହେବ ଓ ପବନର ବେଗ ମଧ୍ୟ ବଢ଼ିବ । ଏହା ଉତ୍ତର ଓ ଉତ୍ତର-ପଶ୍ଚିମ ଆଡକୁ ଅଗ୍ରସର ହୋଇ ଉତ୍ତର-ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ୩୦ ତାରିଖ ସକାଳୁ ଲ୍ୟାଣ୍ଡଫଲ୍ କରିବ । ଆଇଏମ୍‌ଡି କହିବାନୁଯାୟୀ ତାମିଲନାଡୁର ଉପକୂଳରେ ବର୍ଷା ହେବ । ଏହା ଘନିଭୂତ ହୋଇ ବାତ୍ୟାର ନିକଟବର୍ତ୍ତୀ ହେବ । ଫଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ତାମିଲନାଡୁ, ଆନ୍ଧ୍ର ଓ ପୁଡୁଚେରୀରେ ଆଗାମୀ ଦୁଇଦିନ ମଧ୍ୟରେ ହୋଇପାରେ । ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ । ବିଶେଷକରି ସହରାଞ୍ଚଳ ଜଳାର୍ଣ୍ଣବ ହେବ । ପାର୍ବତ୍ୟାଞ୍ଚଳରେ ଆକସ୍ମିକ ବନ୍ୟା ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଇଏମ୍‌ଡି ପକ୍ଷରୁ କୁଡ୍ଡାଲୋ, ମଇଲାଡୁଥୁରାଇ, ଭିଲ୍ଲୁପୁରମ୍, ଚେଙ୍ଗାଲପଟୁ ଓ ପୁଡୁଚେରୀରେ ରେଡ୍ ଆଲର୍ଟ ଜାରି କରାଯାଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି । ସେହିଭଳି ଉତ୍ତର-ଆନ୍ଧ୍ରପ୍ରଦେଶର ୟାନମ୍ ଓ ରୟାଲା ସୀମାରେ ସାମାନ୍ୟ ବିକ୍ଷିପ୍ତ ବର୍ଷା ହେବାସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ରବିବାର ମଧ୍ୟ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ କରାଇ ଦିଆଯାଇଛି ।

## ଅଡୁଆରେ...

ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁରୀ ଜିଲ୍ଲାପାଳ ତଥା ଶ୍ରୀ ମନ୍ଦିର ଉପ ମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା । ସୂଚନା ଯୋଗ୍ୟ ଯେ ଶୁଭଙ୍କର ସୋସିଆଲ ମିଡିଆରେ ମନ୍ତବ୍ୟ ଦେଇ ଥିଲେ ଯେ ଯଦି କୌଣସି ପ୍ରେମୀ ଯୁଗଳ ଦର୍ଶନ ପାଇଁ ଶ୍ରୀମନ୍ଦିର ଯାଉଛନ୍ତି ତେବେ ତାଙ୍କର ବ୍ରେକ ଅପ ହେବ । ତେଣୁ ଶ୍ରୀମନ୍ଦିର ଯାଆନ୍ତୁ ନାହିଁ । ଶୁଭଙ୍କର ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇ ଥିଲା । ଯାହାକୁ ନେଇ ସେବାୟତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆସୋନ୍ତମଷ ଦେଖା ଦେଇଛି । ଯଦି ଶୁଭଙ୍କର ବିବାଦୀୟ ନେଇ କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ତାଙ୍କ ବିରୋଧରେ ଥାନାରେ ଏତଲା ଦାଏର କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନ ।

## ୧୧ ମାଓବାଦୀଙ୍କ...

ହେଲେ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ଅନନ୍ତ ଓରଫ ବିନୋଦ ଭାସ୍କର । ଅନନ୍ତ ନାମରେ ସରକାର ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ୧୬ ଲକ୍ଷ ଘୋଷିତ ଡିଭିସିଏମ କମାଣ୍ଡର ନାଗସୁ ଓରଫ ଗୋଲୁ, ୧୬ ଲକ୍ଷ ଘୋଷିତ ଡିଭିଜନାଲ କମିଟି ମେମ୍ବର ରାନୋ ଓରଫ ରମ୍ପୋ, ୬ ଲକ୍ଷ ଘୋଷିତ ଏସିଏମ ସନ୍ତୁ ଓରଫ ତିଜାଓରାମ, ୬ ଲକ୍ଷ ଘୋଷିତ ଏସିଏମ୍ ସଂଗୀତା ଓରଫ ସଂତୋଷୀ, ୬ ଲକ୍ଷ ଘୋଷିତ ଏସିଏମ ପ୍ରତାପ ଓରଫ ସମର, ୬ ଲକ୍ଷ ଘୋଷିତ ଏସିଏମ ଅନୁଜା ଓରଫ ନେକ୍କା, ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ପୂଜା ଓରଫ ଜୁଗନୀ, ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଦିନେଶ ଓରଫ ସାଧୁ, ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ରାମକୋ ସିଲା, ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଅର୍ଜୁନ ଓରଫ ରିତୁ । ସମସ୍ତଙ୍କୁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆଗାମୀ ଦିନରେ ଆତ୍ମନିର୍ଭରଶୀଳ କରାଯିବ ।

## ରାସନକାର୍ଡ...

ସରକାରରେ ଗରିବ ଲୋକଙ୍କୁ ରାସନ କାର୍ଡ଼ ମିଳୁ ନଥିଲା । ଯୋଗ୍ୟ କାର୍ଡ଼ ପାଉଛି, ଅଯୋଗ୍ୟ ହଟୁଛି, ପୀଡ଼ା କାହିଁକି ହେଉଛି ବୋଲି ବିରୋଧୀଙ୍କୁ କଟାକ୍ଷ କରିଥିଲେ ବିଜେପି ସଭ୍ୟ ।

ବିଜେଡି ପକ୍ଷରୁ ଇକେଓ୍ୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ ରାସନ କାର୍ଡ କାଟୁଛନ୍ତି ସରକାର, ହିତାଧିକାରୀ ହନ୍ତସନ୍ତ' ସମ୍ପର୍କୀତ ମୁଲତବୀ ପ୍ରସ୍ତାବ ଅଣାଯାଇଥିଲା । ଆଲୋଚନା ଆଲୋଚନା ଆରମ୍ଭ କରି ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କୁ ଦୁଇଥର ଚିଠି ଲେଖି ରେସନ କାଟିବା ପାଇଁ କହିଛନ୍ତି । ଜିଲ୍ଲାପାଳମାନେ ପଞ୍ଚାୟତ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖି ରାସନ କାର୍ଡର୍ କାଟିବାକୁ କହିଛନ୍ତି । ସୁଭଦ୍ରା ମହିଳା , ପିଏମ୍ କିଶାନ ହିତାଧିକାରୀ , ଅଙ୍ଗନବାଡି କର୍ମୀ, ସିଆରପି ଓ ପାଚିକାମାନଙ୍କ ପାଇଁ ସରକାର କ'ଣ ଚିନ୍ତା କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । କୃତ୍ରିମ ଭାବେ ଧନୀ ଘୋଷଣା କରି ଏହି ସରକାର ରାସନ କାର୍ଡ କାଟିବାକୁ ପ୍ରୟାସ କରିଛନ୍ତି । ବିଜେଡି ସଭ୍ୟ ଦେବୀରଞ୍ଜନ ତ୍ରିପାଠୀ କହିଥିଲେ, ବହୁ ରାସନ କାର୍ଡଧାରୀମାନଙ୍କୁ ସରକାର ସସ୍‌ପେକଫୁଲ କହିଥିବା ବେଳେ ସେମାନେ କ'ଣ କ୍ରିମିନାଲ ? ପୂର୍ବ ସରକାର ଲୋକଙ୍କ ଦୁଃଖ ବୁଝୁଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ନିରାପତ୍ତାରେ ଯେଉଁ ହିତାଧିକାରୀମାନେ ବଞ୍ଚିତ ହେଉଥିଲେ, ସେମାନଙ୍କ ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମରେ ସାମିଲ କରାଯାଉଥିଲା । ଏ ପର୍ଯ୍ୟନ୍ତ ରାଜ୍ୟରେ ୧୫ ଲକ୍ଷ ହିତାଧିକାରୀ କେଓ୍ୱାଇସି କରିନାହାଁନ୍ତି । ଏହି କେଓ୍ୱାଇସି କାହିଁକି ହେଉନି ବୋଲି ସେ ପ୍ରଶ୍ନ କରିଥିଲେ । ଆଜି ବି ବହୁ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ନାହିଁ । କିଛି ଲୋକ ବୃଦ୍ଧା ହୋଇଯିବାରୁ ସେମାନଙ୍କ ଫିଙ୍ଗରପ୍ରିଣ୍ଟ ମ୍ୟାଚ୍ କରୁନାହିଁ । ଖାଦ୍ୟ ସୁରକ୍ଷା କାର୍ଡରୁ ହିତାଧିକାରୀ କଟିଲେ ସ୍ୱାସ୍ଥ୍ୟସେବା କାର୍ଡରୁ ମଧ୍ୟ ସେମାନେ ବଞ୍ଚିତ ହେବେ । ଏଫ୍‌ସିଆଇ ଚାଉଳ ନେଉନି, ସେଥିପାଇଁ ରାଜ୍ୟ ସରକାର ହିତାଧିକାରୀ କାଟୁଥିବା ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି । ବିଜେଡି ସଭ୍ୟ ସାରଦା ପ୍ରସନ୍ନ ଜେନା ଏହି ଆଲୋଚନାରେ ଭାଗ ନେଇଥିଲେ ।

କଂଗ୍ରେସ ସଭ୍ୟ ଅଶୋକ ଦାସ କହିଥିଲେ ଏହି କେଓ୍ୱାଇସି ତଥା ଯାଞ୍ଚ ଆଳରେ ଖାଉଟିଙ୍କୁ ହନ୍ତସନ୍ତ କରାଯାଉଛି । ୨୦୧୩ ମସିହାରେ ଉପସରକାର ସମୟରେ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ ହୋଇଥିଲା । କୌଣସି ଲୋକ ଯେପରି ଭୋକରେ ନରହିବେ ସେଥିପାଇଁ ଅନ୍ତୋଦୟ ଯୋଜନା ଆରମ୍ଭ କରିଥିଲେ । ହିତାଧିକାରୀମାନଙ୍କ ପାଇଁ ୯ ଟି ମାନଦଣ୍ଡ କରି ଲୋକଙ୍କୁ ଅସୁବିଧାରେ ପକାଉଛନ୍ତି । ବିଭିନ୍ନ ଜାଗାରେ ଇଣ୍ଟରନେଟ୍ ସୁବିଧା ନାହିଁ । ଯେଉଁଥିପାଇଁ କେଓ୍ୱାଇସି କରାଯାଇପାରୁନି । ବହୁତ ଲୋକ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି, ସେମାନଙ୍କୁ ୱାନ୍ ନେସନ୍, ୱାନ ରାସନ ବ୍ୟବସ୍ଥାରେ ଚାଉଳ ଦିଆଯାଉ । କିଛି ଲୋକ ୧୫ ବର୍ଷ ତଳେ ଆଧାରକାର୍ଡ କରିଥିବାରୁ ସେମାନଙ୍କ ଫିଙ୍ଗରପ୍ରିଣ୍ଟ ନେଉନାହିଁ । ବ୍ଲକରେ ରାସନ କାର୍ଡ ପାଇଁ ଲମ୍ବା ଲାଇନ୍ ହେଉଥିବା ଦେଖିବାକୁ ମିଳୁଛି । ଆଜିର ଦିନରେ ଖାଦ୍ୟ ସୁରକ୍ଷା ଆଇନ୍ ଠିକରେ ପରିଚାଳନା ହେଉନଥିବାରୁ ବିଭିନ୍ନ ସ୍ଥାନରେ ଆମ୍ବ ଟାକୁଆ ଖାଉଥିବା ଏହି ଗୃହରେ ମଧ୍ୟ ଆଲୋଚନା ହୋଇଛି ।

କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଥିଲେ, ୨୦୪୭ ବିକଶିତ ଭାରତ ଓ ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ରାସନ କାର୍ଡ଼ ଏତେ ସଂଖ୍ୟାରେ ଥିବାରୁ ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ସେଥିପାଇଁ ରାସନ କାର୍ଡ଼ କାଟି ବିକଶିତ ଓଡ଼ିଶା ଗଠନ କରିବେ ସରକାର । ଯେଉଁମାନଙ୍କର ସ୍ୱାସ୍ଥ୍ୟ କାର୍ଡ଼ ନଥିଲା, ସେମାନେ ରାସନ କାର୍ଡ଼ ଦେଖାଇ ଚିକିତ୍ସା ହୋଇପାରୁଥିଲେ । ରାସନ କାର୍ଡ଼ କଟାଗଲେ ସେମାନଙ୍କର ଚିକିତ୍ସାରେ ବାଧକ ସାଜିବ ।

ଶାସକ ଦଳ ପକ୍ଷରୁ ବିଜେପି ସଭ୍ୟ ଆଶ୍ରିତ ପଟ୍ଟନାୟକ କହିଥିଲେ ଯେ ବିଗତ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ୧୦ଲକ୍ଷ ୫୪ ହଜାର ପରିବାରଙ୍କର ୩୦ହଜାର ରାସନ କାର୍ଡ଼ କାଟିଥିଲେ । ବିଗତ ଦିନରେ ଜାଲ୍ କାର୍ଡ଼ଧାରୀ ଚାଉଳ ଉଠାଣ କରୁଥିଲେ । ଇ-କେଓ୍ୱାଇସି ହେବା ଦ୍ୱାରା ଏହା ଜଣାପଡ଼ିଥିଲା । ଯାଞ୍ଚ ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ଼ ଦିଆଯାଉଛି । ବିଜେପି ସଭ୍ୟ ଅମର ନାୟକ କହିଥିଲେ, ଏବେ ସୁଦ୍ଧା ୩କୋଟି ୧୨ ଲକ୍ଷ ହିତାଧିକାରୀଙ୍କର ଇ-କେଓ୍ୱାଇସି କରାଯାଇଛି । ବାକି ୧୫ଲକ୍ଷ ହିତାଧିକାରୀଙ୍କ ଇ-କେଓ୍ୱାଇସି ପାଇଁ ଅବଧି ବଢ଼ିଛି । ଆଜି ବି ବ୍ଲକ୍‌ରେ ଯୋଗ୍ୟ ହିତାଧିକାରୀ ଯାଇ ରାସନ କାର୍ଡ଼ ପାଉଛନ୍ତି । ପୂର୍ବ ସରକାରରେ ଗରିବ ଲୋକଙ୍କୁ ରାସନ କାର୍ଡ଼ ମିଳୁ ନଥିଲା । ଯୋଗ୍ୟ କାର୍ଡ଼ ପାଉଛି, ଅଯୋଗ୍ୟ ହଟୁଛି, ପୀଡ଼ା କାହିଁକି ହେଉଛି ବୋଲି ବିରୋଧୀଙ୍କୁ କଟାକ୍ଷ କରିଥିଲେ ସେ । ଏହି ଆଲୋଚନାରେ ବିଜେପି ସଭ୍ୟ ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ଅଂଶ ଗ୍ରହଣ କରିଥିଲେ ।

## ୮.୧୬ ଲକ୍ଷ...

ଚାକିରିଆ ଥିବାବେଳେ ୪୫ହଜାର ୪୯୬ ଜଣ ଆୟକର ଦେଉଥିବା ଅଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇଥିଲେ । ସେମାନଙ୍କୁ ମିଶାଇ ମୋଟ ୮ଲକ୍ଷ୧୬ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ଼ କଟାଯାଇଛି । ଫଳରେ ରାଜ୍ୟ ସରକାରଙ୍କ ବାର୍ଷିକ ରାଜସ୍ୱ ୨୧୦ କୋଟି ଟଙ୍କା ବଞ୍ଚିଛି । ବିରୋଧୀଙ୍କୁ ଜବାବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଜାତୀୟ ଖାଦ୍ୟ ସୁରକ୍ଷା ନିରାପତ୍ତା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମ ଅନ୍ତର୍ଗତ ୯୯ ଲକ୍ଷ ୫୨ହଜାର ୧୫୩ ଜଣ ପରିବାରର ୩ କୋଟି ୨୭ ଲକ୍ଷ ୮୩ହଜାର ୬୭୩ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ଼ ଦିଆଯାଇଛି । ୨୦୧୫ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାସନ କାର୍ଡ଼ କାଟିବା ପ୍ରକ୍ରିୟା ପୂର୍ବ ସରକାର କରିଥିଲେ । ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ହଜାର ଗରିବ ଲୋକଙ୍କ ରାସନ କାର୍ଡ଼ କଟାଯାଇଥିଲା । ଏହି ସମୟରେ ଅକଥନୀୟ ଅତ୍ୟାଚାର କରିଥିଲେ ତତ୍କାଳୀନ ସରକାର । ୪୨ଲକ୍ଷ ଟଙ୍କା ଅର୍ଥ ଦଣ୍ଡ ବି ଆଦାୟ କରିଥିଲେ ।

ପୂର୍ବରୁ ହରିଲୁଟ୍ ହେଉଥିଲା । ଏହି ଲୁଟ୍ ବନ୍ଦ କରିବା ପାଇଁ ଆବଶ୍ୟକ ଥିଲା । ଏଫ୍‌ସିଆଇ ଅନ୍ୟାୟ କରୁନାହିଁ । ଚାଉଳ ଉଠାଣ ସଠିକ ପରିଚାଳନା ହେଉଛି । ବାହାର ରାଜ୍ୟରେ ଥିବା ବହୁ ଲୋକ ଇ-କେଓ୍ୱାଇସି କରିଛନ୍ତି । ତାମିଲନାଡୁରେ ୪୮,୭୬୪ ଜଣ କେ-ୱାଇସି କରିଥିବାବେଳେ କେରଳରେ ୨୮,୬୧୩ ଓ କର୍ଣ୍ଣାଟକରେ ୧୨,୦୭୬ ଜଣ କେ-ୱାଇସି କରିଛନ୍ତି । ବାହାର ରାଜ୍ୟରେ ୱାନ୍ ନେସନ-ୱାନ୍ ରାସନ ଅନ୍ତର୍ଗତ ଚାଉଳ ଉଠାଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬% ହିତାଧିକାରୀ କେ-ୱାଇସି କରିସାରିଛନ୍ତି । ପୂର୍ବ ସରକାରରେ ରାସନ କାର୍ଡ଼ ପଞ୍ଜିକରଣ ପାଇଁ ପୋର୍ଟାଲ ବନ୍ଦ ରହିଥିଲା । ଏବର ସରକାର ଆସିବା ପରେ ପୋର୍ଟାଲ ଖୋଲାଯିବା ସହିତ ୧୫ଲକ୍ଷ ଆଶାୟୀ ଆବେଦନ କରିଥିବାବେଳେ ୬ଲକ୍ଷ ୩୯ ହଜାର ୮୨୭ ଜଣ ହିତାଧିକାରୀଙ୍କୁ ନୂତନ କାର୍ଡ଼ ଦିଆଯାଇଛି । କେନ୍ଦ୍ର ତରଫରୁ ଏକ ତାଲିକା ଆସିଛି । ଏହାକୁ ବ୍ଲକ୍‌କୁ ପଠାଯାଇଛି । ଗ୍ରାମାଞ୍ଚଳରେ ଯେଉଁମାନଙ୍କର ମାସିକ ଆୟ ୧୫ହଜାରରୁ ଉର୍ଦ୍ଧ୍ୱର୍ ଓ ସହରାଞ୍ଚଳରେ ୨୦ହଜାରରୁ ଉର୍ଦ୍ଧ୍ୱର୍ ହୋଇଥିବ, ସେମାନଙ୍କର ରାସନ କାର୍ଡ଼ କଟାଯିବ । ଏବେ ଗ୍ରାମାଞ୍ଚଳରେ ୧୩ଲକ୍ଷ ୫୦ହଜାର ଓ ସହରାଞ୍ଚଳରେ ୧ଲକ୍ଷ ୫୦ହଜାର ହିତାଧିକାରୀ ଯୋଡ଼ିବା ପାଇଁ ଟାର୍ଗେଟ୍ କରାଯାଇଛି । ଅଧିକାରୀମାନେ ଘରକୁ ଘର ବୁଲି ଯାଞ୍ଚ କରିବେ ଯେଉଁମାନେ ଅଯୋଗ୍ୟ ହିତାଧିକାରୀ ସେମାନଙ୍କ କାର୍ଡ଼ କଟାଯିବ ଏବଂ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କ କାର୍ଡ଼ କଟାଯିବ ନାହିଁ । ସେପେଫମ୍ବର, ଅକେଫାବର ଓ ନଭେମ୍ବର ମାସ ଅର୍ଥାତ ୩ ମାସ ପାଇଁ ଅତିରିକ୍ତ ୧୫ କେଜି ଚାଉଳ ମାଗଣା ଦିଆଯାଇଛି । ଏହି ସମୟରେ ଚାଉଳ ଅଭାବ ରହିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମାଗଣା ଚାଉଳ ଦିଆଯାଇଥିବା ମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି ।

## ସଶସ୍ତ୍ର...

ଆନନ୍ଦ ରାୟ (୨୪), ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ (୩୦), ବେଲପଡ଼ା ପିଙ୍କି ଓରଫ ସୁଶୀଳା ମେହେରା (୩୦) ଙ୍କ ସହ ଦୁଇ ଜଣ ନାବାଳକଙ୍କୁ ପୁଲିସ ଗିରଫ କରିଛି । ଏହା ସହ ୩୭ ଲକ୍ଷ ନଗଦ, ୫୨୧ଗ୍ରାମ ସୁନା, ୧୪.୩୨ କିଲୋରୁପା, ତିନୋଟି ଦେଶୀବନ୍ଧୁକ ସହ ୧୨ ଟି ଅଫୁଟା ଗୁଳି, ୨ ଟି ଛୁରୀ, ୨ ଟି କାର, ୨ ଟି ସ୍କୁଟର, ଗୋଟିଏ ବାଇକ, ଗୋଟିଏ ଆଇ ଫୋନ, ୧୨ ଟି ମୋବାଇଲ, ଗୋଟିଏ ଟିଭି, ଫ୍ରିଜର ସହ ୨ ଟି ନମ୍ବର ପ୍ଲେଟ ପୁଲିସ ଜବତ କରିଛି ।

ତଥ୍ୟ ନେବାରେ ଜଣାପଡ଼ିଛି ଯେ ମୁଖ୍ୟ ଅଭିଯୁକ୍ତ ଅଶୋକ କୁମାର ପଣ୍ଡା ପାନମସଲା ବ୍ୟବସାୟୀ ମୁକେଶ ବୁଚ୍‌ୱାନୀଙ୍କ ଦୋକାନରୁ ଦୀର୍ଘ ବର୍ଷ ଧରି ପାନ ମସଲା କିଣି ଆସୁଥିଲେ । ବ୍ୟବସାୟୀ ମୁକେଶ ବୁଚୱାନୀ ଜଣେ ଧନୀ ବ୍ୟକ୍ତି ମନେକରି ଲୁଟ କରିବାକୁ ଚିନ୍ତା କରିଥିଲା ମୁଖ୍ୟ ଅଭିଯୁକ୍ତ ଅଶୋକ । ଏନେଇ ବିହାରର ଭୋଜପୁରର ସଂଜୟ ସିଂହ ସହିତ ଯୋଗାଯୋଗ କରି ଗିରଫ ଅଭିଯୁକ୍ତଙ୍କୁ ସାମିଲ କରାଯାଇଥିଲା । ଡକାୟତି ସକାଶେ ୧୦ ଥର ଉଦ୍ୟମ କରି ବିଫଳ ହେବା ପରେ ଯୋଜନାବଦ୍ଧ ଭାବେ ଗତ ୧୯ ତାରିଖ ରାତି ପ୍ରାୟ ଆଠଟା ସମୟରେ ୪ ଜଣ ଦୁର୍ବୃତ୍ତ ବୁଚଓ୍ୱାନୀଙ୍କ ଘର ଆଖ ପାଖ ଅଞ୍ଚଳରେ ଥିବା ବେଳେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘରେ ପଶି ପରିବାର ସଦସ୍ୟଙ୍କୁ ବନ୍ଧକ ରଖିବା ସହିତ ବୁଚୱାନୀଙ୍କୁ ଛୁରାମାଡ଼ କରି ତମାମ ଟଙ୍କା, ଗହଣା ଲୁଟ କରି ଫେରାର ମାରିଥିଲେ । ଥାନାରେ ଅଭିଯୋଗ ପରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ସହ ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର ଓ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ତଦନ୍ତ ଲୁଟେରା ମାନେ ଘଟଣା ସ୍ଥଳରୁ ଫେରାର ମାରିବା ସମୟରେ ଛାଡି ଯାଇଥିବା ଏକ ଦେଶୀ ବନ୍ଧୁକ ଜବତ କରିଥିଲେ । ପ୍ରାଥମିକ ତଦନ୍ତ ପରେ ଝାରସୁଗୁଡ଼ା ଏସଡିପିଓ ଉମା ଶଙ୍କର ସିଂ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ୧୦ରୁ ଅଧିକ ଟିମ୍ ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ ଅଞ୍ଚଳରେ ଚଡ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା ।

## ରାଜ୍ୟବାସୀଙ୍କ...

କରିଛନ୍ତି ଯେ ଅତିରିକ୍ତ ବଜେଟ୍ ଓଡ଼ିଶା ବାସୀଙ୍କ ଅନେକ ଆଶାକୁ ଧୂଳିସାତ କରୁଛି । ନୂଆ ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳୁନାହିଁ । ଏହା ଆମକୁ ରାଜକୋଷିୟ ନିଅଣ୍ଟ ଆଡକୁ ବଢ଼ାଉଛି । ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟ୍‌ରେ ପୂର୍ତ୍ତ ବିଭାଗକୁ ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡିଦେଲେ ଆଉ କିଛି ନାହିଁ । ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନକୁ ଲୁଚାଇବା ପାଇଁ ଅତିରିକ୍ତ ବଜେଟ୍ ଅଣାଯାଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହେଁ, ସେମାନଙ୍କୁ ଭ୍ରମିତ କରିବାକୁ ଏହା ଅତିରିକ୍ତ ପ୍ରୟାସ ବୋଲି ସେ କହିଛନ୍ତି ।

# ବିଜେଡ଼ିରୁ ଇସ୍ତଫା ଦେଲେ ଭଦ୍ରକ, ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷା

ଭଦ୍ରକ, (ସବ୍ୟୁ): ବନ୍ତ ବ୍ଲକ ଅଧକ୍ଷଙ୍କ ପରେ ବିଜେଡି ରୁ ଇସ୍ତଫା ଦେଲେ ଭଦ୍ରକ ବ୍ଲକ ଅଧକ୍ଷାଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷା ସୁମତୀ ସେଠୀ । ସେ ତାଙ୍କ ଇସ୍ତଫା ପତ୍ର ଜିଲା ବିଜେଡି ସଭାପତିଙ୍କୁ ପଠାଇଛନ୍ତି । ନିଜ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଉଭୟ ଦର୍ଶାଇଛନ୍ତି । ତେବେ ଗୋଟିଏ ଦିନରେ ୩ ଟି ବ୍ଲକ ଅଧକ୍ଷ ଇସ୍ତଫା ଦେବା ଜିଲା ରାଜନୀତିକୁ ସରଗରମ କରିଛି । ଯାହାକୁ ନେଇ ରାଜନୀତିକ ମହଲରେ ବିଭିନ୍ନ ଆଲୋଚନା ଆରମ୍ଭରେ ହୋଇଛି । ଗତ କିଛି ଦିନ ତଳେ ୪ ବ୍ଲକ ଅଧକ୍ଷ ଅଧକ୍ଷା ଭାଜପାରେ ସାମିଲ ହେବା ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦରଖାସ୍ତ ଦେଇଥିଲେ ବୋଲି ଚର୍ଚ୍ଚା ହେଉଥିଲା । ତେବେ ଗୋଟିଏ ଦିନରେ ୩ ବ୍ଲକ ଅଧକ୍ଷା ଅଧକ୍ଷଙ୍କ ବିଜେଡିରୁ ଇସ୍ତଫା ଦଳ ପାଇଁ କ୍ଷତି ପହଂଚାଇବ ବୋଲି ଚର୍ଚ୍ଚା ହେଉଛି ।

# ନବୋଦୟ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ

ସୋର,(ସବ୍ୟୁ):ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଏକ ହଷ୍ଟେଲରେ ବିଦ୍ୟୁତ ସଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି ।ଶନିବାରି ସକାଳେ ଛାତ୍ରାବାସରେ ରହୁଥିବା ଛାତ୍ରମାନେ ବିଦ୍ୟାଳୟକୁ ଯାଇଥିବା ବେଳେ ବିଦ୍ୟୁତ ସଟ ସର୍କିଟରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଏହା ଜଣାପଡିବା ପରେ କର୍ମଚାରୀ ମାନେ ଅଗ୍ନି ନିରୋଧକ ଯନ୍ତ୍ର ସାହାର୍ଯ୍ୟରେ ନିଆଁକୁ ନିୟନ୍ତ୍ରଣ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ତେବେ ସେତେବେଳକୁ ପ୍ରାୟ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା । ଏ ବାବଦରେ ବିଦ୍ୟାଳୟର ଅଧକ୍ଷ ବିଦ୍ୟାଧର ସାହୁଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ । ଉକ୍ତ ଅଗ୍ନିକାଣ୍ଡରେ ଛାତ୍ରବାସର ଛାତ୍ର ମାନେ ରକ୍ଷା ପାଇଯାଇଥିବା ବେଳେ ଅଗ୍ନିକାଣ୍ଡ ବାବଦରେ ପ୍ରଶାସନ ତରଫରୁ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।

ପୂର୍ବ ତଟ ରେଳପଥ
ପାର୍କିଂ ଷ୍ଟାଣ୍ଡର ଇ-ନିଲାମ
ନିଲାମ କାଟଲଗ୍ ନଂ. SDCM-KUR/PKNG
ଷ୍ଟେସନ ଏବଂ ସ୍ଥାନ : (1) ଭୁବନେଶ୍ୱର-2 ଚକିଆ ଯାନ [ପରିଚାଳନା କ୍ଷେତ୍ରରେ] (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ) । (2) ନରଣପୁର-2 ଚକିଆ ଯାନ (ପ୍ଲାଟଫର୍ମ ନଂ.1 ପାର୍ଶ୍ୱରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.06.12.2025ରିଖ 1530 ଘଣ୍ଟା (କ୍ରମ ନଂ.1 ପାଇଁ) ଏବଂ ତା.08.12.2025ରିଖ 1500 ଘଣ୍ଟା (କ୍ରମ ନଂ.2 ପାଇଁ) ।
ନିଲାମ ବନ୍ଦ ହେବା ତାରିଖ : ତା.06.12.2025ରିଖ (କ୍ରମ ନଂ.1 ପାଇଁ) ଏବଂ ତା.08.12.2025ରିଖ (କ୍ରମ ନଂ.2 ପାଇଁ) । ସମାପ୍ତି ସମୟ : 1600 ଘଣ୍ଟା (କ୍ରମ ନଂ.1 ପାଇଁ) ଏବଂ 1530 ଘଣ୍ଟା (କ୍ରମ ନଂ.2 ପାଇଁ) ।
ଦ୍ରଷ୍ଟବ୍ୟ : ଏହି ଇ-ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଂ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
PR-844/O/25-26 ଖୋର୍ଦ୍ଧା ରୋଡ୍

AFFIDAVIT
By virtue of an affidavit sworn before Executive, Magistrate, Kakatpur, Dated 28/11/2025,I Kailasini Nayak ( new name ) W/o Nabaghan Nayak, At/Po-Patasundarpur, Ps-Kakatpur, Dist-Puri, Odisha, Pin-752108,Declare that I have changed my name from Kailasi Nayak (old name ) to Kailasini Nayak ( new name ). Henceforth, I shall be known as Kailasini Nayak for all Purposes.
KAILASINI NAYAK

AFFIDAVIT
By virtue of an affidavit sworn before Executive Magistrate,Nuagaon Odisha on dated 28.11.2025 I,Achyuta Kumar Sahoo S/o -Madhaba Chandra Sahoo Resident Of Village-Thuabari P.O- Mahipur P.S- Nuagaon Dist-Nayagarh,PIN-752094 declare that I have changed my name from Achyut Kumar Sahoo to Achyuta Kumar Sahoo Henceforth, I shall be known as Achyuta Kumar Sahoo for all purposes.
Sd/- Achyuta Kumar Sahoo

AFFIDAVIT
By virtue of an affidavit sworn before Notary Public Kendrapara , dated 28/11/2025 I, Abdul Sobhan, S/o Abdul Raheman, Vill-Baliapada,Po-Khandasahi, PS-Nischintakoili, Dist-Cuttack, Pin-754207 declare that I have changed my daughter's name from Irem Fatma to Iram Firdous. Henceforth, she shall be known as Iram Firdous for all purposes.
Sd/-Abdul Sobhan

AFFIDAVIT
By virtue of an affidavit sworn before Notary Public.Kendrapara dated 28-11-2025 I, Golakha Chandra Kar, At-Kusunpur, Po-Kusunpur, Ps-Derabish, Dist-Kendrapara, Pin-754207 declare that I have changed my name from Golekh Chandra Kar to Golakha Chandra Kar. Henceforth, I shall be known as Golakha Chandra Kar for all purposes.
Sd/- Golakha Chandra Kar

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-2518 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https:/oshb.org.
ପତ୍ର ସଂଖ୍ୟା ୨୫୩ **ବିଜ୍ଞାପନ** ତା : ୧୮.୧୧.୨୦୨୫
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପତ୍ତିର ମୃତ ଆବଣ୍ଟନ ଗ୍ରହୀତା ଶ୍ରୀ ବଟକୃଷ୍ଣ ପରିଡା, ପିତା- ସ୍ୱର୍ଗତ ବିଶ୍ୱନାଥ ପରିଡା, ସା/ପୋ/ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ମୃତ୍ୟୁ ପରେ ଏହି ସମ୍ପତ୍ତି ୧. ଜୟଶ୍ରୀ ପ୍ରଧାନ, ୨. ରାଜଶ୍ରୀ ପ୍ରଧାନ, ୩. ସତ୍ୟବ୍ରତ ପରିଡା, ୪. ସୁବ୍ରତ କୁମାର ପରିଡା, ସେମାନଙ୍କର ପିତା-ବଟକୃଷ୍ଣ ପରିଡା ଓ ୫. ଉର୍ମିଳା ପରିଡା, ସ୍ୱାମୀ- ବଟକୃଷ୍ଣ ପରିଡା, ସା/ପୋ/ଥାନା- ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ଦଖଲ କରାଯାଇଥିଲା, ଏବେ ଉକ୍ତ ଉତ୍ତରାଧିକାରୀ ମାନଙ୍କ ମଧ୍ୟରୁ ଉର୍ମିଳା ପରିଡାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଏହି ସମ୍ପତ୍ତିରେ ସେମାନଙ୍କ ନାମ ଦଖଲ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ-ଉର୍ମିଳା ପରିଡା, ସ୍ୱାମୀ- ସ୍ୱର୍ଗତ ବଟକୃଷ୍ଣ ପରିଡା, ସା/ପୋ-ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକ | ଗୃହ ନଂ-ଏଚ.ଆଇ.ଜି (ଏସ)-୪୩ (HIG-S-43) ମୈତ୍ରୀ ବିହାର ୧ମ ପର୍ଯ୍ୟାୟ, ଗୃହ ନିର୍ମାଣ ପ୍ରକଳ୍ପ, ପୋ-ରେଲୱେ ବିହାର, ଥାନା-ଚନ୍ଦ୍ରଶେଖରପୁର ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧. ଜୟଶ୍ରୀ ପ୍ରଧାନ (ବି.କନ୍ୟା) ୨. ରାଜଶ୍ରୀ ପ୍ରଧାନ (ବି.କନ୍ୟା) ୩. ସତ୍ୟବ୍ରତ ପରିଡା (ପୁତ୍ର) ୪. ସୁବ୍ରତ କୁମାର ପରିଡା (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
OIPR : 13030/11/0924/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-2511 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.
ପତ୍ର ସଂଖ୍ୟା ୨୧୪ **ବିଜ୍ଞାପନ** ତା : ୨୧.୧୧.୨୫
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ ଏମ୍.ଆଇ.ଜି.-୧-୨୨୪, (MIG-1-224) କୁ ଶ୍ରୀ ଅରୁଣ କୁମାର ଅଗରୱାଲ, ପି- ସ୍ୱର୍ଗତ ଗୋକୁଳ ଚାନ୍ଦ ଗୁପ୍ତା, ସା-ପ୍ଲଟ ନଂ-୧-୬, ସିଭିଲ୍ ଟାଉନସିପ୍, ପୋ-ରାଉରକେଲା-୭୬୯୦୦୪, ଥା-ଜଗନ୍ନାଥ ପାଲି, ଜି-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅରୁଣ କୁମାର ଅଗରୱାଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜୟମଙ୍ଗଳ ଗିରି, ପି-ଯୋଗେଶ୍ୱର ଗିରି, ସା-ଯମୁନାନାଳି, ପୋ-ପଦମପୁର, ଥା-କୁଆଁରମୁଣ୍ଡା, ଜି-ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।
ସ୍ୱା/- ପ୍ରଶାସନିକ ଅଧିକାରୀ
OIPR : 13030/11/0917/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

O-1546
Government of Odisha
"e" procurement Notice
OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR.
E-mail - eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/23/2025-26

| | | | |
|---|---|---|---|
| 1. | Name of the work | : | 1. "PROVISION OF 100 KVA TRANSFORMER WITH LT CONNECTION FOR NEW DIVISION OFFICE BUILDING AT KAMAKHYANAGAR UNDER RWES KAMAKHYANAGAR |
| 2. | Estimated Cost | : | 1. Rs.13,22,403/- |
| 3. | Availability of bid document in the website. | : | 11.30 Hours of 01.12.2025 to 17:00 Hours of 11.12.2025 |
| 4. | Date of Opening of Tenders | : | 11:30 Hours on dt. 12.12.2025 |

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.
Sd/- Executive Engineer
OIPR : 34175/11/0030/2526 R.W Electrical Division Sambalpur

E-mail -rw_dharmagarh@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGARH
O-1633 Notice No. 3158 // Date : 29/11/2025
Corrigendum to Bid Identification No. DMGH / Online-10 of 2025-26
The Tender invited vide TCN : DMGH / Online-10 of 2025-26 is hereby cancelled due to unavoidable circumstances.
Yours faithfully
Superintending Engineer
Rural Works Division
OIPR : 25100/11/0035/2526 Dharmagarh

A-1036 Email-eemisundargarh@yahoo.co.in
OFFICE OF THE SUPERINTENDING ENGINEER, MINOR IRRIGATION DIVISION, SUNDARGARH
Office Order No. 3510 Dated. 28.11.2025
It is hereby informed to all concerned that the tender at Sl. No. 4, bearing Tender Call Notice No. SE MID SNG 06/2025-26 dated 08.09.2025, for the work "Construction of Kusumdhuda Check Dam over local nalla near Village Kumbahal of Karamdihi G.P. in Subdega Block of Sundargarh District under MATY Scheme 2025-26" is hereby cancelled.
Sd/- Superintending Engineer
OIPR : 32124/11/0039/2526 M.I. Division, Sundargarh

GOVERNMENT OF ODISHA
Panchayat Samiti, Junagarh
I-396 E-Procurement Notice
Bid Identification No. PS-JNG-T-3/2025-26

| | | | |
|---|---|---|---|
| 1. | No. of the Work | : | Building works 7 Nos. |
| 2. | Estimated Cost | : | Rs. 9.67 lakh to Rs. 21.59 lakh |
| 3. | Class of Contractor | : | "C, D & B" |
| 4. | Period of Completion | : | 6 Months. |
| 5. | Date and time of availability of bid document in the portal | : | 11.00 hrs of 01.12.2025 to 17.00 hrs of 15.12.2025 |
| 6. | Last date / Time for receipt of bid in the portal | : | 17.00 hour of 15.12.2025 |
| 7. | Name and address of the Officer Inviting Bid | : | Block Development Officer, Junagarh |
| 8. | Date & Venue of Opening of the Single Cover Bid and Technical Bid (Cover-1). | : | On 16.12.2025 at 11.00 AM in the Office of the Panchayat Samiti, Junagarh |

Further details can be seen from the e-procurement portal https://tendersodisha.gov.in
Sd/- Block Development Officer
OIPR : 19180/11/0007/2526 Junagarh

B-765 E-Mail I.D.-eepwdcuttack@gmail.com Tel./ Fax No.(0671)-2304128
OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK
GOVERNMENT OF ODISHA "e" procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B) - 54 of 2025-26
The Superintending Engineer, Cuttack (R&B) Division No. I, Cuttack on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for building work (E.I.) as mentioned below.

| | | | |
|---|---|---|---|
| 1. | No. of the Work | : | 2 (Two) Nos. of E.I Works |
| 2. | Date & time of availability of bid document in the portal | : | From dt.01/12/2025 to 5PM of dt. 10/12/2025 |
| 3. | Last date / time of receipt of bids in the portal | : | 5PM of dt.10/12/2025 |
| 4. | Date & time of opening of bids | : | 11 A.M of dt. 11/12/2025 |
| 5. | Name and address of the Officer Inviting Bid | : | Superintending Engineer, Cuttack (R&B) Division No. I, Cuttack |

Further details can be seen from the e-procurement portal "https://tendersodisha.gov.in"
Superintending Engineer
OIPR : 34091/11/0107/2526 Cuttack (R&B) Division No.I

Government of Odisha : Office of the Chief Construction Engineer
Rural Works Circle, Angul E-Mail - sencrwangul@yahoo.co.in Ph. 06764 - 236404
O-1570 TENDER CALL NOTICE FOR BRIDGE WORKS IN ODISHA
Bid Identification No. Bridge Online AGL-24/2025-26
No. 4337 / Dt. 20.11.25

| | | | |
|---|---|---|---|
| 1 | Name of the Work | : | Bridge works |
| 2 | Total No. of Works | : | 06 No. |
| 3 | Estimated Cost | : | Rs. 112.46 Lakhs to Rs. 545.75 Lakhs (Approx.) |
| 4 | Class of Contractor | : | As per Annexure |
| 5 | Period of Completion | : | As per Annexure |
| 7 | Other details | : | |

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online-AGL-24/2025-26 | 29.11.25 at 10.00 A.M. | 15.12.25 up to 5.00 P.M. | 12.12.25 up to 1.00 P.M. | 16.12.25 at 10.00 A.M. | Will be Intimated Separately |

(1) For detailed Notice inviting Tenders, Please visit to the website www.tenderorissa.gov.in
Sd/- Chief Construction Engineer
OIPR : 25180/11/0087/2526 Rural Works Circle, Angul

GOVERNMENT OF ODISHA.
DEPARTMENT OF WATER RESOURCES
Office of the Engineer -In-Chief. Water Resources.
A-1007 Secha Sadan, Bhubaneswar
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-24/ 2025-26

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 01 (One) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : | CEM / MDC - 24/ 2025-26 |
| 5. | Estimated Cost | : | Rs. 98,81,928.00 |
| 6. | Period of Completion | : | 02 (Two) calendar months. |
| 7. | Date & time of availability of bid documents in the Portal | : | From dt 02.12.2025 (10:00 AM) to dt 12.12.2025 (5:30 PM) |
| 8. | Last date/ time for receipt of bid In the Portal | : | dt. 12.12.2025 (up to 5.30 PM) |
| 9. | Date and Place of opening of Technical Bid | : | dt. 15.12.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : | To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : | Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-orocurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd/- Chief Engineer, Mechanical
O/o- Engineer-In-Chief,
OIPR : 32520/11/0087/2526 Secha Sadan, Bhubaneswar

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

# ଶବ୍ଦର ଯାଦୁକର ଜାଭେଦ ଅଖତର ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ



ଭୁବନେଶ୍ୱର, (ସବ୍ୟୁ): ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଯଦିଓ ବୈଷୟିକ ଜ୍ଞାନ କୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନସ୍ଥାପନ କରିପାରିବ ନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି ତେବେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ୨-ଦିନିଆ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନ ଅବସରରେ କହିଛନ୍ତି।

ସମାରୋହରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତର ଯୋଗ ଦେଇଥିବା ବେଳେ ତାଙ୍କୁ ଏହି ଅବସରରେ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଖତରଙ୍କୁ ଏକ ମାନପତ୍ର, ଉତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟ ମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ତୃତୀୟ ସୋଆ ସାହିତ୍ୟ ଉତ୍ସବ ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହି ସାହିତ୍ୟ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷର୍ ଏହି ଉତ୍ସବରେ ସାରା ଦେଶରୁ ୧୦୦ ରୁ ଉର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇ ଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି। ବୈଷୟିକ ଉଦ୍‌ଭାବନ ମଣିଷର ସର୍ଜନଶୀଳତା ଓ ସାହିତ୍ୟ ଉପରେ କିଭଳି ପ୍ରଭାବ ପକାଉଛି ତାହା ହିଁ ଚଳିତ ବର୍ଷର ଏହି ସାହିତ୍ୟ ଉତ୍ସବର ପ୍ରସଙ୍ଗ ରହିଛି । ପ୍ରସଙ୍ଗଟି ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ୍ 'ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା'। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟପାଳ ଡକ୍ଟର କମ୍ଭମପତି ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରିବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇବା ସହ ଜଣେ କବି, ସଂଳାପ ଲେଖକ ଓ ଗୀତିକାର ଭାବେ ଦୀର୍ଘ ୫ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ତାଙ୍କର ଉଲ୍ଲେଖନୀୟ ଅବଦାନ ଭାରତର ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଛି ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। ସେ ଭାରତୀୟ ସାହିତ୍ୟ ଏବଂ ସିନେମାରେ ମଣିଷର ଆବେଗର ଭାଷାକୁ ବେଶ ସୁନ୍ଦର ଭାବେ ପ୍ରସ୍ଫୁଟିତ କରିଥିବା ରାଜ୍ୟପାଳ କହିଥିଲେ। ପ୍ରଥମ ବର୍ଷ ଅଖତରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଏହା ପୁରସ୍କାରର ମାନକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରୋଳଦାସ ମହାଭାରଥ' ର ଦୁଇଟି ସଭାପର୍ବ ଏବଂ ମଧ୍ୟପର୍ବ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କୁ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ଟିକୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ବେଳେ ସୋଆର ଫ୍ୟାକଲ୍ଟି ମେମ୍ବର୍ସ ଏବଂ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତର ଦେଇଥିଲେ। ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ଅର୍ଥାତ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତର ଦେଇ ଅଖତର କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ । ଏହାକୁ ଆମେ କିଭଳି ବ୍ୟବହାର କରୁଛୁ ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ। ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇ ପାରିବ ନାହିଁ ବୋଲି ଅଖତର କହିଛନ୍ତି। ବର୍ତ୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ'ଣ ଘଟିବ ତାହା ଆମେ ବର୍ତମାନ କହିପାରିବା ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

## ଦୁବାଇରେ ୫ଷ୍ଟାର ଫିଲ୍ମ ଆୱାର୍ଡସ

# ମହେଶ୍ୱେତା, ମୁନମୁନ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): ଦୁବାଇରେ ଆୟୋଜିତ ହୋଇଯାଇଛି ୫ଷ୍ଟାର ଚଳଚ୍ଚିତ୍ର ସମ୍ମାନ ଉତ୍ସବ । ମହାଶ୍ୱେତା ରାୟଙ୍କୁ ମିଳିଲା ଗୋଲ୍ଡେନ୍ ଏରା ଅଫ୍ ଇଣ୍ଡିଆନ୍ ସିନେମା ସମ୍ମାନ । ଆର୍ ଆର୍ ଇଭେଣ୍ଟସ୍ ଏବଂ ସିନେ ପ୍ରଡକ୍ସନ ଆସୋସିଏସନ୍ ପକ୍ଷରୁ ଦୁବାଇରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆୟୋଜିତ ହୋଇଛି ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ଦୁବାଇ-୨୦୨୫ । ଦୁବାଇରେ ବସବାସ କରୁଥିବା ତଥା କାର୍ଯ୍ୟରତ ଓଡ଼ିଆମାନଙ୍କ ସହ ବଙ୍ଗାଳୀ ସିନେପ୍ରେମୀମାନେ ଏହି ଚଳଚ୍ଚିତ୍ର ସମ୍ମାନ



ପୁରସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମୟରେ ନିଜ ମାଟିର କଳାକାରଙ୍କୁ ଦେଖି ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ବଙ୍ଗୀୟମାନେ ଖୁସି ଅନୁଭବ କରିଥିଲେ । ଅନୁରୂପ ଭାବେ କଳାକାରମାନେ ମଧ୍ୟ ବିଦେଶ ମାଟିରେ ନିଜ ନିଜ ରାଜ୍ୟର କଳା ଓ ସଂସ୍କୃତିକୁ ପ୍ରଦର୍ଶିତ କରି ସେତିକି ଖୁସି ହୋଇଥିଲେ । ଏହି ଆୱାର୍ଡ ଶୋ'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ବିଜେପି ନେତା ଗୋଲକ ମହାପାତ୍ର, ରମେଶ ବାରିକ, ଓଲିଉଡ୍ ଅଭିନେତ୍ରୀ ମହେଶ୍ୱତା ରାୟ, ଋତୁପର୍ଣ୍ଣା ସେନଗୁପ୍ତା ଓ ଅମୀୟ ମିଶ୍ର। ଓଡ଼ିଆ ସମାଜ ଏବଂ ବଙ୍ଗାଳୀ ସମାଜର କର୍ମକର୍ତାଙ୍କ ସହ ବହୁ ଅଭିନେତା, ଅଭିନେତ୍ରୀ, ସଂଗୀତ ନିର୍ଦ୍ଦେଶକ, ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଡ୍ୟୁସରମାନଙ୍କ ସହ ଅନେକ ଟେକ୍ନିସିଆନ ଯୋଗ ଦେଇଥିଲେ । ଏହି ଅବସରରେ ମୁନମୁନ୍ ସେନଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି । ଆୟୋଜିତ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ଦୁବାଇ-୨୦୨୫ରେ ଜିତ୍ ଙ୍କୁ ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତା ଏବଂ ଋତୁପର୍ଣ୍ଣା ସେନଗୁପ୍ତା ଙ୍କୁ ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତ୍ରୀ ସମ୍ମାନ ମିଳିଛି । ଜୟଦୀପ ମୁଖାର୍ଜୀଙ୍କୁ ବର୍ଷର ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ, ରାଣାଜୟ ଭଟାଚାର୍ଯ୍ୟ ବର୍ଷର ସର୍ବଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି । ଓଲିଉଡ୍ ସିନେ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ବେଙ୍ଗୋଲୀ ସିନେ କଳାକାରଙ୍କ ଧୂଆଁଧାର ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲା । ବିଦେଶ ମାଟିରେ ଏକ ଭବ୍ୟ ପରିବେଶ ମଧ୍ୟରେ ନିଜ ନିଜ ରାଜ୍ୟର କଳା ପରିବେଷଣ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧିବାର ଏକ ଭିନ୍ନ ପ୍ରୟାସ ବୋଲି କହିଛନ୍ତି ଆୟୋଜକ ସଂସ୍ଥା ।

## ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସିଲେଣ୍ଟ ଟେକ୍ନୋକ୍ରାଟ୍ସ

# ଘଙ୍ଗାପାଟନା ଭୁବନେଶ୍ୱର ଦ୍ୱାରା ଏଚ୍‌ଆର୍ କନକ୍ଲେଭ




ଭୁବନେଶ୍ୱର (ସବ୍ୟୁ): ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସିଲେଣ୍ଟ ଟେକ୍ନୋକ୍ରାଟ୍ସ ଦ୍ୱାରା ଏଚ୍‌ଆର କନକ୍ଲେଭ ୨୦୨୫ ଆୟୋଜିତ ହୋଇଛି। ମାନବ ସମ୍ବଳ ପରିଚାଳନାରେ ଉଦୀୟମାନ ଧାରା, ଶିଳ୍ପ ସମ୍ଭାବନା ଏବଂ ଭବିଷ୍ୟତର କର୍ମଶକ୍ତି ସୁଯୋଗ ଉପରେ ଏକ ଦୃଢ଼ ଆଲୋଚନା ପାଇଁ ବିଶିଷ୍ଟ ଏଚ୍‌ଆର ଲିଡର୍ସ, କର୍ପୋରେଟ୍ ବୃତ୍ତିଗତ, ଶିକ୍ଷାବିତ୍ ଏବଂ ଛାତ୍ରମାନଙ୍କୁ ଏକତ୍ର କରି ଏହି କନକ୍ଲେଭ ୨୦୨୫ ଆୟୋଜନ କରାଯାଇଛି। ଲକ୍ଷ୍ୟ ହେଉଛି ସେହି କମ୍ପାନୀଗୁଡ଼ିକରେ ନିଯୁକ୍ତି ପାଇଁ ଆଧୁନିକ ସଫ୍ଟୱେର୍ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା। ପୂର୍ବରୁ, ବିଭିନ୍ନ ସେମିନାର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯାଇଥିଲା, କିନ୍ତୁ ପ୍ରଥମଥର ପାଇଁ, ମାଇକ୍ରୋସୋଫ୍ଟ, ଆଇବିଏମ, ଟିସିଏସ, ଏଚସିଏଲ ଟେକ୍ନୋଲୋଜିଜ୍, ଏସିଆନ ଟେକ୍ନୋଲୋଜିଜ୍ ଭଳି ପ୍ରାୟ ୫୦ଟି ଆଇଟି ଓଜ୍ଞ କମ୍ପାନୀ ଏହି କନକ୍ଲେଭରେ ଯୋଗ ଦେଇଛନ୍ତି। ଏହି କମ୍ପାନୀ ଗୁଡ଼ିକରୁ ପ୍ରଯୁକ୍ତିବିଦ୍ୟା ବାଣ୍ଟି ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଏହି ଏଚଆର କନକ୍ଲେଭ ୨୦୨୫ ଆୟୋଜନ କରାଯାଇଛି। ଏହି କନକ୍ଲେଭକୁ ରାମ ନାରାୟଣ ସାବତ, (ଉପାଧ୍ୟକ୍ଷ, ଜିଆଇଟି ଘଙ୍ଗାପାଟନା), ସୁବ୍ରଜିତ୍ ପ୍ରଧାନ (ପ୍ରିନ୍ସିପାଲ୍ ଜିଆଇଟି ଘଙ୍ଗାପାଟନା), ଓ ଟ୍ରେନିଂ ଏବଂ ପ୍ଲେସମେଣ୍ଟ୍ ସେଲ୍ ଆୟୋଜନ କରିଥିଲେ ।

# ବିଶିଷ୍ଟ ରାଜନୀତିଜ୍ଞ ରତିକାନ୍ତ ପାଳଙ୍କ ବିୟୋଗ

କଟକ, (ସବ୍ୟୁ): ସରସ୍ୱତୀ କଳା ପରିଷଦ କନ୍ଦରପୁର କଟକ ସଦର ଉପଦେଷ୍ଟା ତଥା ବରିଷ୍ଠ ସମାଜସେବୀ, ଧର୍ମପ୍ରାଣ, ଦକ୍ଷ ସଙ୍ଗଠକ, ଆଧ୍ୟାତ୍ମିକବାଦୀ ବ୍ୟକ୍ତିତ୍ୱ, ଖ୍ୟାତି ସଂପନ୍ନ ରାଜନୀତିଜ୍ଞ ରତିକାନ୍ତ ପାଳ (୭୧)ଙ୍କ ହୃଦଘାତରେ ପରଲୋକ ଗମନ ଘଟିଛି । ସେ ଶାନ୍ତ, ସରଳ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ କନିଷ୍ଠ ଭ୍ରାତା ଶ୍ରୀକାନ୍ତ ପାଳ, ଜ୍ୟେଷ୍ଠ ପୁତ୍ର ବିଶ୍ୱନାଥ ପାଳ, ପୁତ୍ର ଶ୍ରୀମନ୍ତ ପାଳ, ପୁତୁରା ସତ୍ୟଜିତ୍ ପାଳ, ପୁତ୍ର ବଧୂ ଶ୍ରୋତସ୍ୱିନୀ ପାଳ, ପୁତ୍ର ବଧୂ ବବିତା ପାଳ, ପରିବାର ସଦସ୍ୟ, ଜ୍ଞାତି କୁଟୁମ୍ବ ସହ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଆଷାଢ଼ ସାହିତ୍ୟ ସଂସଦ ବିରିଡି, ସରସ୍ୱତୀ କଳା ପରିଷଦ ପକ୍ଷରୁ ସହ ସଂପାଦକ ଇଂ.ସେବକ ଶ୍ରୀକାନ୍ତ, ସ୍ୱର୍ଗତ ବସନ୍ତ ଜେନା ସ୍ମୃତି ସଂସଦ ଦାମୋଦରପୁର ଆବାହକ ତଥା ଦିବଂଗତ ପାଳଙ୍କ ସମୁଦୀ ଶିକ୍ଷାବିତ୍ ସାହିତ୍ୟିକ ବିଜୟ ରାମ ବେଉରା, ସ୍ୱର୍ଗତ କୈଳାସ ଚନ୍ଦ୍ର ବେଉରା ସ୍ମୃତି ସଂସଦ ୪୨ ମୌଜା ଆବାହକ ସୁରେଶ ଚନ୍ଦ୍ର ବେଉରା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ ସ୍ୱର୍ଗତ ରତିକାନ୍ତ ପାଳ ୨୨ ମୌଜା ବାରଡିଆ ନିବାସୀ ଅଟନ୍ତି ଏବଂ ନିଜ ଅଂଚଳ ବିରିଡି, ୨୨ ମୌଜା ଠାରେ ବହୁ ଉନ୍ନତି ମୂଳକ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ମିହିର ମେହେରଙ୍କୁ ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶିକ ମିହିର ମେହେରଙ୍କୁ ୨୦୨୪ ମସିହା ପାଇଁ ନାଟ୍ୟ ନିର୍ଦ୍ଦେଶିକ ଭାବେ ମର୍ଯ୍ୟାଦାଜନକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶି ସୂରଜଙ୍କ ହସ୍ତରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ନାଟ୍ୟ ଜଗତରେ ତାଙ୍କର ଦୀର୍ଘ ୬୦ବର୍ଷର ଅଭିଜ୍ଞତା ରହିଛି। ଓଡ଼ିଆ ନାଟ୍ୟ ଆନ୍ଦୋଳନର ସେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ। ୪୦ରୁ ଉର୍ଦ୍ଧ୍ୱ ନାଟକର ରଚୟିତା ତଥା ଶତାଧିକ ନାଟକର ନିର୍ଦ୍ଦେଶିକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଏହା ପୂର୍ବରୁ ୨୦୦୩ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମଧ୍ୟରୁ ବିଶିଷ୍ଟ ନାଟ୍ୟକାର ଭାବେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସଂପ୍ରତି ସେ ଓଡ଼ିଶା ନାଟ୍ୟ ସଂଘର ସଭାପତି ତଥା ଇଣ୍ଟରନ୍ୟାସନାଲ ଥିଏଟରର ନିର୍ଦ୍ଦେଶିକ ଭାବେ ନାଟକର ଉନ୍ନତିକଳ୍ପେ ସେ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି।

# ଡିସେମ୍ବର ୨୩ରୁ ଓଡ଼ିଆ ପାରମ୍ପରିକ ଖାଦ୍ୟ ମହୋତ୍ସବ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଖାଦ୍ୟର ସମୃଦ୍ଧ ଐତିହ୍ୟକୁ ଲକ୍ଷ୍ୟରେ ରଖି ଖାଦ୍ୟ ମହୋତ୍ସବ ୨୦୨୫ ବିଶାଳ ପ୍ରଦର୍ଶନୀ ଡିସେମ୍ବର ୨୩ ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ । ସ୍ଥାନୀୟ ଜନସାଧାରଣ ଓ ପରିଦର୍ଶକଙ୍କ ମଧ୍ୟରେ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରୋତ୍ସାହିତ ଏବଂ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ବିଶ୍ୱ ଓଡିଆ ପରିବାର ଦ୍ୱାରା ଏହା ଆୟୋଜିତ ହେଉଛି ।ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ କେବଳ ପ୍ରାମାଣିକ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହେବ । ଏଥିରେ ରୋଷେଇ ବିଶେଷଜ୍ଞ, ଘରୋଇ ରୋଷେୟା ଏବଂ ଖାଦ୍ୟ ଉତ୍ସାହୀମାନଙ୍କ ଦ୍ୱାରା ସର୍ବୋତ୍ତମ ସ୍ୱାଦ ପରିବେଷଣ ପାଇଁ ପ୍ଲାଟଫର୍ମ ପ୍ରଦାନ କରାଯିବ । ଉତ୍କର୍ଷତାକୁ ଉତ୍ସାହିତ କରିବା ପାଇଁ, କାର୍ଯ୍ୟକ୍ରମ ସମୟରେ ଶ୍ରେଷ୍ଠ ଅଂଶଗ୍ରହଣକାରୀମାନଙ୍କୁ ପୁରସ୍କୃତ କରାଯିବ । ପରିଦର୍ଶକମାନେ ପ୍ରତିଦିନ ସର୍ବୋତ୍ତମ ପାରମ୍ପରିକ ଖାଦ୍ୟର ସ୍ୱାଦ ନେବାର ସୁଯୋଗ ପାଇବେ ।ପ୍ରତିଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ, ପ୍ରଦର୍ଶନୀ ଏକ ସମ୍ପୂର୍ଣ୍ଣ ସାଂସ୍କୃତିକ ଏବଂ ସ୍ୱାଦଯୁକ୍ତ ଅଭିଜ୍ଞତା ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ବରିଷ୍ଠ ଯୁବ ନେତା ଜଗନ୍ନାଥ ପ୍ରଧାନଙ୍କ ଦ୍ୱାରା ସମନ୍ୱୟ ରକ୍ଷା କରି ସାମଗ୍ରିକ ପରିଚାଳନା ଏବଂ ଯୋଜନା ତଦାରଖ କରାଯିବ । ଏ ନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ, ନେତୃତ୍ୱ ଦଳକୁ ସମର୍ଥନ କରିବା ଏବଂ ପ୍ରଦର୍ଶନୀର ସଫଳ ଆୟୋଜନ ସୁନିଶ୍ଚିତ କରିବା ପାଇଁ ଏକ କୋର୍ କମିଟି ଗଠନ କରାଯାଇଥିଲା । ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ବିଶ୍ୱ ଓଡିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଆନୁଷ୍ଠାନିକ ଭାବରେ ପ୍ରକାଶ କରିଛନ୍ତି ।

# ବିପିଏନ୍‌ଏସ୍‌ଆଇର ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ୨୮ ତାରିଖରେ ରାଜଗାଙ୍ଗପୁର ଓଡ଼ିଶାର ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍‌ରେ (ବିପିଏନ୍‌ଏସ୍‌ଆଇର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ, ଏକ ଅଂଶ ଭାବରେ) ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା (ବିପିଏନ୍‌ଏସ୍‌ଆଇର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମର ଏକ ଅଂଶ ଭାବରେ) ଆୟୋଜନ କରିଛି। ଅଙ୍କୁର ମଦନ, ପ୍ଲାଣ୍ଟ ମୁଖ୍ୟ ୟୁନିଟ୍ -୨, ବିନୀତ ଗାଗୋଡିଆ, ପ୍ଲାଣ୍ଟ ମୁଖ୍ୟ, ହରିଓମ ମିଶ୍ର, ସ୍କାନ ଷ୍ଟିଲ୍ସ ଲିମିଟେଡ୍, ରାଜଗାଙ୍ଗପୁର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଶୁଭାରମ୍ଭ କରିଥିଲେ। ଈଚଘଝଓ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ଦେଇଥିଲେ। ରାଜଗାଙ୍ଗପୁରର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ କାର୍ଯ୍ୟକ୍ରମ ସୂଚୀ ଉପସ୍ଥାପନ କରିଥିଲେ। ଜ୍ଞାନରଞ୍ଜନ ପୋଥାଲ ଉତ୍ପାଦନ ପ୍ରକ୍ରିୟା, ବୃଦ୍ଧି ଗଠନ ଏବଂ ନିୟନ୍ତ୍ରଣ, ଇଣ୍ଡକ୍ସନ୍ ଫର୍ଣ୍ଣେସ୍ ଏବଂ ରୋଲିଂର ସଂକ୍ଷିପ୍ତ ବିବରଣୀ" ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଉପସ୍ଥାପନ କରିଥିଲେ। ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ ସ୍କାନ ଷ୍ଟିଲ୍ସ ଲିମିଟେଡ୍‌ର ସମସ୍ତ ଉତ୍ସାହୀ ଅଂଶଗ୍ରହଣକାରୀଙ୍କ ସହିତ ବ୍ୟାପକ ଆଦାନପ୍ରଦାନ ଅଧିବେଶନ ସହିତ ସଫଳତାର ସହ ଶେଷ ହୋଇଛି। ସ୍କାନ ଷ୍ଟିଲ୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରବୀଣ କୁମାର ପାତ୍ରୋ ସମଗ୍ର ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ମାର୍ଗଦର୍ଶନ କରିଛନ୍ତି।

## ଆଇଇଏସଏ ପକ୍ଷରୁ ସିଂଟର ଡ୍ରେୟାର ଆର୍ଥପର୍ମାନେଂଟ ମ୍ୟାଗ୍ନେଟ୍ସ ପାଇଁ

# କ୍ୟାବିନେଟର ଟ.୭,୨୮୦ କୋଟି ଯୋଜନାକୁ ସ୍ୱାଗତ

ଭୁବନେଶ୍ୱର, (ସବ୍ୟୁ): ସିଂଟର ଡ୍ରେୟାର ଆର୍ଥପର୍ମାନେଂଟ ମ୍ୟାଗ୍ନେଟ୍ସ (ଆରଇପିଏମ) ପାଇଁ କ୍ୟାବିନେଟର ଐତିହାସିକ ଟ.୭,୨୮୦ କୋଟି ଯୋଜନାକୁ ଆଇଇଏସଏ ସ୍ୱାଗତ କରୁଛି। ଏହି ପ୍ରକାରର ପ୍ରଥମ ପଦକ୍ଷେପ ଭାରତର ଉଚ୍ଚ-ପ୍ରଯୁକ୍ତି ମୂଲ୍ୟ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରେ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଉଲ୍ଲେଖନୀୟ ଭାବରେ ମଜବୁତ କରିବ। ଇଭି, ନବୀକରଣୀୟ, ମହାକାଶ, ପ୍ରତିରକ୍ଷା, ସଠିକ୍ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଉପକରଣ ପାଇଁ ଆରଇପିଏମର ସୁରକ୍ଷିତ ପ୍ରବେଶ ଅତ୍ୟାବଶ୍ୟକ। ଏହି ଘୋଷଣା ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତା ମଧ୍ୟ ପଠାଏ: ଭାରତ ନିଜର ସମାଧାନ ନିର୍ମାଣ କରିପାରିବ ଏବଂ ଅନ୍ୟ ରାଷ୍ଟ୍ର ଦ୍ୱାରା ଯୋଗାଣ-ଶୃଙ୍ଖଳ ଚାପ ହେତୁ ଆଉ ଦୁର୍ବଳ ରହିବ ନାହିଁ। ବାହ୍ୟ ବାଧା ଯୋଗୁଁ ଆମର ଉତ୍ପାଦନ ଲାଇନ୍ ବନ୍ଦ ହେବ ନାହିଁ। ଭାରତର ପ୍ରଥମ ସମନ୍ୱିତ ଆରଇପିଏମ ଉତ୍ପାଦନକୁ ସକ୍ଷମ କରି - ଅକ୍ସାଇଡ୍ ରୁ ସମାପ୍ତ ମ୍ୟାଗନେଟ ପର୍ଯ୍ୟନ୍ତ - ଏହି ଯୋଜନା ଆତ୍ମନିର୍ଭରଶୀଳତା ବୃଦ୍ଧି କରେ, ବିଶ୍ୱ ନିବେଶକୁ ଆକର୍ଷିତ କରେ ଏବଂ ବିଶ୍ୱ ମ୍ୟାଗନେଟ ଯୋଗାଣ ଶୃଙ୍ଖଳରେ ଭାରତକୁ ଏକ ବିଶ୍ୱସ୍ତ ବିକଳ୍ପ ଭାବରେ ସ୍ଥାନିତ କରେ। ଆଇଇଏସଏ ବିକଶିତ ଭାରତ ୨୦୪୭ ଏବଂ ଭାରତର ସ୍ୱଚ୍ଛ-ଶକ୍ତି ଏବଂ ସେମିକଣ୍ଡକ୍ଟର ମହତ୍ୱାକାଂକ୍ଷା ପାଇଁ ଏକ ପ୍ରମୁଖ ପ୍ରେରକ ଭାବରେ ଏହି ସାହସିକ ପଦକ୍ଷେପକୁ ଅଶୋକ ଚାନ୍ଦକ, ସଭାପତି, ଆଇଇଏସଏ ପ୍ରଶଂସା କରିଛନ୍ତି।

# ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର ଏକ୍ସେଲେନ୍ସ ପୁରସ୍କାର



ଭୁବନେଶ୍ୱର (ସବ୍ୟୁ): ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍‌କୁ) କୁ ଓଡ଼ିଶା ସିଏସ୍‌ଆର ଫୋରମ୍ ଦ୍ୱାରା ଓଡ଼ିଶାସିଏସ୍‌ଆର ଏକ୍ସେଲେନ୍ସ ପୁରସ୍କାର - ୨୦୨୫ ରେ ସମ୍ମାନିତ କରାଯାଇଛି । ଏହାର ଅତ୍ୟନ୍ତ ପ୍ରଭାବଶାଳୀ ଫ୍ଲାଗସିପ୍‌କାର୍ଯ୍ୟକ୍ରମ ଅଧିକାର ସରକାରୀ ଯୋଜନା ସମୂହକୁ ପ୍ରବେଶ ପଥ କୁ ସ୍ୱୀକୃତି ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।ନୟାଗଡ଼ ଏବଂ ଢେଙ୍କାନାଳରେ କାର୍ଯ୍ୟକାରୀ ହୋଇଥିବା "ଅଧିକାର' କାର୍ଯ୍ୟକ୍ରମ ହଜାର ହଜାର ସାଧାରଣ ଲୋକଙ୍କୁବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରିଛି, ଯାହା ଫଳରେ ତୃଣମୂଳ ସ୍ତରରେ ସାମାଜିକ ନିରାପତ୍ତା ଏବଂ ସାମାଜିକ ସଶକ୍ତିକରଣ ସମ୍ଭବ ହୋଇପାରିଛି ।ଏହି ସ୍ୱୀକୃତି ସେବାଯୋଗାଣ ଅଞ୍ଚଳରେ ଗୋଷ୍ଠୀର ବିକାଶ, ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ଏବଂ ପରବର୍ତ୍ତନର କ୍ଷମତା ରଖୁଥିବା ବିଭିନ୍ନ ସିଏସ୍‌ଆର ହସ୍ତକ୍ଷେପ ପାଇଁ ଟିପିସିଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ୬୦ତମ ଡିଜିପି/ଆଇଜିପି ସମ୍ମିଳନୀ

# ଦେଶ ନକ୍ସଲବାଦମୁକ୍ତ ହେବା ସମୟ ଆସନ୍ନ: ଶାହ




**ରାୟପୁର:**କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଛତିଶଗଡ଼ର ରାୟପୁରରେ ତିନି ଦିନିଆ ୬୦ତମ ଡିଜିପି/ଆଇଜିପି ସମ୍ମିଳନୀକୁ ଉଦଘାଟନ କରିଛନ୍ତି ।ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଡିଜିପି/ଆଇଜିପି ସମ୍ମିଳନୀ ନୀତି ଗଠନ ଠାରୁ ଆରମ୍ଭ କରି ନୀତି ସମାଧାନ ପର୍ଯ୍ୟନ୍ତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସହିତ ଜଡିତ ସମସ୍ୟା, ଚ୍ୟାଲେଞ୍ଜ ଏବଂ ରଣନୀତି ସମାଧାନ ପାଇଁ ଏକ ମଞ୍ଚ ଭାବରେ ଉଭା ହୋଇଛି ।

ନକ୍ସଲବାଦର ସମ୍ପୂର୍ଣ୍ଣ ନିରାକରଣ ପାଇଁ ମୋଦୀ ସରକାରଙ୍କ କାର୍ଯ୍ୟ ବିନ୍ଦୁଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ଗୃହମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାର ଗତ ୭ ବର୍ଷ ମଧ୍ୟରେ ୫୮୬ଟି ସୁଦୃଢ଼ ପୋଲିସ ଷ୍ଟେସନ ନିର୍ମାଣ କରି ସୁରକ୍ଷା ବଳୟକୁ ସୁଦୃଢ଼ କରିଛନ୍ତି ଏବଂ ଫଳସ୍ୱରୂପ, ୨୦୧୪ ରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨୬ ରୁ ହ୍ରାସ ପାଇ ଆଜି ମାତ୍ର ୧୧ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି ଯେ ଆଗାମୀ ଡିଜିପି/ଆଇଜିପି ସମ୍ମିଳନୀ ପୂର୍ବରୁ ଦେଶ ନକ୍ସଲବାଦ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତ ହେବ । ଦେଶ ଗତ ୪୦ ବର୍ଷ ଧରି ନକ୍ସଲବାଦ ସମସ୍ୟାର ସମ୍ମୁଖୀନ ହେଉଛି । ମୋଦୀ ସରକାର ନକ୍ସଲବାଦ, ଉତ୍ତର-ପୂର୍ବ ଏବଂ ଜମ୍ମୁ-କାଶ୍ମୀର ସମସ୍ୟାର ସ୍ଥାୟୀ ସମାଧାନ ପ୍ରଦାନ କରିଛନ୍ତି, ଯାହା ଦେଶ ପାଇଁ ଏକ ସମସ୍ୟା ପାଲଟିଥିଲା ଏବଂ ଖୁବ୍ ଶୀଘ୍ର ସେମାନେ ଦେଶର ଅନ୍ୟାନ୍ୟ ଅଞ୍ଚଳ ପରି ହୋଇଯିବେ । ମୋଦୀ ସରକାରଙ୍କ ସଫଳତା ଉପରେ ଆଲୋକପାତ କରି ଗୃହମନ୍ତ୍ରୀ କହିଛନ୍ତି ଯେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଏବଂ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ୟୁଏପିଏ) ଆଇନକୁ ସୁଦୃଢ଼ କରାଯାଇଛ । ନିଶାଦ୍ରବ୍ୟ ଏବଂ ପଳାତକଙ୍କ ପାଇଁ ଦୃଢ଼ ଆଇନ ସହିତ ତିନୋଟି ନୂତନ ଅପରାଧିକ ଆଇନ ପ୍ରଣୟନ କରାଯାଇଛି । ସେ କହିଛନ୍ତି ଯେ ତିନୋଟି ନୂତନ ଅପରାଧିକ ଆଇନ ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ ଭାରତର ପୋଲିସ ବ୍ୟବସ୍ଥା ବିଶ୍ୱର ସବୁଠାରୁ ଆଧୁନିକ ହୋଇଯିବ ।

## ଶ୍ରୀକୃଷ୍ଣ ମଠରେ ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମ

# ରାଷ୍ଟ୍ରର ନୀତିକୁ ଆକାର ଦେଇଥାଏ ଗୀତା: ମୋଦୀ

**ଉଡୁପୀ:**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକର ଉଡୁପୀସ୍ଥିତ ଶ୍ରୀକୃଷ୍ଣ ମଠରେ ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ଦର୍ଶନରୁ ମିଳିଥିବା ସନ୍ତୋଷ, ଶ୍ରୀମଦ୍ ଭଗବଦ୍ ଗୀତାର ମନ୍ତ୍ରୋଚାରଣରୁ ମିଳିଥିବା ଆଧାତ୍ମିକ ଅନୁଭୂତି ଏବଂ ଏତେ ସଂଖ୍ୟକ ପୂଜ୍ୟ ସନ୍ଥ ଓ ଗୁରୁମାନଙ୍କର ଉପସ୍ଥିତି ତାଙ୍କ ପାଇଁ ପରମ ସୌଭାଗ୍ୟ । ତାଙ୍କ ପାଇଁ ଏହା ଅଗଣିତ ଆଶୀର୍ବାଦ ପାଇବା ସହିତ ସମାନ ବୋଲି ସେ ଆଲୋକପାତ କରି କହିଥିଲେ ।

ତିନି ଦିନ ପୂର୍ବେ ଶ୍ରୀ ମୋଦୀ ଗୀତା ଭୂମି କୁରୁକ୍ଷେତ୍ରରେ ଥିବା କଥା ମନେ ପକାଇ କହିଥିଲେ, ଆଜି ଭଗବାନ ଶ୍ରୀକୃଷ୍ଣଙ୍କ କୃପା ଏବଂ ଜଗଦଗୁରୁ ଶ୍ରୀ ମାଧବାଚାର୍ଯ୍ୟ ଜୀଙ୍କ ସାନ୍ନିଧ୍ୟପ୍ରାପ୍ତ ଏହି ଭୂମିକୁ ଆସିବା ତାଙ୍କ ପାଇଁ ପରମ ସନ୍ତୋଷର ଅବସର । ଏହି ଅବସରରେ, ଏକ ଲକ୍ଷ ଲୋକ ଏକତ୍ର ଭଗବଦ୍ ଗୀତାର ଶ୍ଳୋକ ପାଠ କରିବା ସମୟରେ ବିଶ୍ୱବାସୀ ଭାରତର ହଜାର ହଜାର ବର୍ଷ ପୁରୁଣା ଆଧାତ୍ମିକ ଐତିହ୍ୟର ଜୀବନ୍ତ ଦିବ୍ୟତାକୁ ଦେଖିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।



ପ୍ରଧାନମନ୍ତ୍ରୀ କହିଥିଲେ, କର୍ଣ୍ଣାଟକର ମାଟିକୁ ଆସିବା ଏବଂ ଏଠାକାର ସ୍ନେହୀ ଲୋକମାନଙ୍କୁ ଭେଟିବା ତାଙ୍କୁ ସବୁବେଳେ ଅଭିନବ ଅନୁଭୂତି ପ୍ରଦାନ କରିଥାଏ । ଉଡୁପୀର ପବିତ୍ର ଭୂମିକୁ ଆସିବା ସବୁବେଳେ ଅସାଧାରଣ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଯଦିଓ ସେ ଗୁଜୁରାଟରେ ଜନ୍ମ ନେଇଛନ୍ତି, ସବୁବେଳେ ଗୁଜରାଟ ଏବଂ ଉଡୁପୀ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ସେ ଅନୁଭବ କରିଛନ୍ତି । ସେ କହିଥିଲେ, ମାତା ରୁକ୍ମିଣୀ ଏକଦା ଦ୍ୱାରିକାରେ ପୂଜା କରୁଥିବା ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପରବର୍ତ୍ତୀ କାଳରେ ଜଗଦଗୁରୁ ଶ୍ରୀ ମାଧବାଚାର୍ଯ୍ୟଙ୍କ ଦ୍ୱାରା ଉଡୁପୀ ଅଣାଯାଇଥିଲା ଏବଂ ଏଠାରେ ପ୍ରତିଷ୍ଠା କରି ପୂଜା କରାଯାଇଥିଲା ବୋଲି ବିଶ୍ୱାସ କରାଯାଏ । ଗତବର୍ଷ ସମୁଦ୍ର ଗର୍ଭରେ ଥିବା ଶ୍ରୀ ଦ୍ୱାରକା ଜୀଙ୍କ ଦିବ୍ୟ ଦର୍ଶନ କରିବାର ଦିବ୍ୟ ଅନୁଭବ ତାଙ୍କୁ ପ୍ରାପ୍ତ ହୋଇଥିଲା ବୋଲି ସେ ଉଲ୍ଲେଖ କରିଥିଲେ । ଆଉ ଗୋଟିଏ କାରଣ ପାଇଁ ଉଡୁପୀ ଆସିବା ତାଙ୍କ ପାଇଁ ସ୍ୱତନ୍ତ୍ର ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ଜନସଂଘ ଏବଂ ଭାରତୀୟ ଜନତା ପାର୍ଟି ପ୍ରଶାସନିକ ମଡେଲର କର୍ମଭୂମି ରୂପରେ ଉଡୁପୀର ପରିଚୟ ରହିଛି । ୧୯୬୮ରେ ଉଡୁପୀର ଲୋକମାନେ ଜନସଂଘର ଭି.ଏସ. ଆଚାର୍ଯ୍ୟଙ୍କୁ ପୌରପରିଷଦକୁ ନିର୍ବାଚିତ କରିଥିଲେ ଏବଂ ଏହା ସହିତ ଉଡୁପୀ ଏକ ନୂତନ ପ୍ରଶାସନିକ ମଡେଲ ପ୍ରତିଷ୍ଠା କରିଥିଲା । ଆଜି ଜାତୀୟ ସ୍ତରରେ ଯେଉସ୍ୱଚ୍ଛତା ଅଭିଯାନ ଦେଖିବାକୁ ମିଳୁଛି ଉଡୁପୀ ତାହାକୁ ପାଞ୍ଚ ଦଶନ୍ଧି ପୂର୍ବେ ଗ୍ରହଣ କରିଥିଲା । ଜଳ ଯୋଗାଣର ନୂତନ ମଡେଲ ହେଉ କିମ୍ବା ଡ୍ରେନେଜ୍ ବ୍ୟବସ୍ଥା ୧୯୭୦ ମସିହାରେ ଉଡୁପୀ ଏସବୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ଆଜି ଏସବୁ ଅଭିଯାନ ରାଷ୍ଟ୍ରୀୟ ବିକାଶ ଏବଂ ଜାତୀୟ ପ୍ରାଥମିକତାର ଅଂଶବିଶେଷ ପାଲଟିଛି ଓ ଦେଶକୁ ଆଗେଇ ନେଉଛି ।

ଶ୍ରୀରାମଚରିତମାନସର ବାଣୀକୁ ଉଦ୍ଧୃତ କରି ଶ୍ରୀ ମୋଦୀ କହିଥିଲେ, କଳିଯୁଗରେ କେବଳ ଭଗବାନଙ୍କ ନାମ ଜପ ଦ୍ୱାରା ମଣିଷ ଭବ ସାଗରରୁ ପାରି ହୋଇପାରିବ । ଶହ ଶହ ବର୍ଷ ଧରି ସମାଜରେ ମନ୍ତ୍ରୋଚ୍ଚାରଣ ଏବଂ ଶ୍ରୀମଦ୍ ଭଗବଦ୍ ଗୀତାର ଶ୍ଳୋକ ପାଠ ହୋଇ ଆସୁଛି, କିନ୍ତୁ ଯେତେବେଳେ ଏକ ଲକ୍ଷ ସ୍ୱର ସମବେତ ଭାବେ ଶ୍ଳୋକ ଆବୃତ୍ତି କରିଥା'ନ୍ତି ଏହା ଏକ ଅଭିନବ ଅନୁଭୂତି ପ୍ରଦାନ କରିଥାଏ ।

## ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

# 'ସ୍କିନ୍ ଅଫ୍ ୟୁଥ୍'କୁ ଗୋଲ୍ଡେନ୍ ପିକକ୍ ପୁରସ୍କାର

**ପାଣାଜୀ :**ଭିଏତନାମ ଚଳଚ୍ଚିତ୍ର 'ସ୍କିନ୍ ଅଫ୍ ୟୁଥ୍' ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ଚଳିତ ବର୍ଷ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ଗୋଲ୍ଡେନ୍ ପିକକ୍ ପୁରସ୍କାର ହାସଲ କରିଛି । ଶୁକ୍ରବାର ସନ୍ଧ୍ୟାରେ ଗୋଆର ଶ୍ୟାମାପ୍ରସାଦ ମୁଖାର୍ଜୀ ଇଣ୍ଡୋର୍ ଷ୍ଟାଡିୟମରେ ଚିତ୍ତାକର୍ଷକ ଉଦଯାପନୀ ସମାରୋହରେ ଏହି ଚଳଚ୍ଚିତ୍ରର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ପୁରସ୍କାର ବିତରଣ କରାଯାଇଛି । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଡକ୍ଟର ଏଲ ମୁରୁଗନଙ୍କ ଉପସ୍ଥିତିରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦୀ ସାୱନ୍ତ ଏହି ପୁରସ୍କାର ପ୍ରଦାନ କରିଥିଲେ । ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଶ୍ଲେ ମେଫେୟାର ଏବଂ ପ୍ରଯୋଜକମାନେ ଗୋଲ୍ଡେନ୍ ପିକକ୍ (ସ୍ୱର୍ଣ୍ଣ ମୟୂର) ଟ୍ରଫି ସହିତ ଗୋଟିଏ ପ୍ରମାଣପତ୍ର ଏବଂ ୪୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଗ୍ରହଣ କରିଥିଲେ ।




୧୯୯୦ ଦଶକର ସାଇଗନ୍ ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାରର ସ୍ୱପ୍ନ ଦେଖୁଥିବା ଜଣେ କିନ୍ନର ଯୌନ କର୍ମୀ ସାନ୍ ଏବଂ ନିଜ ପୁଅକୁ ସମର୍ଥନ କରିବା ପାଇଁ ଲଢୁଥିବା ଜଣେ ଅଣ୍ଡରଗ୍ରାଉଣ୍ଡ କେଜ୍ ଫାଇଟର୍ ନାମ୍ଙ୍କ ମଧ୍ୟରେ ନିବିଡ଼ ପ୍ରେମ ସମ୍ପର୍କ ଉପରେ ଆଧାରିତ । ସାନ୍ ଜଣେ ମହିଳା ଭାବରେ ବଞ୍ଚିବାକୁ ସ୍ଥିର କରିଛନ୍ତି, ଯେତେବେଳେ ନାମ୍ ତାଙ୍କ ଅସ୍ତ୍ରୋପଚାର ପାଇଁ ଟଙ୍କା ରୋଜଗାର କରିବା ପାଇଁ ନିଷ୍ଠୁର ଲଢ଼େଇ କରନ୍ତି । ହିଂସାତ୍ମକ ଅଣ୍ଡରଗ୍ରାଉଣ୍ଡ୍ ଦୁନିଆ, ସାମାଜିକ ଅପବାଦ ଏବଂ ନକାରାତ୍ମକ ଶକ୍ତିର ସମ୍ମୁଖୀନ ହେବା ସମୟରେ ସେମାନଙ୍କ ପ୍ରେମ କଠୋର ଆହ୍ୱାନର ସାମ୍ନା କରିଥାଏ ଯାହା ସେମାନଙ୍କ ସମ୍ପର୍କକୁ ମୂଲ୍ୟ ଦେବ । ଚଳଚ୍ଚିତ୍ର ଉପରେ ମତବ୍ୟକ୍ତ କରି ବିଚାରକ ମଣ୍ଡଳୀ କୁହନ୍ତି, କାହାଣୀ ଆରମ୍ଭରୁ ଚମତ୍କାର ଓ ପ୍ରେରଣାଦାୟୀ ସିନେମାଟୋଗ୍ରାଫୀ, ସାହସିକ ପ୍ରଡକ୍ସନ ଡିଜାଇନ୍ ଏବଂ ପ୍ରଭାବଶାଳୀ ଅଭିନୟ ଏହି ଚଳଚ୍ଚିତ୍ରକୁ ଅତ୍ୟନ୍ତ ରୁଚିକର କରିପାରିଛି । ଭାବପ୍ରବଣତା ପୂର୍ଣ୍ଣ ସଙ୍ଗୀତ, କୁଶଳୀ ସମ୍ପାଦନା ଏବଂ ନିଖୁଣ ପ୍ରସ୍ତୁତି ଏହି ଚଳଚ୍ଚିତ୍ରର ବିଶେଷତ୍ୱ । ପୂର୍ବରୁ ଏଭଳି ଚଳଚ୍ଚିତ୍ର ଖୁବ୍ କମ୍ ଦେଖିବାକୁ ମିଳିଛି । ଏଥିରେ ଦୁନିଆରେ ଥିବା ପ୍ରେମ ଓ ତ୍ୟାଗର ନଜିର ଦେଖିବାକୁ ମିଳିଛି । ଚଳିତ ବର୍ଷ, ବିଶ୍ୱ ସିନେମାର ଏକ ଜୀବନ୍ତ ଦୃଶ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୫ଟି କାଳ୍ପନିକ ଫିଚର ଫିଲ୍ମ ସମ୍ମାନଜନକ ଗୋଲ୍ଡେନ ପିକକ୍ ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ଥିଲେ ।

## ଜାତିସଂଘର ଜନବହୁଳ ସହର ତାଲିକା

# ତଳକୁ ଖସିଲେ ଦିଲ୍ଲୀ,କୋଲକାତା

**ନୂଆଦିଲ୍ଲୀ:** ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ସର୍ବଶେଷ ବିଶ୍ୱ ସହରୀକରଣ ସମ୍ଭାବନା ରିପୋର୍ଟ ଅନୁଯାୟୀ, ଭାରତର ଦୁଇଟି ବୃହତ୍ତମ ସହର ଦିଲ୍ଲୀ ଓ କୋଲକାତା ୨୦୨୫ ପାଇଁ ମିଳିତ ଜାତିସଂଘର ବିଶ୍ୱର ସର୍ବାଧିକ ଜନବହୁଳ ମେଗାସିଟି ମାନ୍ୟତାରେ ତଳକୁ ଖସିଛନ୍ତି । ଜାତିସଂଘର ନୂତନ ତାଲିକା ଅନୁଯାୟୀ, ଜାକର୍ତ୍ତା ହେଉଛି ବିଶ୍ୱର ସବୁଠାରୁ ଜନବହୁଳ ମେଗାସିଟି, ଯାହା ଟୋକିଓକୁ ପଛରେ ପକାଇଛିଛ ଟୋକିଓ ତୃତୀୟ ସ୍ଥାନରେ ରହିଛି ।

୨୦୦୦ ମସିହାରେ ୧୮ ନିୟୁତ ଜନସଂଖ୍ୟା ସହିତ ଦିଲ୍ଲୀ ଷଷ୍ଠ ସ୍ଥାନରେ ଥିଲା । ୨୦୨୫ରେ ଦିଲ୍ଲୀ ଜନସଂଖ୍ୟା ୩୦.୨ ନିୟୁତକୁ ବୃଦ୍ଧି ପାଇଛି । ଆକଳନ ଅନୁଯାୟୀ, ଦିଲ୍ଲୀ ୨୦୨୨ରେ ଦ୍ୱିତୀୟ ସ୍ଥାନରେ ରହିଥିଲା । କିନ୍ତୁ ବର୍ତ୍ତମାନ ଜାକର୍ତ୍ତା, ଢାକା ଓ ଟୋକିଓ ତଳେ ବିଶ୍ୱରେ ଚତୁର୍ଥ ସ୍ଥାନରେ ଦିଲ୍ଲୀ ରହିଛି ବୋଲି ଜାତିସଂଘର ତଥ୍ୟ ଦର୍ଶାଉଛି । ୨୫ ବର୍ଷ ମଧ୍ୟରେ ଦିଲ୍ଲୀରେ ୧୨ ନିୟୁତରୁ ଅଧିକ ଲୋକ ବଢ଼ିଛନ୍ତି । କୋଲକାତା ୨୦୦୦ ମସିହାରେ, ୧୮.୪ ନିୟୁତ ବାସିନ୍ଦା ସହିତ ବିଶ୍ୱର ପଞ୍ଚମ ସର୍ବାଧିକ ଜନବହୁଳ ସହର ଥିଲା । ୨୦୨୫ ସୁଦ୍ଧା ଏହାର ଜନସଂଖ୍ୟା ୨୨.୬ ନିୟୁତକୁ ବୃଦ୍ଧି ପାଇଛି, ତଥାପି ଏହା ନବମ ସ୍ଥାନକୁ ଖସି ଆସିଛି । ଜାତିସଂଘ କହିଛି ଯେ, ବିଶ୍ୱର ଶ୍ରେଷ୍ଠ ୨୦ଟି ମେଗାସିଟି (୧୦ ନିୟୁତ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରାଞ୍ଚଳ) ମଧ୍ୟରେ ଭାରତର ପାଞ୍ଚଟି ସହର ରହିଛି, ଯାହା ଅନ୍ୟ କୌଣସି ଦେଶ ଅପେକ୍ଷା ଅଧିକ । ଦିଲ୍ଲୀ ଓ କୋଲକାତା ବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଓ ଚେନ୍ନାଇ ମଧ୍ୟ ବିଶ୍ୱର ୩୩ଟି ମେଗାସିଟି ତାଲିକାରେ ସ୍ଥାନ ପାଇଛନ୍ତି । ଜାତିସଂଘ ଆକଳନ କରିଛି ଯେ ୨୦୫୦ ସୁଦ୍ଧା ଦିଲ୍ଲୀର ଜନସଂଖ୍ୟା ୩୩.୯ ନିୟୁତରେ ପହଞ୍ଚିବ ଏବଂ ଏହା ଚତୁର୍ଥ ସ୍ଥାନରେ ରହିଥିବାବେଳେ କୋଲକାତା ମାତ୍ର ୨୩.୮ ନିୟୁତକୁ ବୃଦ୍ଧି ପାଇ ବିଶ୍ୱରେ ଦଶମ ସ୍ଥାନକୁ ଖସିଯିବ ବୋଲି ଆଶା କରାଯାଉଛି ।





## ୟୁପିଏସସିର ଶତାବ୍ଦୀ ସମ୍ମିଳନୀ ଉଦ୍‌ଯାପିତ

**ନୂଆଦିଲ୍ଲୀ:**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ନୂଆଦିଲ୍ଲୀରେ ୟୁପିଏସସିର ଶତାବ୍ଦୀ ସମ୍ମିଳନୀ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ସେ କହିଥିଲେ ଯେ ବିଗତ ୧୦୦ ବର୍ଷ ଧରି, ୟୁପିଏସସ ଦେଶର ସବୁଠାରୁ ସମ୍ମାନଜନକ ସାମ୍ବିଧାନିକ ସଂସ୍ଥା ମଧ୍ୟରୁ ଗୋଟିଏ ଭାବରେ ମର୍ଯ୍ୟାଦା ଏବଂ ବିଶ୍ୱସନୀୟତା ବଜାୟ ରଖି ଯୋଗ୍ୟତା, ନିରପେକ୍ଷତା, ଉତ୍କର୍ଷତା ଏବଂ ଅଖଣ୍ଡତାକୁ ବଜାୟ ରଖିଛି ।ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ ଯେ ଏହି ଅବସର ସମ୍ବିଧାନର ପ୍ରତିଷ୍ଠାତା ପିତା ଏବଂ କମିଶନକୁ ଏହାର ଗଠନମୂଳକ ବର୍ଷଗୁଡ଼ିକରେ ମାର୍ଗଦର୍ଶନ କରିଥିବା ଦୂରଦୃଷ୍ଟିପ୍ରାପ୍ତ ବ୍ୟକ୍ତିଙ୍କ ବିଚକ୍ଷଣତା ପ୍ରତି ଶ୍ରଦ୍ଧାଞ୍ଜଳି । ସେ ପରବର୍ତ୍ତୀ ଅଧ୍ୟକ୍ଷ, ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ ଯେଉଁମାନେ ଚ୍ୟାଲେଞ୍ଜ ସତ୍ତ୍ୱେ ନିରପେକ୍ଷତା ଏବଂ ଯୋଗ୍ୟତାକୁ ପାଳନ କରିବା ସୁନିଶ୍ଚିତ କରିଥିଲେ । ଭାରତର ବିବିଧତାରୁ ଆଗତ ସରକାରୀ କର୍ମଚାରୀଙ୍କ ପିଢ଼ି, ସାଧାରଣ କର୍ତ୍ତବ୍ୟ, ନିରପେକ୍ଷତା ଏବଂ ରାଷ୍ଟ୍ର ସେବାର ଆଦର୍ଶକୁ ଆଗକୁ ବଢ଼ାଉଛନ୍ତି, ସଂସ୍ଥା ନିର୍ମାଣ କରୁଛନ୍ତି, ସ୍ଥିରତା ରକ୍ଷା କରୁଛନ୍ତି, ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି ଏବଂ ସାମ୍ବିଧାନିକ ନୈତିକତାକୁ ବଜାୟ ରଖିଛନ୍ତି ।

## ଜମି ହଡ଼ପ କରିଥିଲେ ଅଲ୍-ଫଲାହ ଚାନ୍ସେଲର୍

**ନୂଆଦିଲ୍ଲୀ:** ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଚାନ୍ସେଲର ଜାଭେଦ୍ ଅହମଦ ସିଦ୍ଦିକି ଦିଲ୍ଲୀର ମଦନପୁର ଖାଦରରେ ମୃତ ହିନ୍ଦୁ ଜମି ମାଲିକଙ୍କ ନାଁରେ ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ଅଭିଯୋଗ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଏଜେନ୍ସି ଅନୁଯାୟୀ, ଖସରା ନମ୍ବର ୭୯୨ରେ ଥିବା ଜମି ଏକ ମିଥ୍ୟା ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି (ଜିପିଏ) ବଳରେ ସିଦ୍ଦିକିଙ୍କ ସହ ଜଡ଼ିତ ଏକ ଟ୍ରଷ୍ଟ ତାର୍ବିୟା ଏଜୁକେସନ୍ ଫାଉଣ୍ଡେସନକୁ ହସ୍ତାନ୍ତର କରାଯାଇଥିଲା । ଜିପିଏ ହେଉଛି ଏକ ଆଇନଗତ ଦସ୍ତାବିଜ ଯାହା ଜଣେ ବ୍ୟକ୍ତିଙ୍କୁ ସମ୍ପତ୍ତି ଓ ଆର୍ଥିକ କାରବାର ସମେତ ବ୍ୟାପକ ପ୍ରସଙ୍ଗରେ ଅନ୍ୟ ଜଣଙ୍କ ତରଫରୁ କାର୍ଯ୍ୟ କରିବା, ଦସ୍ତଖତ କରିବା ଓ ନିଷ୍ପତ୍ତି ନେବାକୁ ଅନୁମତି ଦେଇଥାଏ । ଇଡି କହିଛି ଯେ ଦସ୍ତାବିଜରେ ଥିବା ଅନେକ ଜମି ମାଲିକ ୧୯୭୨ରୁ ୧୯୯୮ ମଧ୍ୟରେ ମୃତ୍ୟୁବରଣ କରିଥିଲେ, ତଥାପି ଜାନୁଆରି ୭, ୨୦୦୪ରେ ସେମାନଙ୍କ ନାମରେ ଏକ ଜିପିଏ ସୃଷ୍ଟି କରାଯାଇଥିଲା ଏବଂ ପରେ ଜମିକୁ ପୁନଃପଞ୍ଜୀକୃତ କରିବା ପାଇଁ ବ୍ୟବହାର କରାଯାଇଥିଲା । ଅନୁସନ୍ଧାନ ଜାରି ରହିଥିବାରୁ ସିଦ୍ଦିକି ବର୍ତ୍ତମାନ ଇଡି ହେପାଜତରେ ଅଛନ୍ତି । ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଆଇ-୨୦ କାର୍ ବିସ୍ଫୋରଣ ପଛରେ ଆତଙ୍କବାଦୀ ମଡ୍ୟୁଲରେ ଏହାର ତିନି ଜଣ ପ୍ରଫେସରଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଇଡି ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଜୱାଦ ଅହମଦ ସିଦ୍ଦିକିଙ୍କୁ ଗିରଫ କରିଥିଲା ।

# ଆପୋଷ କଥାବାର୍ତ୍ତାରେ ନେତୃତ୍ୱ ବିବାଦର ସମାଧାନ

**ବେଙ୍ଗାଲୁରୁ:** କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ବିବାଦ ଶନିବାର ନେଇଛି ନାଟକୀୟ ମୋଡ଼ । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏକାଠି ସକାଳ ଜଳଖିଆ କରିବା ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ଯେ ସେମାନଙ୍କ ମଧ୍ୟରେ କୌଣସି ମନାନ୍ତର ନାହିଁ କି ଭବିଷ୍ୟତରେ ବି ହେବାର ନାହିଁ । ଅନ୍ୟପକ୍ଷରେ କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କ ହସ୍ତକ୍ଷେପ ପରେ ଉଭୟ ନେତାଙ୍କ ମଧ୍ୟରେ ବଡ଼ ଡିଲ୍ ହୋଇଥିବା ସୂଚନା ମିଳିଛି ।

ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଥିଲେ, ଆମର ଲକ୍ଷ୍ୟ ହେଉଛି ୨୦୨୮ ବିଧାନସଭା ନିର୍ବାଚନ । ସେହିଭଳି ମ୍ୟୁନିସିପାଲିଟି ଓ ପଞ୍ଚାୟତ ନିର୍ବାଚନ ଆମ ପାଇଁ ଗୁରୁତ୍ୱ ବହନ କରେ । ଆମେ ସେହି ବିଷୟରେ ଆଲୋଚନା କଲୁ । ସେହିଭଳି ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ବିବାଦକୁ ନେଇ ସେ କହିଥିଲେ, ଆମେ ନିଷ୍ପତ୍ତି ନେଇଛୁ ଯେ ହାଇକମାଣ୍ଡ ଯାହା କହିବେ, ଆମେ ତାକୁ ମାନିବୁ । ଆସନ୍ତାକାଲିଠାରୁ ଆଉ କିଛି ଦ୍ୱନ୍ଦ୍ୱ ରହିବ ନାହିଁ ।ଏବେ ସୁଦ୍ଧା କୌଣସି ଦ୍ୱନ୍ଦ୍ୱ ନାହିଁ । ବିଜେପି ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଥିଲେ ଯେ ମିଛ କହିବା ବିଜେପି ଓ ଜେଡିଏସର ଅଭ୍ୟାସ । ସେମାନେ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି କହୁଛନ୍ତିଛ ସେମାନଙ୍କର କେବଳ ୬୦ ଓ ୧୮ ଜଣ ସଦସ୍ୟ ଅଛନ୍ତି । ଆମର ୧୪୦ ସଦସ୍ୟ ଅଛନ୍ତି ।ତେଣୁ ସେମାନଙ୍କ ଅନାସ୍ଥା ପ୍ରସ୍ତାବ ଏକ ବ୍ୟର୍ଥ ପ୍ରୟାସ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଉପସ୍ଥିତ ଥିଲେ । ସେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଭଳି କହିଥିଲେ । ସେ ନିଜକୁ କଂଗ୍ରେସର ବିଶ୍ୱସ୍ତ ସୈନିକ କହିଥିଲେ ଓ କଂଗ୍ରେସ ହାଇକମାଣ୍ଡ ସମନ ପାଇଲେ ଦିଲ୍ଲୀ ଯିବେ ବୋଲି କହିଥିଲେ ।



ଶିବକୁମାର କହିଥିଲେ, ଯେତେଦୂର ନେତୃତ୍ୱ କଥା ଉଠୁଛି, ସେଥିରେ ଆମେ ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ଅନୁସରଣ କରିବୁ । ହାଇକମାଣ୍ଡ ଯାହା କହିବେ, ତାହା ଆମ ନିଷ୍ପତ୍ତି ହେବ । ଆମେ ଦଳର ବିଶ୍ୱସ୍ତ କର୍ମୀ । ଆମେ ଜାଣିଛୁ, ଦେଶରେ ଦଳ ଏବେ ଏକ ଦୁଃସ୍ଥ ସମୟ ଦେଇ ଗତି କରୁଛି । କିନ୍ତୁ ଆମେ ଜାଣିଛୁ କର୍ଣ୍ଣାଟକା ଏକ ପ୍ରମୁଖ ଭୂମିକା ନିର୍ବାହ କରିବ । ଆମେ ୨୦୨୮ରେ ପୁଣି ସରକାର ଗଠନ କରିବୁ । ତା' ସହିତ ୨୦୨୯ ସାଧାରଣ ନିର୍ବାଚନରେ ମଲ୍ଲିକାର୍ଜୁନ ଖଡଗେ ଓ ରାହୁଲଙ୍କ ନେତୃତ୍ୱରେ ଦଳ ଭଲ କରିବ ।

## ହାଇଦ୍ରାବାଦରେ ସ୍କାଏରୁଟର ଇନଫିନିଟି କ୍ୟାମ୍ପସ ଉଦଘାଟନ




**ହାଇଦ୍ରାବାଦ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତେଲଙ୍ଗାନାର ହାଇଦ୍ରାବାଦରେ ସ୍କାଏରୁଟର ଇନଫିନିଟି କ୍ୟାମ୍ପସକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ଦେଶର ମହାକାଶ କ୍ଷେତ୍ରରେ ଅଭୂତପୂର୍ବ ସୁଯୋଗ ସୃଷ୍ଟି ହୋଇଛି । ଭାରତର ମହାକାଶ ଇକୋସିଷ୍ଟମ ଘରୋଇ କ୍ଷେତ୍ରର ସମ୍ପୃକ୍ତି ସହ ଉଲ୍ଲେଖନୀୟ ପ୍ରଗତି ହାସଲ କରୁଛ । ସ୍କାଏରୁଟର ଇନଫିନିଟି କ୍ୟାମ୍ପସ ଭାରତର ନୂତନ ଚିନ୍ତାଧାରା, ନବସୃଜନ ଓ ଯୁବଶକ୍ତିକୁ ପ୍ରତିଫଳିତ କରେ ଏବଂ ଦେଶର ଯୁବପିଢ଼ିଙ୍କ ନବସୃଜନ, ବିପଦ ଗ୍ରହଣ କ୍ଷମତା ଓ ଉଦ୍ୟମିତା ନୂତନ ଉଚ୍ଚତାରେ ପହଞ୍ଚିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ କହିଥିଲେ, ଆଜିର କାର୍ଯ୍ୟକ୍ରମ ଆଗାମୀ ସମୟରେ ବିଶ୍ୱ ଉପଗ୍ରହ ପ୍ରକ୍ଷେପଣ ଇକୋସିଷ୍ଟମରେ ଭାରତ କିପରି ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ଉଭା ହେବାକୁ ଯାଉଛି ତାହାର ପ୍ରତିଫଳନ । ପ୍ରଧାନମନ୍ତ୍ରୀ ପବନ କୁମାର ଚନ୍ଦନା ଏବଂ ନାଗା ଭରତ ଡାକାଙ୍କୁ ଶୁଭକାମନା ଜଣାଇଥିଲେ । ସେ କହିଥିଲେ ଯେ ଏହି ଦୁଇ ଯୁବ ଉଦ୍ୟୋଗୀ ଦେଶର ଅଗଣିତ ଯୁବ ମହାକାଶ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣା । ଉଭୟ ନିଜ ଉପରେ ବିଶ୍ୱାସ କରିଥିଲେ, ସାହସିକ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଇ ନଥିଲେ, ଏବଂ ଫଳସ୍ୱରୂପ ସମଗ୍ର ଦେଶ ଆଜି ସେମାନଙ୍କର ସଫଳତା ଦେଖୁଛି, ଦେଶ ସେମାନଙ୍କୁ ନେଇ ଗର୍ବିତ ଅନୁଭବ କରୁଛି ବୋଲି ସେ କହିଥିଲେ ।

# ଆଜି ଭାରତ-ଦ.ଆଫ୍ରିକା ପ୍ରଥମ ଦିନିକିଆ





ରାଞ୍ଚି,୨୯।୧୧(ଏଜେନ୍ସି): ଟେଷ୍ଟ ଶୃଙ୍ଖଳା କ୍ଲିନସୁଇପ୍ ହେବା ପରେ ଟିମ୍ ଇଣ୍ଡିଆ ଦିନିକିଆ ମୈଦାନକୁ ଓହ୍ଲାଇବାକୁ ଯାଉଛି। ଭାରତ ଓ ଭ୍ରମଣକାରୀ ଦ.ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ ରାଞ୍ଚିରେ ଖେଳାଯିବ। ଭାରତୀୟ ସମୟ ଅପରାହ୍ଣ ୧.୪୫ରେ ମ୍ୟାଚ ଆରମ୍ଭ ହେବ। ଏହି ମ୍ୟାଚ ପାଇଁ ଭାରତୀୟ ମ୍ୟାଚ ଚୂଡ଼ାନ୍ତ ଏକାଦଶ ପ୍ରାୟତଃ ସ୍ପଷ୍ଟ ହୋଇସାରିଥିବା କୁହାଯାଉଛି। ତେବେ ନମ୍ବର ୪ ଓ ୬କୁ ନେଇ ଦ୍ୱନ୍ଦ୍ୱ ରହିଛି। ଶୁଭମନ ଗିଲଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଦିନିକିଆ ଦଳର ଅଧିନାୟକ ପଦକ ସମ୍ଭାଳିବେ। ଏହାସହ ୱିକେଟକିପିଂ ମଧ୍ୟ କରିବେ। ରୋହିତ ଶର୍ମାଙ୍କ ସହ ଯଶସ୍ୱୀ ଜୟସ୍ୱାଲ ଇନିଂସ କରିପାରନ୍ତି। ରୋହିତ ଇନିଂସ ଓପନ କଲେ ଡାହାଣ, ବାମ କମ୍ବିନେସନ ରହିବ। କୋହଲି ୩ ନମ୍ବରରେ ପଡିଆକୁ ଓହ୍ଲାଇବେ। ଋତୁରାଜ ଗାଏକ୍ୱାର୍ଡ, ତିଲକ ବର୍ମା ଓ ରିଷଭ ପନ୍ତ ୪ରୁ ୬ ନମ୍ବର ମଧ୍ୟରେ ବ୍ୟାଟିଂ କରିବାକୁ ଆସିବେ। ଯଦି ପନ୍ତ ଖେଳିପାରନ୍ତି ତେବେ ନଂ. ୫ ସ୍ଥାନରେ ରାହୁଲ ବ୍ୟାଟିଂ କରିବାର ସମ୍ଭାବନା ଅଛି। ତେବେ ମ୍ୟାଚର ସ୍ଥିତି ଏବଂ ବିପକ୍ଷ ଦଳର ବୋଲିଂ ଆକ୍ରମଣକୁ ଦେଖି ୪ରୁ ୬ ନମ୍ବର ପର୍ଯ୍ୟନ୍ତ ଖେଳାଳିଙ୍କ କ୍ରମରେ ଅଦଳବଦଳ କରାଯାଇପାରେ। ରବିନ୍ଦ୍ର ଜାଡେଜା ଚୂଡାନ୍ତ ଏକାଦଶରେ ରହିବା ନିଶ୍ଚିତ। ୱାଶିଂଟନ ସୁନ୍ଦର ଓ ନୀତିଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣଙ୍କୁ ଖେଳିବାର ସୁଯୋଗ ମିଳିପାରେ। କୁଳଦୀପ ଯାଦବ ସ୍ପିନର ଭାବେ ରହିବେ। ବୁମରା ଓ ମହମ୍ମଦ ସିରଜଙ୍କୁ ନିଷ୍ପତ୍ତି ବିଶ୍ରାମ ଦିଆଯାଇଛି। ଦ୍ରୁତ ବୋଲର ଭାବେ ହର୍ଷିତ ରାଣା ଓ ଅର୍ଶଦୀପ ସିଂଙ୍କୁ ସୁଯୋଗ ମିଳିବ। ରାଞ୍ଚି ପିଚ୍ ସ୍ପିନରଙ୍କୁ ସୁହାଇପାରେ। କିନ୍ତୁ ଘାସ ଥିବାରୁ ଦ୍ରୁତ ବୋଲରଙ୍କୁ ଫାଇଦା ମିଳିବ। ତେଣୁ ନୀତିଶ କୁମାର ରେଡ୍ଡୀ ସୁଯୋଗ ପାଇପାରନ୍ତି।

ସମ୍ଭାବ୍ୟ ଦଳ: ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଋତୁରାଜ ଗାଏକ୍ୱାର୍ଡ, ଲୋକେଶ ରାହୁଲ, ତିଲକ ବର୍ମା, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ନୀତିଶ କୁମାର ରେଡ୍ଡୀ, ହର୍ଷିତ ରାଣା, କୁଳଦୀପ ଯାଦବ ଓ ଅର୍ଶଦୀପ ସିଂ।

## ୧୦ ବର୍ଷ ହେବ ଶୃଙ୍ଖଳା ଜିତିନି ଦ.ଆଫ୍ରିକା

ଦ.ଆଫ୍ରିକା ୨୫ ବର୍ଷ ପରେ ଭାରତରେ ଟେଷ୍ଟ ଶୃଙ୍ଖଳା ଜିତିଛି। କିନ୍ତୁ ଦିନିକିଆରେ ଭାରତ ବିପକ୍ଷରେ ଦ.ଆଫ୍ରିକାର ରେକର୍ଡ ଭଲ ନାହିଁ। ବିଗତ ୧୦ ବର୍ଷ ହେବ ଦ.ଆଫ୍ରିକା ଦଳ ଭାରତର ଆଦୌ ଦିନିକିଆ ଶୃଙ୍ଖଳା ଜିତି ନାହିଁ। ଏହି ନିରାଶଜନକ ରେକର୍ଡକୁ ଭାଙ୍ଗିବା ପାଇଁ ରବିବାର ଠୁ ଦ.ଆଫ୍ରିକା ଅଭିଯାନ ଆରମ୍ଭ କରିବ। ଏବେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଉପରେ ସମସ୍ତ ନଜର ରହିଛି। ନଭେମ୍ବର ୩୦, ଡିସେମ୍ବର ୩ ଓ ଡିସେମ୍ବର ୬ରେ ମ୍ୟାଚ ଖେଳାଯିବ। ଭାରତ ଓ ଦ.ଆଫ୍ରିକା ମଧ୍ୟରେ ୫୮ଟି ଦିନିକିଆ ମ୍ୟାଚ ଖେଳାଯାଇଛି। ଭାରତ ୨୭ଟି ଜିତିଛି। ଦ.ଆଫ୍ରିକା ୩୦ଟି ଜିତିଛି। ଗୋଟିଏ ମ୍ୟାଚ ଡ୍ର' ରହିଥିଲା। ଯଦି ଭାରତ ୩-୦ରେ ବିଜୟ ହାସଲ କରେ ତେବେ ଉଭୟ ଦଳର ବିଜୟ ଓ ପରାଜୟ ରେକର୍ଡ ସମାନ ହୋଇଯିବ। ଏତଦ ବ୍ୟତୀତ ଉଭୟ ଦେଶ ମଧ୍ୟରେ ୧୫ଟି ଦିନିକିଆ ଶୃଙ୍ଖଳା ଖେଳାଯାଇଛି। ଏଥିରେ ଭାରତ ୮ଟି ଓ ଦ.ଆଫ୍ରିକା ୬ଟି ଶୃଙ୍ଖଳା ଜିତିଛି। ଶେଷଥର ପାଇଁ ଉଭୟ ଦଳ ମଧ୍ୟରେ ୨୦୨୩ରେ ଦିନିକିଆ ଶୃଙ୍ଖଳା ଖେଳାଯାଇଥିଲା। ଏହାକୁ ଭାରତ ୨-୧ରେ ଜିତିଥିଲା।। ଉଭୟ ଦଳ ଭାରତରେ ୨୪ଟି ଦିନିକିଆ ଖେଳିଛନ୍ତି। ଭାରତ ୧୪ଟି ଓ ଦ.ଆଫ୍ରିକା ୧୦ଟି ଜିତିଛି। ସେହିଭଳି ଭାରତରେ ୭ଟି ଶୃଙ୍ଖଳା ଖେଳାଯାଇଛି। ଏଥିରେ ଭାରତ ୫ଟି ଜିତିଥିବା ବେଳେ ଦ.ଆଫ୍ରିକା ଗୋଟିଏ ଜିତିଛି ଓ ଗୋଟିଏ ଡ୍ର' ରହିଥିଲା। ଶେଷଥର ପାଇଁ ୨୦୧୫ରେ ଏବି ଡିଭିଲିୟର୍ସଙ୍କ ଅଧିନାୟକତ୍ୱରେ ଦ.ଆଫ୍ରିକା ୩-୨ରେ ଶୃଙ୍ଖଳା ଜିତିଥିଲା।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା

# ଟ୍ରାକ ସାଇକ୍ଲିଂରେ କିଟକୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୯।୧୧(ସବ୍ୟୁ): ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ଷଷ୍ଠ ଦିନ କିଟ ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ ସଫଳତା ମିଳିଛି। ଟ୍ରାକ୍ ସାଇକ୍ଲିଂରେ କିଟ୍ ସ୍ୱର୍ଣ୍ଣ ଜିତି କୀର୍ତ୍ତିମାନ ରଚିଛି। କେବଳ ସାଇକ୍ଲିଂ ନୁହେଁ, ହକି ଏବଂ ଟେନିସରେ ମଧ୍ୟ ସଫଳତା ମିଳିଛି। ଏହି ପଦକ ସଫଳତା ସହ ୬ ଦିନ ମଧ୍ୟରେ କିଟ୍ ୫ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୮ଟି ବ୍ରୋଞ୍ଜ ସହ ମୋଟ୍ ୧୪ ପଦକ ଜିତିଛି। ଟ୍ରାକ ସାଇକ୍ଲିଂ ବ୍ୟକ୍ତିଗତ ବର୍ଗରେ ଖୋଇରମ୍ ରେଜିଆ ଦେବୀ ସ୍ୱର୍ଣ୍ଣ ଜିତିଛନ୍ତି। ଏହି ପଦକ ସଫଳତା ପରେ ଖୋଇରମ୍ ଦେବୀ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। କିଟରେ ସାଇକ୍ଲିଂ ଭେଲୋଡ୍ରମ ଯୋଗୁଁ ପର୍ଯ୍ୟାପ୍ତ ଅଭ୍ୟାସ କରିବାର ସୁଯୋଗ ମିଳିଛି। ଯଦ୍ୱାରା ସାଇକ୍ଲିଂ କ୍ରୀଡାବିତ୍ ବିଶେଷ ଉପକୃତ ହୋଇ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରୁଛନ୍ତି। ଖୋଇରମ ରେଜିଆଦେବୀ ଏହି ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ କିଟ୍ ସ୍ଥିତ ସାଇକ୍ଲିଂ ଭେଲୋଡ୍ରମରେ ପ୍ରଶିକ୍ଷଣ ନେଇଥିଲେ। ଫଳରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ମହିଳା ୩ କିଲୋମିଟର ବ୍ୟକ୍ତିଗତ ପର୍ସୁଟ୍ ଏଲିଟ୍ ଟ୍ରାକ୍ ସାଇକ୍ଲିଂ ଇଭେଣ୍ଟରେ ପ୍ରଥମ ସ୍ଥାନ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି।

ଟେନିସରେ କିଟର ଉଭୟ ପୁରୁଷ ଓ ମହିଳା ଦଳ ବିଜୟଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ଦଳରେ ଅନୁଗୁଳର ମୃତ୍ୟୁଞ୍ଜୟ



ଅନୁଗୋଳ,୨୯।୧୧(ସବ୍ୟୁ): ବର୍ଷରୁ କମ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ଓଡିଶା କ୍ରିକେଟ ଦଳରେ ଅନୁଗୋଳର ମୃତ୍ୟୁଞ୍ଜୟ ଦାସ ସାମିଲ ହୋଇଛନ୍ତି। ବର୍ତ୍ତମାନ ସେ ସରକାରି ପଲିଟେକନିକ୍ ସ୍କୁଲ, ଅନୁଗୋଳରେ ଅଧ୍ୟୟନ କରୁଛନ୍ତି। ତାଙ୍କର ପିତା ଶଶାଙ୍କ ଦାସ ଏବଂ ମାତା ଏଲିନା ଦାସ। ଅନୁଗୋଳରେ ଜୟକୃଷ୍ଣ ରାଉତଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଉପ ସଭାପତି ପ୍ରଭାତ କୁମାର ସିହ୍ନା, ସମ୍ପାଦକ ସାଗର ମିଶ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଇନୋଭାରେ କପ୍

# ରୟାଲ, ଇନୋଭାରେ, ଇନଫୋସିସ୍ ବିଜୟୀ



ଭୁବନେଶ୍ୱର,୨୯।୧୧(ସବ୍ୟୁ): ଇନୋଭାରେ କପ୍ କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ଇଡକୋ, ସୋଆ ଏବଂ ରେଲବାଇ ଷ୍ଟାଡିୟମରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଇଡକୋ ଷ୍ଟାଡିୟମରେ ରୟାଲ ରେଞ୍ଜର୍ସ ଏବଂ ଇନୋଭାରେ ବିଜୟୀ ହୋଇଛନ୍ତି। ସୋଆ ଷ୍ଟାଡିୟମରେ ଇନଫୋସିସ୍ ଏବଂ ସିସିସି ଜିତିଥିବା ବେଳେ ରେଲବାଇ ଷ୍ଟାଡିୟମରେ ମାଭେରିକ୍ସ ଏବଂ କର୍ପୋରେଟ୍ ଏକାଦଶ ବିଜୟଲାଭ କରିଛନ୍ତି।

ଇଡ଼କୋ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ରୟାଲ ରେଞ୍ଜର୍ସ ୧୮ ରନ୍ ବ୍ୟବଧାନରେ ସାଫେରିକ୍ସକୁ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଇନୋଭାରେ ଦଳ ୭୭ ରନରେ କିଟ୍ ଦଳକୁ ଧରାଶାୟୀ କରିଥିଲା। ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇନଫୋସିସ୍ ୨୬ ରନ୍ ବ୍ୟବଧାନରେ ଆରସିସିକୁ ପରାଜିତ କରିଛି। ଦ୍ୱିତୀୟ ମ୍ୟାଚରେ ସିସିସି ୫ ୱିକେଟରେ ଫୋର୍ସ ଏକାଦଶକୁ ହରାଇଥିଲା। ରେଲବାଇ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମାଭେରିକ୍ସ ୬ ୱିକେଟରେ ଷ୍ଟାଟଅପ୍ ଏକାଦଶକୁ ପରାଜିତ କରିଛି। ଦ୍ୱିତୀୟ ମ୍ୟାଚରେ କର୍ପୋରେଟ୍ ଏକାଦଶ ୭ ୱିକେଟରେ ଲୟର୍ସ ଏକାଦଶକୁ ପରାଜିତ କରିଥିଲା।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ: ଆଇଆରବି ଚାମ୍ପିଅନ




ଖୋର୍ଦ୍ଧା,୨୯।୧୧(ସବ୍ୟୁ):ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଆଇଆରବି ଦଳ ପଳାଶ ପୁର ଦଳ କୁ ୫ ୱିକେଟରେ ପରାସ୍ତ କରିଛି । ପଳାଶ ପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୬ ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା। ଜବାବ ଆଇ ଆର ବି ଦଳ ୧୪ ଓଭରରେ ଆବଶ୍ୟକ ୧୩୮ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଦଳ ପକ୍ଷରୁ ହେମନ୍ତ ପ୍ରଧାନ ଧୂଆଁଧାର ୩୧ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ (ମିନି ନନ୍ ଆଧାର) ଟସରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା।ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସତ୍ୟ ସୁନ୍ଦର ପଟ୍ଟନାୟକ ୩୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ମୁକୁନ୍ଦ ପ୍ରସାଦ ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୧୦ ୱିକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଯାଇଥିଲା ଯାଆଁଳା ଦଳ ଏହି ମ୍ୟାଚ୍ କୁ ୪୮ ରନ୍ ରେ ଜିତି ନେଇ ଚାମ୍ପିଅନ ହେଇଥିଲା। (ଆଧାର)ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୁଶିଲ ପ୍ରଧାନ,ଶ୍ରେଷ୍ଠ ବୋଲର ବସନ୍ତ ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସୁଶିଲ ପ୍ରଦାନ ପୁରସ୍କୃତ ହୋଇଥିଲେ। ସେହିପରି( ମିନି ନନ ଆଧାର) ରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୌମ୍ୟ ରଞ୍ଜନ ଜେନା, ଶ୍ରେଷ୍ଠ ବୋଲର ପଙ୍କଜ ନାୟକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ସ୍ୱାଇଁ ପୁରସ୍କୃତ ହୋଇଥିଲେ। ଆଜିର ସଭାରେ ମୁଖ୍ୟଅତିଥି ଭାବରେ ଜଟଣୀ ନିର୍ବାଚନମଣ୍ଡଳୀର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ସଭାପତି (ବିଜେପି) ବିଶ୍ୱ ରଞ୍ଜନ ବଡ଼ଜେନା,ଟାଙ୍ଗିଆ ପଡ଼ା ଗ୍ରାମ ପଞ୍ଚାୟତ ର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ରାଇଜିଂ ଷ୍ଟାର କ୍ଲବ ର ସଭାପତି ସଞ୍ଜୟ ପାଇକରାୟ,ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତସିଂହାର,ସମାଜସେବୀ ରାମ ଚନ୍ଦ୍ର ସାମନ୍ତରାୟ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ,ତୁଷାର କାନ୍ତ ସୁନ୍ଦରାୟ ଓ ସୋଭକର ପାତ୍ର । ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ, ପାର୍ଥ ସାରଥୀ ରାଉତରାୟ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ୩୦/୧୧/୨୫ ରବିବାର ଫାଇନାଲ ମ୍ୟାଚ୍ (ନନ୍ ଆଧାର) ମଞ୍ଚେଶ୍ୱର୍ ବନାମ ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ଜାତୀୟସ୍ତରୀୟ ଭାରୋତ୍ତୋଳନ ଦୁଇ ବ୍ରୋଞ୍ଜ ପଦକ

ବେତନଟୀ/ବାରିପଦା,୨୯।୧୧(ସବ୍ୟୁ): କୋଲକାତାର ଖୁଦୀରାମ ଷ୍ଟାଡିୟମରେ ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନରେ ପରିଚାଳିତ ପୂର୍ବଭାରତ( ଇଷ୍ଟଜୋନ)ର ଜାତୀୟସ୍ତରୀୟ ଭାରତ୍ତୋଳନରେ ଅଂଶଗ୍ରହଣ କରି ଦୁଇଟି ବର୍ଗରେ ଦୁଇଦୁଇଟି କାଂସ୍ୟପଦକ ଅର୍ଜନ କରି ନିଜ ରାଜ୍ୟ ଓଡିଶା ତଥା ସମଗ୍ର ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଦେଲେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ନଙ୍ଗଳକଟା ସ୍ଥିତ ଶକ୍ତିମାନ ଜିମ୍ନାସିୟମର ଭାରତ୍ତୋଳନକାରୀ ମୀନା ସିଂ । ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ପ୍ରସିକ୍ଷକ ପରେଶଚନ୍ଦ୍ର ମହାନ୍ତଙ୍କ ନିକଟରେ ଭାରତ୍ତୋଳନର ପ୍ରଶିକ୍ଷଣ ନେଉଥିବା ମୀନା ସିଂ ଉଭୟ କନିଷ୍ଠ ଏବଂ ବରିଷ୍ଠ ବିଭାଗର ୫୩କିଲୋଗ୍ରାମ ବର୍ଗରେ ସ୍ନାଚ ୬୨କେଜି ଏବଂ କ୍ଲିନ ଏଣ୍ଡ ଜାର୍କ ୭୯କେଜି ଏହିପରି ସର୍ବମୋଟ ୧୪୧ କିଲୋଗ୍ରାମର ଭାରତ୍ତୋଳନ କରି ଦୁଇଦୁଇଟି କ୍ୟାସ୍ୟ (ବ୍ରଞ୍ଜ) ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଉତ୍ତର ଭାତ୍ର ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣ କରିଥିବା ବଛାବଛା ପ୍ରତିଯୋଗୀଙ୍କୁ ପଛରେ ପକାଇ ମୀନା ସିଂଙ୍କ ଏହି ସଫଳତା ଓଡିଶା ତଥା ସମଗ୍ର ମୟୂରଭଞ୍ଜ ପାଇଁ ଆଣିଦେଇଛି ଗର୍ବ ଏବଂ ଗୌରବ ମୀନା ସିଂଙ୍କ ଏହି ସଫଳତା ପରେ ଅନ୍ତର୍ଜାତୀୟ ଭାରତ୍ତୋଳନକାରୀ ମନ୍ଦାକିନୀ ମହାନ୍ତଙ୍କ ସମେତ ମୟୂରଭଞ୍ଜ ଓ୍ୱେଟଲିଫଟିଂ ଏସୋସିଏସନର ସଭାପତି ତଥା ଓଡିଶା ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନବକୁମାର ସାହୁ, ଉପସଭାପତି ସଂଗ୍ରାମ କେଶରୀ ଦେବ, ଜୀତେନ୍ଦ୍ର ବେହେରା, ଜୀତେନ୍ଦ୍ର ବେହେରା, ଶୁକୁଲ ମୁର୍ମୁ, ଯୁଗ୍ମସମ୍ପାଦକ ତରୁଣ ମହାନ୍ତି, ସମ୍ପାଦକ ହରିନାରାୟଣ ମହାନ୍ତ, କୋଷାଧ୍ୟକ୍ଷ ବିଜୟଚନ୍ଦ୍ର ଦାସ, ଉପଦେଷ୍ଟା ପ୍ରିୟବ୍ରତ ଦାସ, ଲୋହିତ ଦାସ, ମନୋଜ ରାଉତ, ଇଂ. ବିପ୍ଳବ ରଞ୍ଜନ ବୁଗୁଡେଇ, ହିମାଂଶୁ ଶେକର ମହାନ୍ତ, ରଜତ ମହାନ୍ତ, ସୁରଜ ଲୋହାର, ରବୀନ୍ଦ୍ର ହାଁସଦା, ମନୋଜ ମହାନ୍ତ ପ୍ରମୁଖ କୃତୀ ଭାରତ୍ତୋଳନକାରୀ ମୀନା ସିଂଙ୍କ ସମେତ ପ୍ରଶିକ୍ଷକ ପରେଶଚନ୍ଦ୍ର ମହାନ୍ତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି ।




# ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

ଜଟଣୀ ,୨୯।୧୧(ସବ୍ୟୁ): ଓଁ ଏବଂ ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟ ସ୍ତରର ଭଲିବଲ ଖେଳାଳୀ ତଥା ଭଲିବଲ ଖେଳର ପ୍ରଶିକ୍ଷଣ ଶିକ୍ଷକ ଜଗନ୍ନାଥ ଦାଶ ଏବଂ ପୁରୀଜିଲ୍ଲା ଗୋଡ଼ିପୁଟ ମାଟିଆ ପଡ଼ା ପଞ୍ଚାୟତର ଜଣେ ଦକ୍ଷ ରାଜନୈତିଜ୍ଞ ରୂପେ ପରିଚିତ ମଳୟ ମହାନ୍ତି ଯୋଗଦେଇ କ୍ରୀଡାର ମହତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରଙ୍ଗନାଥ ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ସୁଶାନ୍ତ କୁମାର ସୁବୁଦ୍ଧି କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ।ଏହି କ୍ରୀଡାରେ ଶିଶୁ ବିଭାଗର ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିଥିମାନେ କ୍ରୀଡା ଉତ୍ସବରେ ଯୋଗ ଦେଇ ଶିଶୁମନ୍ଦିରର ପାଠପଢା ସହ ଶାରୀରିକ ପଦର୍ଶନ ଉଚ୍ଚକୋଟୀର ବୋଲି ଅଭିହିତ କରିଥିଲେ। କ୍ରୀଡା ବିବରଣୀ ବିଦ୍ୟାଳୟର କ୍ରୀଡା ଶିକ୍ଷକ ହିମାଂଶୁ ବାରିକଙ୍କ ସହ ସମସ୍ତ ଗୁରୁଜୀ ଏବଂ ଗୁରୁମା ଏଥିରେ ସହଯୋଗ କରିଥିଲେ। ଶେଷରେ ଗୁରୁମା ଲକି ଶାସମଲ ଧନ୍ୟବାଦ ଅର୍ପଣ କରିଥିଲେ।




# ସ୍ୱିଜରଲାଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ, ଦ.ଆଫ୍ରିକା, ଫ୍ରାନ୍ସ ବିଜୟୀ

## ■ ଜୁନିୟର ହକି ବିଶ୍ୱକପ୍




ଚେନ୍ନାଇ,୨୯।୧୧(ଏଜେନ୍ସି): ଏଫଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପର ଦ୍ୱିତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ସ୍ୱିଜରଲାଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ, ଦ.ଆଫ୍ରିକା, ଫ୍ରାନ୍ସ, ମାଲେସିଆ ଓ ନେଦରଲାଣ୍ଡସ ବିଜୟଲାଭ କରିଛନ୍ତି। ଚେନ୍ନାଇ ଓ ମଦୁଇରାଇରେ ଖେଳାଯାଇଥିବା ମ୍ୟାଚ ଗୁଡିକରେ ହଟଚମଟ ଦେଖିବାକୁ ମିଳିଥିଲା। ମଦୁରାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ନେଦରଲାଣ୍ଡସ ୫-୩ ଗୋଲରେ ଇଂଲଣ୍ଡକୁ ପରାଜିତ କରି ଆଗକୁ ବଢ଼ିଛି। ଦ୍ୱିତୀୟ ମ୍ୟାଚରେ ମାଲେସିଆ ୫-୧ ଗୋଲରେ ଅଷ୍ଟ୍ରିଆକୁ ପରାଜିତ କରିଛି। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଫ୍ରାନ୍ସର ଗୋଲବର୍ଷା ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଫ୍ରାନ୍ସ ୧୧-୧ ଗୋଲରେ କୋରିଆକୁ ଧରାଶାୟୀ କରିଥିଲା। ମଦୁରାଇରେ ଖେଳାଯାଇଥିବା ମ୍ୟାଚରେ ଦ.ଆଫ୍ରିକା ୨-୧ ଗୋଲରେ ଶକ୍ତିଶାଳୀ ଆୟର୍ଲାଣ୍ଡକୁ ଧରାଶାୟୀ କରିଥିଲା। ଚେନ୍ନାଇରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ --୩ ଗୋଲରେ ବାଂଲାଦେଶକୁ ହରାଇଥିଲା। ସେହିଭଳି ମଦୁରାଇ ମ୍ୟାଚରେ ଜର୍ମାନୀ ୭-୦ ଗୋଲରେ କାନାଡାକୁ ଧରାଶାୟୀ କରିଛି। ଚେନ୍ନାଇର ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସ୍ୱିଜରଲାଣ୍ଡ ୩-୨ ଗୋଲରେ ଚିଲିକୁ ହରାଇଛି।

ଦିନକ ଆଗରୁ ଭାରତୀୟ ଦଳ ୭-୦ ଗୋଲରେ ଚିଲିକୁ ଧରାଶାୟୀ କରି ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚରେ ଭାରତ ପକ୍ଷରୁ ରୋସନ କୁଜୁର ୨ଟି, ଦିଲରାଜ ସିଂ ୨ଟି, ଅଜିତ ଯାଦବ ଗୋଟିଏ, ଅନମୋଲ ଏକ୍କା ଗୋଟିଏ ରୋହିତ ଗୋଟିଏ ଗୋଲସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚରେ ଭାରତ ଓମାନକୁ ଭେଟିଛି।

# ସର୍ବଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ: ସୁନ୍ଦରଗଡ - ମରାଠା ଏକାଦଶ ଟାଇଟଲ ମୁକାବିଲା

ଭଞ୍ଜନଗର,୨୯।୧୧(ସବ୍ୟୁ): ସ୍ଥାନୀୟ କବିସମ୍ରାଟ ଷ୍ଟାଡିୟମରେ ପରିସରରେ ଆୟୋଜିତ ସର୍ବ ଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ରେ ଜେଡି କ୍ଲବ ଫୁଲବାଣୀର ଫାଇନାଲ ମ୍ୟାଚ ଖେଳିବା ଆଶା ଧୂଳିସାତ ହୋଇଯାଇଛି । ସଂଘର୍ଷପୂର୍ଣ୍ଣ ସେମି ଫାଇନାଲ ମ୍ୟାଚ ରେ ଶେଷ ଯାଏଁ ଜେଡି କ୍ଲବ ଫୁଲବାଣୀ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ ଶେଷରେ ପେନାଲଟିକ ସୁଟ ଆଉଟ ରେ ୪-୩ ଗୋଲ ବ୍ୟବଧାନରେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି । ରବିବାର ମରାଠା ଏକାଦଶ ଓ ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଶନିବାର ସ୍ଥାନୀୟ କବିସମ୍ରାଟ ଷ୍ଟାଡିୟମରେ ଆୟୋଜିତ ସେମି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିଜିତ ପାଢୀ, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ସୁବାସ ଚନ୍ଦ୍ର ବରାଡ, କୁବେର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରିଥିଲେ । ଆୟୋଜକ କମିଟି ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ, ଉପସଭାପତି ଧୀରେଶ ମହାନ୍ତି ଅନ୍ୟ କାର୍ଯ୍ୟକର୍ତ୍ତା ଙ୍କ ସହ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଖେଳାଳି ମାନଙ୍କ ସହ ପରିଚିତ କରାଇଥିଲେ । ଶନିବାର ଜେଡି କ୍ଲବ ଫୁଲବାଣୀ ଓ ମରାଠା ଏକାଦଶ ମଧ୍ୟରେ ଖେଳାଯାଇଥିବା ଏହି ଉତ୍କର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ ପଡ଼ିଆରେ ଭରପୁର ଦର୍ଶକ ଉପସ୍ଥିତ ରହିଥିଲେ । ଆରମ୍ଭ ରୁ ଜେଡି କ୍ଲବ ଫୁଲବାଣୀ ବେଶ ପ୍ରଭାବ ବିସ୍ତାର କରି ଖେଳିଥିଲା । ଆଉ ମରାଠା କ୍ଲବ ଗୋଲ ପୋଷ୍ଟ ଉପରେ ଘନ ଘନ ଆକ୍ରମଣ କରିଥିଲା । ଦଳର ୧୧ ନମ୍ବର ଖେଳାଳି ରାହୁଲ ଲାକ୍ରା ପ୍ରଥମେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ । ଆଉ ଦ୍ୱିତୀୟାର୍ଦ୍ଧ ରେ ମରାଠା ଏକାଦଶ ପକ୍ଷରୁ ୭ ନମ୍ବର ଖେଳାଳି ଜୁଲିଆ ଦଳ ପାଇଁ ପ୍ରଥମ ଗୋଲ କରି ମ୍ୟାଚ କୁ ସମାନ ସ୍ଥିତି କୁ ଆଣିଥିଲେ । ଅମିମାଂସିତ ଭାବେ ମ୍ୟାଚ ଶେଷ ହୋଇଥିବା ବେଳେ ଶେଷରେ ଟ୍ରାଇବ୍ରେକର ର ଆଶ୍ରୟ ନିଆଯାଇଥିଲା । ଏଥିରେ ଭାଗ୍ୟ ଶାଳୀ ସାବ୍ୟସ୍ତ ହୋଇ ମରାଠା ଏକାଦଶ ୪-୩ ଗୋଲ ରେ ଜେଡି କ୍ଲବ ଫୁଲବାଣୀ କୁ ପରାଜିତ କରି ଫାଇନାଲ ମ୍ୟାଚ ପାଇଁ ଯୋଗ୍ୟତା ଅର୍ଜନ କରିଛି । ମରାଠା ଏକାଦଶ ଗୋଲ କିପର ତୁଷାର ସାହୁଙ୍କୁ ଅତିଥି ମାନେ ମ୍ୟାଚ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ ।ରବିବାର ସୁନ୍ଦରଗଡ଼ ଓ ମରାଠା ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

ସୂଚନା

ସମୟ

BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି